
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୩ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 03 MARCH 2022

Vol.No. 33 ■ No. 59 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


# ଉଗ୍ର ହେବାରେ ଲାଗିଛି ୟୁକ୍ରେନ ରୁଷିଆ ଯୁଦ୍ଧ

## ତୃତୀୟ ବିଶ୍ୱଯୁଦ୍ଧ ନେଇ ଚେତାବନୀ ଦେଲା ରୁଷିଆ



ନୂଆଦିଲ୍ଲୀ, ୦୨/୦୩ : ୟୁକ୍ରେନ ବିରୋଧରେ ନିଜ ଆକ୍ରମଣ ଆହୁରି ଜୋରଦାର କରିବାରେ ଲାଗିଛି ରୁଷିଆ । ତୁହାକୁ ତୁହା ବୋମା ମାଡ ଓ ମିସାଇଲ୍ ଆଟାକରେ ଛିନଭିନ୍ ହୋଇଯାଇଛି ୟୁକ୍ରେନ । ଗୋଟିଏ ପଟେ ରାଜଧାନୀ କିଭକୁ ରୁଷ ସାମରିକ ବାହିନୀର ବିରାଟ ପଟୁଆର ମାଡି ଚାଲିଥିବାବେଳେ ସେପଟେ ଅନ୍ୟ ପ୍ରମୁଖ ସହରରେ ବି ରୁଷ ସେନାର ଆତଙ୍କ ଜାରି ରହିଛି । ଖାରକିବ ପରେ ଖାରସନରେ ବି ମିସାଇଲ ଆକ୍ରମଣ କରିଛି ରୁଷିଆ । ଗୋଟିଏ ପଟେ ୟୁକ୍ରେନକୁ ୟୁରୋପୀୟ ସଂଘରେ ସାମିଲ କରିବାକୁ ପ୍ରୟାସ ଜାରି ରହିଛି ସେପଟେ ତୃତୀୟ ବିଶ୍ୱଯୁଦ୍ଧ ନେଇ ଚେତାଇ ଦେଇଛି ରୁଷିଆ । ଉଗ୍ର ହେବାରେ ଲାଗିଛି ୟୁକ୍ରେନ ରୁଷିଆ ଯୁଦ୍ଧ । ତୃତୀୟ ବିଶ୍ୱଯୁଦ୍ଧ ନେଇ ଚେତାବନୀ ଦେଲା ରୁଷିଆ । ୟୁକ୍ରେନ୍ ଉପରେ ଜାରି ରହିଛି ରୁଷର ଆକ୍ରମଣ । ଦିନକୁ ଦିନ ଉଗ୍ରହେବାରେ ଲାଗିଛନ୍ତି ରୁଷ ସେନା । ଗୋଟିଏ ପରେ ଗୋଟିଏ ବଡ ସହରକୁ ଟାର୍ଗେଟ କରିବାରେ ଲାଗିଛନ୍ତି ରୁଷୀୟ ସେନା । ସେନା କାର୍ଯ୍ୟାଳୟ, ସରକାରୀ ଅଟ୍ଟାଳିକାକୁ ଲକ୍ଷ୍ୟ କରି ବୋମା ଓ ମିସାଇଲ ମାଡ କରୁଥିବା ରୁଷ ଏବେ ସାଧାରଣ ଲୋକଙ୍କୁ ନିଜ ଟାର୍ଗେଟ କରୁଛନ୍ତି । ଏବେ ଜନବସତି ଅଞ୍ଚଳକୁ ଟାର୍ଗେଟ କରିବାରେ ଲାଗିଛି ରୁଷୀୟ ସେନା । ସାଧାରଣ ଲୋକଙ୍କ ଘର ଉପରେ କରାଯାଉଛି ବୋମାବର୍ଷା । ଆକାଶମାର୍ଗରୁ କ୍ରୁଜ୍ ମିଜାଇଲ୍ ଆକ୍ରମଣ ପରେ ଭୟଙ୍କର ପରିସ୍ଥିତି ହୋଇଛି ଖାରକିଭରେ । ଆକ୍ରମଣ ପରେ ଉଦ୍ଧାରକାରୀ ଦଳ ପହଞ୍ଚି ଚଳାଇଛି ଉଦ୍ଧାରକାର୍ଯ୍ୟ । ଆହତ ଓ ମୃତକଙ୍କୁ ଆମ୍ବୁଲାନ୍ସରେ ଭରି ନିଆଯାଉଥିବା ଦେଖିବାକୁ ମିଳିଛି । ଭାଙ୍ଗିଯାଇଛି ଘର ଦ୍ୱାର । ପୋଡି ପାଉଁଶ ହୋଇଯାଇଛି ଜିନିଷ ପତ୍ର । ଘର ଆଗରେ ଛିଡା ହୋଇଥିବା ଗାଡି ବି ଯୁଦ୍ଧ ନିଆଁରେ ଜଳିଯାଇଛି । ୟୁକ୍ରେନର ଜିଥୋମିର ସହରରେ ରୁଷୀୟ ସେନା ଆକ୍ରମଣରେ ଧ୍ୱଂସ ବିଧ୍ୱଂସ ହୋଇଯାଇଛି ସାରା ଅଞ୍ଚଳ । ଜନବସତି ଅଞ୍ଚଳରେ ରୁଷିଆ ମିଜାଇଲ ଆକ୍ରମଣ କରୁଥିବାରୁ ସାଧାରଣ ଲୋକଙ୍କ ମୃତ୍ୟୁ ସଂଖ୍ୟା ଏବେ ବଢିବାରେ ଲାଗିଛି । ୭ମ ଦିନରେ ଯୁଦ୍ଧର ତୀବ୍ରତା ଆହୁରି ବଢିଯାଇଛି । ବୋମାମାଡ କରି ୟୁକ୍ରେନ ଖାରସନ ସହରକୁ ନିଜ ଅଧିନକୁ ନେଇ ରୁଷୀୟ ଆର୍ମି । ରୁଷ ପ୍ରତିରକ୍ଷା ମନ୍ତ୍ରାଳୟ ମୁଖପାତ୍ର ଇଗୋର କୋନାସେନକୋଭ କହିଛନ୍ତି, 'ରୁଷ ସାମରିକ ବାହିନୀ ବେଶ ସାହସିକତା ସହ ଖାରସନ ଅଞ୍ଚଳକୁ ଦଖଲ କରିଛି । ପୁରା ସହର ରୁଷୀୟ ସେନା ଅଧିନରେ । ୟୁକ୍ରେନ ସେନା ଆତ୍ମସମର୍ପଣ କରନ୍ତୁ ।' ସେପଟେ ୟୁକ୍ରେନ ଉପରେ ରୁଷ ଆକ୍ରମଣକୁ ୭ଦିନ ହୋଇ ସାରିଲାଣି । ତଥାପି ପଛଘୁଂଚା ଦେଇନି ୟୁକ୍ରେନ ସେନା । ୬ ଦିନରେ ପାଖାପାଖି ୬ହଜାର ରୁଷ ସେନା ପ୍ରାଣ ହରାଇଥିବା ଦାବି କରିଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଭୋଲଦମିର ଜେଲେନସ୍କି । ୟୁକ୍ରେନ-ରୁଷିଆ ଯୁଦ୍ଧ ଭିତରେ ୟୁକ୍ରେନକୁ ପାଶ୍ଚାତ୍ୟ ଦେଶଗୁଡିକରୁ ଲଗାତାର ଭାବେ ▶▶ପୃଷ୍ଠା ୭

# ରାଜଧାନୀରୁ ୭ ଲକ୍ଷ ଟଙ୍କାର ନକଲି ନୋଟ୍ ଜବତ



ଭୁବନେଶ୍ୱର, ୦୨/୦୩ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ୭ ଲକ୍ଷ ଟଙ୍କାର ଜାଲ ନୋଟ୍ ଜବତ ହୋଇଛି। ଜବତ ସମସ୍ତ ଜାଲ୍ ନୋଟ୍ ୨ ଶହ ଟଙ୍କିଆ। ଏହି ମାମଲାରେ କମିଶନରେଟ୍ ପୋଲିସ୍ ମାଷ୍ଟର କ୍ୟାଂଟିନ୍ ଛକରୁ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲ୍ଲାର ସତ୍ୟ ନାରାୟଣ ପୃଷ୍ଟି ଓ ଭୋଲା ପ୍ରଧାନ । ଲୋକଙ୍କୁ ଅସଲି ନୋଟ୍ ଏକ୍ସଚେଞ୍ଜ କରିବା ବଦଳରେ ସେମାନଙ୍କୁ ଏହି ଜାଲ ନୋଟ ଦେଉଥିଲେ। ଏପରି କରି ଜଣେ ବ୍ୟକ୍ତିଙ୍କଠାରୁ ୩ ଲକ୍ଷ ୭୫ ହଜାର ଓ ଆଉ ଜଣଙ୍କଠାରୁ ୧୨ ଲକ୍ଷ ଟଙ୍କା ଠକିଥିଲେ । ସୂଚନା ଅନୁଯାୟୀ ସତ୍ୟ ନାରାୟଣ କୋଚିଂ ସେଂଟର କରି ଚଳୁଥିବା ବେଳେ ଚାକିରି ନାଁରେ ଯୁବକଯୁବତୀଙ୍କୁ ଠକୁଥିଲେ। କିଛି ଦିନ ପୂର୍ବେ ସେ ଭୁଲା ପ୍ରଧାନ ନାମକ ଯୁବକର ସଂସ୍ପର୍ଶରେ ଆସିଥିଲେ। ଭୁଲା ଆନ୍ଧ୍ରପ୍ରଦେଶରେ ରହି ଜାଲ ନୋଟ କରିବା କିଛି କିଛି ଶିଖିଥିଲା। ଏହାପରେ ୟୁଟ୍ୟୁବ, ଗୁଗଲରୁ ଆହୁରି ଅଧିକ ଶିଖିଥିଲା। ଏହାପରେ ଉଭୟ ସତ୍ୟ ନାରାୟଣ ଓ ଭୁଲା ଜାଲ ନୋଟ କାରବାର କରିବାକୁ ପ୍ଲାନ୍ କରିଥିଲେ। ସେମାନେ ପ୍ରିଂଟର, କଲର, ପେପର ଆଦି ସରଞ୍ଜାମ କିଣି ଜାଲ ନୋଟ ଛାପିଲେ। ପ୍ରଥମେ ୨ ଶହ ଟଙ୍କିଆ ନୋଟ ଛାପୁଥିବା ବେଳେ କିଛି ଦିନ ପରେ ୫ ଶହ ଓ ୨ ହଜାର ଟଙ୍କିଆ ନୋଟ ଛାପିବାକୁ ଯୋଜନା କରିଥିଲେ। ବୁଧବାର ଦିନ ଖବର ପାଇ ଖାରବେଳନଗର ଥାନା ପୋଲିସ୍ ଉଭୟଙ୍କୁ ଧରିଥିବା ବେଳେ ସେମାନଙ୍କ ନିକଟରୁ ୭ ଲକ୍ଷ ଟଙ୍କାର ଜାଲ ନୋଟ୍ ଜବତ କରିଛି। ପ୍ରଥମେ ଚାକିରିର ପ୍ରଲୋଭନ ଦେଖାଇ ସେମାନଙ୍କଠାରୁ ଟଙ୍କା ହଡ଼ପ କରୁଥିଲେ। ଏହାପରେ ୫ ଶହ ଟଙ୍କା, ୨ ହଜାର ଟଙ୍କିଆ ଏକ୍ସଚେଞ୍ଜ କରି ନୂଆ ୨ ଶହ ଟଙ୍କିଆ ଦେବେ ବୋଲି କହି ବିପୁଳ ପରିମାଣର ଜାଲ ନୋଟ ଦେଇ ଅସଲି ନୋଟ ହାତଉଥିଲେ। ପୋଲିସ୍ ନକଲି ନୋଟ ସହ ଗଞ୍ଜାମର ଜରଡ଼ା ଓ ବିଶାଖାପାଟଣାରେ ଥିବା ନକଲି ନୋଟ ତିଆରି ମେସିନ ଓ ଅନ୍ୟ ସରଞ୍ଜାମ ଜବତ କରିଛି।

# ଗିରିବାଳା ବେହେରାଙ୍କୁ ସିଏମସି ମେୟର ପ୍ରାର୍ଥୀ ଘୋଷଣା କଲା କଂଗ୍ରେସ



ଭୁବନେଶ୍ୱର, ୦୨/୦୩ (ନି.ପ୍ର): କଟକ ମହାନଗର ନିଗମ ପାଇଁ ମେୟର ପ୍ରାର୍ଥୀ ଘୋଷଣା କରିଛି କଂଗ୍ରେସ । କଂଗ୍ରେସ ପକ୍ଷରୁ ଗିରିବାଳା ବେହେରାଙ୍କୁ ମେୟର ପ୍ରାର୍ଥୀ କରାଯାଇଛି । ପୌର ନିର୍ବାଚନ ନେଇ ଆଜି କଂଗ୍ରେସ ପକ୍ଷରୁ ବସିଥିବା ବୈଠକରେ ଏହି ନିଷ୍ପତି ନିଆଯାଇଛି । କଟକ ପାଇଁ କର୍ପୋରେଟର ପ୍ରାର୍ଥୀଙ୍କ ନାମ କଂଗ୍ରେସ ଚୂଡାନ୍ତ କରିଥିବାବେଳେ ୨ ଦିନ ଭିତରେ ଭୁବନେଶ୍ୱର ପାଇଁ ତାଲିକା ଘୋଷଣା ହେବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି । କଟକ, ▶▶ପୃଷ୍ଠା ୭

# ଉତ୍ତର ପ୍ରଦେଶରେ ଷଷ୍ଠ ପର୍ଯ୍ୟାୟ ମତଦାନ ଆଜି



ଲକ୍ଷ୍ନୌ, ୦୨/୦୩ (ନି.ପ୍ର): ଉତର ପ୍ରଦେଶରେ ୧୮ତମ ବିଧାନସଭା ନିର୍ବାଚନର ଷଷ୍ଠ ପର୍ଯ୍ୟାୟର ୧୦ ଜିଲ୍ଲାର ୫୭ ସିଟ୍ ପାଇଁ ଗୁରୁବାର ଦିନ ମତଦାନ ହେବ। ଏହି ପର୍ଯ୍ୟାୟରେ ୬୬ ମହିଳା ସମେତ ୬୭୬ ଆଶାୟୀ ନିର୍ବାଚନ ମୈଦାନରେ ଅଛନ୍ତି। ଷଷ୍ଠ ପର୍ଯ୍ୟାୟରେ ୨.୧୫ କୋଟି ମତଦାତା ମତ ସାବ୍ୟସ୍ତ କରିବେ। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଅଜୟ କୁମାର ଶୁକ୍ଳା ବୁଧବାର ଦିନ କହିଛନ୍ତି ଯେ ଗୁରୁବାର ଦିନ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଷଷ୍ଠ ପର୍ଯ୍ୟାୟର ମତଦାନ ହେବ। ଏହି ପର୍ଯ୍ୟାୟରେ ମୋଟ୍ ୫୭ରୁ ୧୧ ସିଟ୍ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଅଛି। ମୋଟ୍ ୬୭୬ ଆଶାୟୀ ନିର୍ବାଚନ ମୈଦାନରେ ଅଛି। ସର୍ବାଧିକ ୧୫-୧୫ ଆଶାୟୀ ଗୋରଖପୁର ଗ୍ରାମୀଣ, କୁଶୀନଗରର ପଡ଼ରୌନା ଏବଂ ବଳରାମପୁରର ତୁଳସୀପୁର ସିଟ୍‌ରେ ଅଛି। ସେହିପରି ଦେବରିୟାର ସଲେମପୁର ସିଟ୍‌ରେ ସବୁଠାରୁ କମ୍ ସାତ ଆଶାୟୀ ନିର୍ବାଚନ ମୈଦାନରେ ଅଛନ୍ତି। ଏହି ପର୍ଯ୍ୟାୟରେ ମତଦାନ ପାଇଁ ୧୩,୯୩୬ ମତଦାତା କେନ୍ଦ୍ର ଏବଂ ୨୫,୩୨୬ ମତଦାନ ସ୍ଥଳ ବନାଇଯାଇଛି।

# ୟୁକ୍ରେନ୍ ଉପରେ ରୁଷର ଆକ୍ରମଣରେ ଚାଲିଗଲା ଆଉଜଣେ ଭାରତୀୟ ଛାତ୍ରଙ୍କ ଜୀବନ

କୀବ, ୦୨/୦୩ (ନି.ପ୍ର): ୟୁକ୍ରେନ ଉପରେ ରୁଷର ଆକ୍ରମଣରେ ପଞ୍ଜାବର ମୂଳ ନିବାସୀ ୨୨ବର୍ଷୀୟ ଚନ୍ଦନ ଜିନ୍ଦଲଙ୍କ ଜୀବନ ଚାଲିଯାଇଛି। ଚନ୍ଦନ ହସ୍ପିଟାଲରେ ଭର୍ତ୍ତି ଥିଲେ, କିନ୍ତୁ ଯୁଦ୍ଧକାଳରେ ଦେଖାଶୁଣାର ଅଭାବରେ ତାଙ୍କୁ ଜୀବନ ଦେବାକୁ ପଡ଼ିଲା। ପଞ୍ଜାବର ବରନାଲା ନିବାସୀ ଏସ୍.କେ. ଜିନ୍ଦଲଙ୍କ ପୁଅ ଚନ୍ଦନ ୟୁକ୍ରେନ୍‌ରେ ଏମ୍‌ବିବିଏସ୍‌ର ପଢୁଥିଲେ। ୟୁକ୍ରେନ୍‌ର ବନିଶିୟା ସହରରେ ନ୍ୟାସନାଲ୍ ପିରୋଗୋଭ ମେମୋରୀ ମେଡ଼ିକାଲ୍ ୟୁନିଭର୍ସିଟିରେ ୨୦୧୮ରେ ଏମ୍‌ବିବିଏସ୍‌ରେ ପ୍ରବେଶ ନେଇଥିବା ଚନ୍ଦନଙ୍କୁ ହଠାତ୍ ଗତ ୨ ଫେବୃଆରୀ ରାତିରେ ବ୍ରେନ୍ ଆଟାକ୍ ଆସିଥିଲା। ପରେ ତାଙ୍କୁ ହସ୍ପିଟାଲରେ ଭର୍ତି କରାଯାଇଥିଲା ଏହାମଧ୍ୟରେ ଯୁଦ୍ଧ ହେବାରୁ ହସ୍ପିଟାଲରେ ଚିକିତ୍ସାଧୀନ ଦେଖାଶୁଣାର ସଂକଟ ଉପୁନ୍ନ ହୋଇଯାଇଛି। ଏହାର ଦୁଷ୍ପରିଣାମ ସ୍ୱରୂପ ଚନ୍ଦନଙ୍କ ମୃତ୍ୟୁ ଘଟିଛି। ବୁଧବାର ଦିନ ହସ୍ପିଟାଲରେ ଚନ୍ଦନଙ୍କ ମୃତ୍ୟୁ ହୋଇଯାଇଛି। ନବୀନ ୟୁକ୍ରେନ୍‌ରେ ଏମ୍‌ବିବିଏସ୍ ଚତୁର୍ଥ ବର୍ଷର ଛାତ୍ର ଥିଲା। ଗତକାଲି ମଧ୍ୟରେ ୟୁକ୍ରେନ୍ ବିସ୍ଫୋରଣରେ ଜଣେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା।

# ଆମେରିକା ଋଷ ପାଇଁ ତାର ଆକାଶ ସୀମାକୁ ପ୍ରତିବନ୍ଧିତ କଲା

ୱାଶିଂଟନ୍, ୦୨/୦୩ (ନି.ପ୍ର): ୟୁକ୍ରେନ ଉପରେ ରୁଷ୍‌ର କରିଥିବା ଆକ୍ରମଣ ଉପରେ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରି ଆମେରିକାର ରାଷ୍ଟ୍ରପତି ଜୋ ବାଇଡନ ପୁଣିଥରେ ଭ୍ଲାଦିମିର ପୁଟିନଙ୍କ ଉପରକୁ ବିଗିଡି ଯାଇଛନ୍ତି । ବୁଧବାର ସକାଳେ ଷ୍ଟେଟ ଅପ୍ ୟୁନିୟନକୁ ସମ୍ବୋଧିତ କରି ବିଡେନ କହିଛନ୍ତି ଯେ ଆମେରିକା ୟୁକ୍ରେନ ସହିତ ଛିଡା ହୋଇଛି। ଏହା ସହିତ ସେ ଆମେରିକାର ବାୟୁସେନା ଏବଂ ରୁଷ ବିମାନ ତଥା ସହଯୋଗୀ ଦେଶମାନଙ୍କ ଉପରେ ପ୍ରତିବନ୍ଧକ ବିଷୟରେ ସୂଚନା ଦେଇଛନ୍ତି ।

# ଗୁଟଖା କମ୍ପାନୀ ଉପରେ ଆୟକର ଚଢ଼ାଉ

ହରଦୋଇ, ୦୨/୦୩ (ନି.ପ୍ର): ଆୟକର ବିଭାଗ ବୁଧବାର ହରଦୋଇ ଜିଲ୍ଲାର ଦୁଇଟି ଗୁଟଖା କମ୍ପାନୀ ଉପରେ ଚଢ଼ାଉ କରିଛି । ଆୟକର ବିଭାଗର ଏହି କାର୍ଯ୍ୟ ଯୋଗୁଁ ସହରର ଗୁଟଖା ବ୍ୟବସାୟ ସହ ଜଡ଼ିତ ସମସ୍ତ ଛୋଟ ଏବଂ ବଡ଼ ବ୍ୟବସାୟୀଙ୍କ ▶▶ପୃଷ୍ଠା ୭

# ଟ୍ରେନ୍‌ରେ ଆସୁଥିବା ୩୨ କେଜି ସୁନା ଜବତ



ଭୁବନେଶ୍ୱର, ୦୨/୦୩ (ନି.ପ୍ର): ଟ୍ରେନ୍‌ରେ ଚାଲାଣ ବେଳେ ୩୨ କେଜି ସୁନା ଜବତ ହୋଇଛି। ଜବତ ସୁନାର ଆନୁମାନିକ ମୂଲ୍ୟ ୧୬ କୋଟିରୁ ଅଧିକ ହେବ। ମୁମ୍ବାଇରୁ ଭୁବନେଶ୍ୱର ଆସୁଥିବା କୋଣାର୍କ ଏକ୍ସପ୍ରେସ୍‌ରେ ମୋଟ ୪ଟି ବ୍ୟାଗ୍ ରେ ଏହି ସୁନା ନିଆଯାଉଥିବା ବେଳେ ଜିଆରପି ଜବତ କରିଛି। ଏହି ଘଟଣାରେ ଜିଆରପି ୪ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏହି ୪ ଜଣ ମୁମ୍ବାଇର ଏକ ସୁନା ଦୋକାନ କର୍ମଚାରୀ ହୋଇଥିବା ବେଳେ ଭୁବନେଶ୍ୱରର କିଛି ଦୋକାନକୁ ସୁନା ଅଳଙ୍କାର ବିକ୍ରି ଉଦ୍ଦେଶ୍ୟରେ ଆଣୁଥିବା କହିଛନ୍ତି। ତେବେ ଏ ସମ୍ପର୍କିତ କାଗଜପତ୍ର ଦେଖାଇ ପାରୁନାହାନ୍ତି। ଜିଆରପି ପୋଲିସ୍ ସେମାନଙ୍କ ନିକଟରୁ କିଛି କାଗଜପତ୍ର ଜବତ କରିଥିବା ବେଳେ ଆୟକର ବିଭାଗ ଏହାର ଖୋଳତାଡ଼ କରୁଛି।

# ପୌର ନିର୍ବାଚନ ପାଇଁ ଆଜିଠାରୁ ଆରମ୍ଭ ହେଲା ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା



ଭୁବନେଶ୍ୱର, ୦୨/୦୩ (ନି.ପ୍ର): ଆଗାମୀ ପୌର ନିର୍ବାଚନ ପାଇଁ ଆଜି ଠାରୁ ନାମାଂକନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପ୍ରକ୍ରିୟା ୭ ତାରିଖ ପର୍ଯ୍ୟନ୍ତ ଚାଲିବ । ସମସ୍ତ ନାମାଙ୍କନ ପତ୍ରର ଯାଂଚ ମାର୍ଚ୍ଚ ୯ରେ ହେବ । ଉଲ୍ଲେଖନୀୟ ଯେ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସୋମବାର ଦିନ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଥିଲା ସମସ୍ତ ନାମାଙ୍କନ ପତ୍ରର ଯାଂଚ ମାର୍ଚ୍ଚ ୯ରେ ହେବ । ସେହିପରି ଆଗାମୀ ୨୪ରେ ପଡିବ ପୌର ସଂସ୍ଥା ମାନଙ୍କ ପାଇଁ ନିର୍ବାଚନ ହେବ। ଏହାପରେ ୨୬ ତାରିଖ ଦିନ ଭୋଟ ଗଣତି ହେବ । ଉଲ୍ଲେଖନୀୟ ଯେ ଚଳିତ ବର୍ଷ ପୌର ପରିଷଦ, ବିଜ୍ଞାପିତ ଅଂଚଳ ପରିଷଦ, ମହାନଗର ନିଗମରେ କାଉନସିଲର, କର୍ପୋରେଟର, ପୌରାଧ୍ୟକ୍ଷ ଓ ମେୟର ପାଇଁ ନିର୍ବାଚନ ହେବ । ୪୮ଟି ପୌର ପରିଷଦ, ୫୯ଟି ବିଜ୍ଞାପିତ ଅଂଚଳ ପରିଷଦ ଓ ୩ଟି ମହାନଗରରେ ନିର୍ବାଚନ ହେବ ।

# ଏବର୍ଷ ହେବନି ଟାଣ ଖରା



ଭୁବନେଶ୍ୱର, ୦୨/୦୩ (ନି.ପ୍ର): ଏବର୍ଷ ହେବନି ଟାଣ ଖରା। ଗରମ ମଧ୍ୟ କମ୍ ରହିବ। ଏପ୍ରିଏ ଓ ମେ ମାସରେ ଦିନ ତାପମାତ୍ରା ସ୍ୱାଭାବିକ ଠାରୁ କମ୍ ରହିବ। ଏଭଳି ଆଶ୍ୱସ୍ତ କଲା ଭଳି ସୂଚନା ଦେଇଛନ୍ତି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ। ସେ କହିଛନ୍ତି ଯେ ଚଳିତ ମାର୍ଚ୍ଚ ମାସରେ ବର୍ଷା ହୋଇପାରେ। ଏପ୍ରିଲ ଓ ମେ' ମାସରେ ମଧ ଗତବର୍ଷ ଭଳି ଗରମ ହେବ ନାହିଁ। ଅର୍ଥାତ ସୂର୍ଯ୍ୟକିରଣର ପ୍ରଭାବ ସେତେ ବେଶୀ ରହିବ ନାହିଁ। ଚଳିତ ବର୍ଷ ଗରମ କମ ହେବ। ଭାରତୀୟ ପାଣିପାଗ ବିଭାଗର ଦୀର୍ଘକାଳୀନ ପୂର୍ବାନୁମାନ ଅନୁସାରେ ପ୍ରଶାନ୍ତ ମହାସାଗରର ଜଳବାୟୁ ପ୍ରକ୍ରିୟା ଲା ନିନାର ପ୍ରଭାବରେ ମାର୍ଚ୍ଚରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ସ୍ୱାଭାବିକ ଠାରୁ ଟିକେ ଅଧିକ ତାପମାତ୍ରା ରହିପାରେ। କିନ୍ତୁ ଏପ୍ରିଲ ଓ ମେ' ମାସରେ ଗରମ କମ ରହିବ, ମାର୍ଚ୍ଚରେ ବର୍ଷାର ସମ୍ଭାବନା ରହିଛି । ଏପ୍ରିଲ ଓ ମେ' ମାସରେ ଦିନର ସର୍ବୋଚ୍ଚ ତାପମାତ୍ରା ବୃଦ୍ଧି ପାଇବ ନାହିଁ। ଦିନ ବେଳା ମଧ୍ୟ ତାପମାତ୍ରା ସ୍ୱାଭାବିକ ଠାରୁ କମ ରହିବ। ଗ୍ରୀଷ୍ମ ଋତୁ ଅର୍ଥାତ ମାର୍ଚ୍ଚ ମାସଠାରୁ ମେ' ମାସ ଯାଏଁ ତାତି ଅଧିକ ରହିବ ନାହିଁ।

# ବିଜେଡିର ପୌର ନିର୍ବାଚନ ପ୍ରସ୍ତୁତି : ଦଳୀୟ ନେତାଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୨/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ବୁଧବାର ଆସନ୍ତା ପୌର ନିର୍ବାଚନର ପ୍ରସ୍ତୁତି ନେଇ ଦଳର ଏମ୍.ପି. ଏମ.ଏଲ.ଏ , ଜିଲ୍ଲା ସଭାପତି ଓ ପର୍ଯ୍ୟବେକ୍ଷକ ମାନଙ୍କ ସହ ଭର୍ଚୁଆଲ ମାଧ୍ୟମରେ କଥା ହୋଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗତ ପଂଚାୟତ ନିର୍ବାଚନରେ ଦଳର ବିପୁଳ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶା ବାସୀ ତଥା ଦଳର କର୍ମୀ ସମସ୍ତ ଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, "ପଂଚାୟତ ନିର୍ବାଚନରେ, ଆମର ଏହି ଅସାଧାରଣ ଓ ଅଭୂତପୂର୍ବ ସଫଳତା ପାଇଁ, ମୁଁ ସବୁ ଓଡିଶାବାସୀଙ୍କୁ ଧନ୍ୟବାଦ ଜଣାଉଛି। ଓଡିଶାବାସୀ ପୁଣିଥରେ, ଆମ କାମ ଉପରେ, ଆସ୍ଥା ପ୍ରକାଶ କରିଛନ୍ତି । ଏହି ବିଜୟ, ଗଣତାନ୍ତ୍ରିକ ନିର୍ବାଚନରେ ନୂଆ ରେକର୍ଡ ସୃଷ୍ଟି କରିଛି । ପଶ୍ଚିମରୁ ଉପକୂଳ, ଉତରରୁ ଦକ୍ଷିଣ, ଓଡିଶାର, ସବୁ ଅଂଚଳର ଜନସାଧାରଣ, ଏହି ନିର୍ବାଚନରେ ସମାନ ଭାବରେ ବିଜୁ ଜନତା ଦଳକୁ ଆଶୀର୍ବାଦ କରିଛନ୍ତି ।" "ଏହି ଆଶୀର୍ବାଦ ଓ ସ୍ନେହ ଆମକୁ ଆହୁରି କଠିନ ପରିଶ୍ରମ କରିବାକୁ ପ୍ରେରଣା ଦେଉଛି ।" ଏଥିସହ ମୁଖ୍ୟମନ୍ତ୍ରୀ କର୍ମୀ ଓ ଶୁଭେଚ୍ଛୁ ମାନଙ୍କୁ ଧନ୍ୟବାଦ ଦେଇଛନ୍ତି ଯେଉଁମାନେ ରାତିଦିନ ଏକ କରି କାମ କରି ନିଜର ସବୁ ସୁଖ ସୁବିଧା ତ୍ୟାଗ କରି ଆମ ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଂଚାଉଛନ୍ତି। ଆଗାମୀ ପୌର ନିର୍ବାଚନ ସମୟରେ ମଧ ବିରୋଧୀ ଦଳଙ୍କର ଅପପ୍ରଚାର ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପଂଚାୟତ ନିର୍ବାଚନରେ ବିରୋଧୀ ଦଳ କେତେ ଅପପ୍ରଚାର କରିଛନ୍ତି । ମୋ ସରକାରକୁ ବଦନାମ କରିବା ପାଇଁ ମିଛ କାହାଣୀ କହିଛନ୍ତି। କିନ୍ତୁ ଓଡିଶାବାସୀ ସେମାନଙ୍କ କଥାକୁ ଗୁରୁତ୍ୱ ଦେଇନାହାନ୍ତି । ଆଗାମୀ ପୌର ନିର୍ବାଚନରେ ମଧ ସେମାନେ ପୁଣିଥରେ ସେହିଭଳି ଅପପ୍ରଚାର କରିବେ । ଲୋକଙ୍କ ଆଗରେ ବିରୋଧୀ ଦଳଙ୍କ ଅପପ୍ରଚାରର ମୁଖା ଖୋଲିବା ହେଉଛି ଆମ ଦଳର ପ୍ରତି କର୍ମୀ ଭାଇଭଉଣୀ ମାନଙ୍କର ଦାୟିତ୍ୱ । ଓଡିଶାବାସୀ ନକରାତ୍ମକ ରାଜନୀତିକୁ କେବେ ବି ଗ୍ରହଣ କରିବେ ନାହିଁ ▶▶ପୃଷ୍ଠା ୭

# ସିମେଣ୍ଟ ବସ୍ତା ସହ ଚେୟାର-ଟେବୁଲ ନେଇଯାଇଥିଲେ ଚୋର : ଉଦ୍ଧାର ସାମଗ୍ରୀ ଦେଖି ପୁଲିସ ତାଜୁବ



କଣ୍ଟାବାଞ୍ଜି,୦୨/୦୩ (ନି.ପ୍ର): ପଞ୍ଚାୟତ ନିର୍ବାଚନବେଳେ ପୁଲିସ ବ୍ୟସ୍ତ ଥିବା ଜାଣି ଲୁଟୁଥିଲେ ଚୋର। ଆଉ ନିର୍ବାଚନ ସରିବା ପରେ ଏବେ ଚୋରଙ୍କୁ ଧରିବାକୁ ଆକ୍ସନ ମୁଡ଼କୁ ଆସିଯାଇଛି କଣ୍ଟାବାଞ୍ଜି ପୁଲିସ । ଆଜି ପୁଲିସକୁ ବଡ ସଫଳତା ମିଳିଛି । ଚୋରି ହୋଇଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ ହୋଇଛି । ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ପୁଲିସ ବ୍ୟସ୍ତ ଥିବା ବେଳେ ଏହାର ଫାଇଦା ନେଉଥିଲେ ଚୋର । କଣ୍ଟାବାଞ୍ଜି ତଥା ଆଖପାଖ ଅଂଚଳର ବ୍ୟବସାୟିକ ଅନୁଷ୍ଠାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହେଉଥିବା ଅଭିଯୋଗ ହୋଇଥିଲ। କଣ୍ଟାବାଞ୍ଜି ପୁଲିସ ବିଶ୍ୱସ୍ତ ସୁତ୍ରରୁ ଖବର ପାଇ ବୁରୋମାଲ ପଂଚାୟତ ଡଙ୍ଗାମରା ଗାଁର ଗଣେଷ ବନଛୋରଙ୍କ ଘରେ ଚଡାଉ କରିଛି। ଚଡାଉ ସମୟରେ ଯାହା ମିଳିଥିଲା ତାହା ପୁଲିସ ଦେଖି ତାଜୁବ ହୋଇଯାଇଥିଲା ।

ଆଖପାଖ ଥାନା ଅଂଚଳରେ ଚୋରି ହୋଇଥିବା ସାମଗ୍ରୀ ଗଣେଷଙ୍କ ଘରେ ରଖାଯାଇଥିବା ପୁଲିସ ଦେଖିବାକୁ ପାଇଥିଲା । ଚୋରି ସାମଗ୍ରୀ ଏତେ ଅଧିକ ଥିଲା ଯେ ଏହି ସବୁ ସାମଗ୍ରୀ ଜବତ କରି ଥାନାକୁ ନେବାକୁ ପୁଲିସକୁ ୪ରୁ ଅଧିକ ପିକଅପ୍ ଗାଡି ଭଡା କରିବାକୁ ପଡିଥିଲା । ଜବତ କରିଥିବା ସାମଗ୍ରୀଗୁଡିକ ମଧ୍ୟରେ ମୋଟର ସାଇକେଲ, ଚାଉଳ ବସ୍ତା, ସିମେଣ୍ଟ ବସ୍ତା, ଲୁହା ଛଡ, ଦାମୀ ଖଟ, ସୋଫାସେଟ, ଏକାଧିକ ଦାମୀ ଭିଡିଓ କ୍ୟାମେରା, ଏକାଧିକ ଡିଏସଏଲଆର କ୍ୟାମେରା, ରିପାରିଙ୍କ ମୋବାଇଲ, ମୋବାଇଲ କଭର, ପ୍ରିଣ୍ଟର, ସ୍କାନର, ଚେୟାର ଟେବୁଲ, ପାଇପ, ଜେନେରେଟର, ଇଲୋକଟ୍ରୋନିକ ଓଜନ କଣ୍ଟା ସହ ଟ୍ରାକ୍ଟର ଟ୍ରଲି ସହ ଅନେକ ସାମଗ୍ରୀ ଜବତ କରିଛି । ଉଦ୍ଧାର ଚୋରି ସାମଗ୍ରୀର ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୁଲିସ ଏସଡିପିଓ ଡ଼. ହୃଷିକେଶ ମେହେର ସୂଚନା ଦେଇଛନ୍ତି ।

# କଣ୍ଟେନର ଭିତରେ ୮୦ ଲକ୍ଷ ଟଙ୍କାର ମଦ : କମିସନରଙ୍କ ନିର୍ଦ୍ଦେଶରେ ଚଢ଼ଉ, ୩ ଗିରଫ



ଢେଙ୍କାନାଳ,୦୨/୦୩(ନି.ପ୍ର): ଅରୁଣାଚଳ ପ୍ରଦେଶରୁ ଓଡ଼ିଶାକୁ ଚୋରାଚାଲାଣ ହୋଇ ଆସୁଥିବା ବିପୁଳ ପରିମାଣର ବିଦେଶୀ ମଦକୁ ଅବକାରୀ ବିଭାଗ ଜବତ କରିଛି। କଣ୍ଟେନରର ଉପର ପ୍ଲେଟ୍ ଗ୍ୟାସ୍ କଟରରେ କାଟି ଭିତରୁ ଶହ ଶହ ପେଟି ମଦ ବାହାର କରାଯାଇଥିଲା। ଏଥି ପାଇଁ କର୍ମଚାରୀମାନଙ୍କୁ ଦୀର୍ଘ ଲାଗିଥିଲା ୯ଘଣ୍ଟା।

ଚୋରା ମଦ ଚାଲାଣ ସଂପର୍କରେ ଖବର ପାଇ ଅବକାରୀ କମିସନର ଆଶିଷ ସିଂହ ଢେଙ୍କାନାଳ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କୁ ସୂଚନା ଦେଇଥିଲେ। ଆରଜେ-୩୨ଜିଏ-୮୨୦୫ ନମ୍ବର ୧୨ ଚକିଆ ଟାଟା ଟ୍ରକ୍‌ରେ ବୋଝେଇ ହୋଇଥିବା ଏକ ୱାଟର ଫିଲ୍ଟର କଂଟେନରରେ ଏହି ଆସାମ ବିଦେଶୀ ମଦ ଚାଲାଣ ହୋଇଆସୁଥିବା ସଂପର୍କରେ ନିର୍ଦ୍ଦିଷ୍ଟ କେତେକ ଜିଲ୍ଲାର ବିଭାଗୀୟ ଅଧିକାରୀଙ୍କୁ କମିସନର ସୂଚନା ଦେଇ ତାହା ଉପରେ ନଜର ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସଂପୃକ୍ତ କଂଟେନରଟି ଢେଙ୍କାନାଳ ଭିତରକୁ ହିନ୍ଦୋଳ ପଟୁ ପ୍ରବେଶ କରିବା ବେଳେ ଗତକାଲି ରାତିରେ ହିନ୍ଦୋଳ ବ୍ଲକ୍ ବାଉଁଶ ପୋଖରୀଠାରେ ଜଗି ରହିଥିବା ମୋବାଇଲ୍ ସ୍କ୍ୱାଡ୍ ଚଢ଼ଉ କରି ତାହାକୁ ଜବତ କରିଥିଲେ। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି।

ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ଗୋଡିଡିହ ଗ୍ରାମର ଅଭିନାଶ ମହାରଣା (୩୨), ହରିୟାଣାର ଚହଟି ଓଲିଆ ଗ୍ରାମର ବିଜେନ୍ଦ୍ର (୩୨) ଏବଂ ଉଦୟସିଂହପୁରର ସତୀଶ ନନ୍ଦଲ(୬୨)। ସଂପୃକ୍ତ ବେଆଇନ ମଦ ଢେଙ୍କାନାଳର ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଆସୁଥିବା ସନ୍ଦେହ କରାଯାଉଛି। ତେବେ ଗିରଫ ଅଭିଯୁକ୍ତମାନେ ଏହାକୁ ଅନୁଗୁଳ ନେଇ ଯାଉଥିଲେ ବୋଲି ବୟାନ ଦେଇଥିବା ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଛନ୍ତି। କଂଟେନର ଭିତରୁ ୩୪୪ ପ୍ୟାକେଟ୍ ବାକାର୍ଡି ବ୍ଲାକ୍ ରମ୍, ୨୨୮ ପ୍ୟାକେଟ୍ ହୁଇସ୍କି, ୪୯୮ ପ୍ୟାକେଟ୍ ରମ୍ ଏପରି ୧୦୭୦ ପ୍ୟାକେଟ୍ ମଦ ବୋତଲ ଜବତ କରାଯାଇଛି। ପ୍ରତ୍ୟେକ ବୋତଲରେ ୧୮୦ ମିଲି ପ୍ୟାକ୍ ଥିବା ବେଳେ ସମୁଦାୟ ୯୨୪୪.୮୦୦ ଲିଟର ମଦ ଜବତ ହୋଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ୭୫ ରୁ ୮୦ ଲକ୍ଷ ଟଙ୍କା ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଅରୁଣାଚଳ ପ୍ରଦେଶରେ ବିକ୍ରି ହେବା ପାଇଁ ଉଦ୍ଦିଷ୍ଟ ବିଦେଶୀ ମଦ ଗତ ଏକ ବର୍ଷ ହେଲା ଓଡ଼ିଶାକୁ ଚାଲାଣ ହୋଇଆସୁଥିଲା। ଚଢ଼ଉରେ ଅନୁଗୁଳ ଏବଂ ସମ୍ବଲପୁର ଅବକାରୀ କର୍ମଚାରୀମାନେ ସହଯୋଗ କରିଥିଲେ।

# ଝଡ଼ ଭିତରେ ବି ଛପର ବଞ୍ଚାଇଲେ କୁନା ଓ କୁକୁ

ସମ୍ବଲପୁର,୦୨/୦୩ (ନି.ପ୍ର): ଯାହା କେବେ ହୋଇ ନଥିଲା ଏଥର ସେଭଳି ଜନମତ ଦେଖିବାକୁ ମିଳିଛି। ଏକଦା କଂଗ୍ରେସ୍‌ର ଗଡ଼ ଥିବା ପଶ୍ଚିମ ଓଡ଼ିଶାରେ କୌଣସି ଅଣକଂଗ୍ରେସ୍ ଦଳକୁ କୌଣସି ନିର୍ବାଚନରେ ପୂର୍ବରୁ ଏଭଳି ଜନମତ ମିଳି ନଥିଲା। ଏଥର ବିଜୁ ଜନତା ଦଳ ଅପ୍ରତ୍ୟାଶିତ ପଶ୍ଚିମ ଓଡ଼ିଶାରେ ଭଲ ପ୍ରଦର୍ଶନ କରିବ ଓ ଅଧିକାଂଶ ଜିଲ୍ଲା ପରିଷଦରେ ସଂଖ୍ୟା ଗରିଷ୍ଠତା ହାସଲ କରିବ ବୋଲି ପୂର୍ବାନୁମାନ କରା ଯାଉଥିଲେ ବି ଏଭଳି ଏକତରଫା ଜନମତ ହାସଲ କରିବ ତାହା ଖୋଦ୍ ଦଳୀୟ ନେତା ଓ କର୍ମୀଙ୍କୁ ବି ଚକିତ କରିଛି। ସଦ୍ୟ ସମାପ୍ତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାରେ ୩୫ଟି ବିଧାନସଭା ଅନ୍ତର୍ଗତ ୮୭ଟି ବ୍ଲକ୍‌ର ୨୦୯ଟି ଜିଲ୍ଲା ପରିଷଦ ଆସନ (ଜୋନ୍) ପାଇଁ ନିର୍ବାଚନ ହୋଇଥିଲା। ଏଥିରୁ ବିଜେଡି ୧୮୧ଟି ଆସନ ଅର୍ଥାତ୍ ୮୬.୬% ଆସନ ଜିତି ନେଇଛି। ଏହି ଆସନ ବଳରେ ଦଳ ସମସ୍ତ ୧୦ଟି ଯାକ ଜିଲ୍ଲାରେ ସଂଖ୍ୟା ଗରିଷ୍ଠତା ହାସଲ କରି ଜିଲ୍ଲା ପରିଷଦ ଗଠନ କରିବା ନିଶ୍ଚିତ କରିଛି। ଝାରସୁଗୁଡ଼ା ଓ ଦେବଗଡ଼ ଦୁଇଟି ଜିଲ୍ଲାରେ ଦଳ କ୍ଲିନ୍ ସୁଇପ୍ କରିବାରୁ ସେଠାରେ ଜିଲ୍ଲା ପରିଷଦ ବିରୋଧୀ ଶୂନ୍ୟ ହୋଇଯାଇଛି। ଗତଥର ୬ଟି ଜିଲ୍ଲାରେ ବହୁମତ ପାଇ ପରିଷଦ ଗଢ଼ିଥିବା ବିଜେପି ଏଥର ମାତ୍ର ୨୦ଟି ଆସନ ପାଇଛି ଯାହା ୯.୫୭%। ଅର୍ଥାତ୍ ଏହି ଜାତୀୟ ଦଳ ପଶ୍ଚିମ ଓଡ଼ିଶାରେ ମୋଟ ଆସନର ଏକ ଦଶମାଂଶ ଆସନ ବି ଜିତିପାରି ନାହିଁ।

# ଖେଳରେ ଖେଳରେ ବଳି ଯାତ୍ରା : କୁକୁର ରକ୍ତ ପିଇଲେ ଛୋଟ ପିଲା



ବଲାଙ୍ଗୀର,୦୨/୦୩ (ନି.ପ୍ର): ପଶୁ ବଳି ପରମ୍ପରା କି ଭଳି ଗଭୀର ଭାବେ ଶିଶୁମାନଙ୍କ ଉପରେ ପଡ଼ିଛି, ତାହାର ଏକ ଜ୍ୱଳନ୍ତ ଘଟଣା ଘଟିଛି ବଲାଙ୍ଗୀର ସଦର ମହକୁମା ଠାରୁ ମାତ୍ର ଦଶ କିଲୋମିଟର ଦୂର ପଣ୍ଡରାପିଟା ଗାଁରେ। ସାତ/ଆଠ ବର୍ଷର ପାଞ୍ଚ ଜଣ ଶିଶୁ ଖେଳରେ ଖେଳରେ ବଳିଯାତ୍ରା ପାଳିବା ସହ କୁକୁର ଛୁଆକୁ ମାରି ରକ୍ତ ପିଇଛନ୍ତି। ଏହି ଘଟଣା ଜାଣିବା ପରେ ପରିବାର ଲୋକଙ୍କ ହୋସ୍ ଉଡ଼ିଯାଇଛି। ଏମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରି କୁକୁର କାମୁଡ଼ା ଏଆରଭି ଇଂଜେକସନ୍ ଦିଆଯାଇଛି।

ଗ୍ରାମବାସୀଙ୍କ କହିବା ଅନୁସାରେ, ଏହି ପିଲାମାନେ ଗାଁର ଏକ ସ୍ଥାନରେ ବଳିଯାତ୍ରା କରିଥିଲେ। ପ୍ଲାଷ୍ଟିକ ବାଜା ବଜାଇ ଶୋଭାଯାତ୍ରାରେ ଆସିଥିଲେ। ଗାଁରେ ବୁଲୁଥିବା କୁକୁର ଛୁଆକୁ 'ପାଟବୋଦା' କରିଥିଲେ। ଶୁଲିଆ, ପାଟଖଣ୍ଡା ଓ କାନ୍ଦୁଲଯାତ୍ରାରେ ଦେଖିଥିବା ପୂଜା ପଦ୍ଧତି ଭଳି ପୂଜା ବି କରିଥିଲେ। ଶେଷରେ କୁକୁର ଛୁଆକୁ ବଳି ଦେଇ ଏହି ପିଲାମାନେ ରକ୍ତ ପିଇଥିଲେ। ଏହା ଜାଣିବା ପରେ ଚିନ୍ତିତ ହୋଇ ପଡ଼ିଥିବା ଲୋକେ ତୁରନ୍ତ ଏମାନଙ୍କୁ ଡାକ୍ତରଖାନାକୁ ନେଇଥିଲେ। ଏବେ ଏମାନଙ୍କ ଚିକିତ୍ସା ଚାଲିଛି। କୁକୁର କାମୁଡ଼ା ଇଂଜେକସନ୍ ଏଆରଭି ଏମାନଙ୍କୁ ଦିଆଯାଉଛି। ତିନିଟି ଡୋଜ ଶିଶୁମାନେ ନେଇ ସାରିଥିବା ବେଳେ ଆସନ୍ତା ୧୬ ତାରିଖ ଶେଷ ଡୋଜ ନେବେ ବୋଲି ଜଣାପଡ଼ିଛି। ବଲାଙ୍ଗୀର ଜିଲ୍ଲାରେ ପ୍ରତି ବର୍ଷ ଚାରିରୁ ପାଞ୍ଚଟି ସ୍ଥାନରେ ଶୁଲିଆ ଯାତ୍ରା ସହ ଗାଁରେ ଗାଁରେ ଆୟୋଜିତ ହୋଇଥାଏ ପାଟଖଣ୍ଡା ଓ କାନ୍ଦୁଲଯାତ୍ରା। ସବୁଠି ପଡ଼ିଥାଏ କୁଡ଼ କୁଡ଼ ବଳି । ବଳି ଦେଇ ସର୍ବସମ୍ମୁଖରେ ରକ୍ତ ପିଇଥାଏ ବରୁଆ। ଏସବୁ ଯାତ୍ରାରେ ଛୁଆଠୁ ବୁଢ଼ା ସମସ୍ତଙ୍କର ଭିଡ଼ ଜମିଥାଏ। ଏ ଭଳି ଯାତ୍ରାର ପ୍ରଭାବରେ ୫ ଜଣ ଶିଶୁ ପ୍ରଭାବିତ ହୋଇଥିବା ପଣ୍ଡରାପିଟା ଗାଁ ଲୋକ କହିଛନ୍ତି। ପଣ୍ଡରାପିଟାର ଏହି ଘଟଣାକୁ ଶିଶୁ ମଙ୍ଗଳ କମିଟି ଗୁରୁତର ସହ ନେଇଛି। ସଚେତନତା ସହିତ ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଯୋଗେଶ୍ୱର ମହାନ୍ତି କହିଛନ୍ତି।

# ହାରିବା ପରେ ରାସ୍ତା ଖୋଳିଲେ, ଷ୍ଟ୍ରିଟ୍ ଲାଇଟ୍ ନେଇଗଲେ ସରପଞ୍ଚ ପ୍ରାର୍ଥୀ



ପାରଳାଖେମୁଣ୍ଡି ,୦୨/୦୩ (ନି.ପ୍ର): ଭୋକ ବିକଳରେ ତାଟିଆ କାମୁଡ଼ିଲେ ପରାଜିତ ସରପଞ୍ଚ ପ୍ରାର୍ଥୀ। ନିର୍ବାଚନ ହାରିବା ପରେ ନିଜର କାରନାମା ଦେଖାଇଲେ। ୫ଟି ଗାଁକୁ ସଂଯୋଗ କରୁଥିବା ରାସ୍ତାରେ ଗାତ ଖୋଳି, ବଡ଼ ବଡ଼ ପଥର ରଖି ରାସ୍ତା ବନ୍ଦ କରିଦେଲେ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ ଗଙ୍ଗାବାଡ଼ ପଞ୍ଚାୟତରେ। ପରାଜିତ ସରପଞ୍ଚ ପ୍ରାର୍ଥୀ ଜଣଙ୍କ ହେଲେ ବାରିକ ଶବର। ସେ ବିଜେଡି ସମର୍ଥନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ, ଗଙ୍ଗାବାଡ଼ ପଞ୍ଚାୟତର ସ୍ଥାନୀୟ ସରପଞ୍ଚ ହରିବନ୍ଧୁ କାର୍ଜୀ ଦୀର୍ଘ ୧୫ ବର୍ଷରୁ ଅଧିକ ସମୟ ହେବ ସେ କିମ୍ବା ତାଙ୍କ ପରିବାର ଲୋକେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ସରପଞ୍ଚ ଭାବେ ନିର୍ବାଚିତ ହୋଇ ଆସୁଛନ୍ତି। ଚଳିତ ଥର ମଧ୍ୟ ହରିବନ୍ଧୁ ସରପଞ୍ଚ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ ଓ ଏଥିରେ ବିଜୟ ଲାଭ କରିଥିଲେ।

କିନ୍ତୁ ସରପଞ୍ଚ ପ୍ରାର୍ଥୀ ଭାବେ ଛିଡ଼ା ହୋଇଥିବା ବାରିକ ଶବର ନିର୍ବାଚନରେ ହାରି ଯାଇଥିଲେ। ନିର୍ବାଚନରେ ହାରିବା ପରେ ସେ ୫ଟି ଗାଁକୁ ସଂଯୋଗ କରୁଥିବା ରାସ୍ତାକୁ ଖୋଳି ପକାଇଥିଲେ। ଏହାସହ ରାସ୍ତାରେ ବଡ଼ ବଡ଼ ପଥର ରଖି ରାସ୍ତା ବନ୍ଦ କରି ଦେଇଥିଲେ। ଯାହାଫଳରେ ଲୋକମାନେ ଯିବା ଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନେଇ ଆଜି ସରପଞ୍ଚ ହରିବନ୍ଧୁ କାର୍ଜୀ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ତଦସିଲଦାର କହିଛନ୍ତି, ଆରଆଇଙ୍କୁ ପଠାଇ ଘଟଣାର ତଦନ୍ତ କରାଯିବ।

ଗଙ୍ଗାବାଡ ପଞ୍ଚାୟତର ସରପଞ୍ଚ ହରିବନ୍ଧୁ କାର୍ଜୀ କହିଛନ୍ତି, ବାରିକ ଶବର ନିର୍ବାଚନ ହାରିବାପରେ ଲୋକଙ୍କୁ ଧମକଚମକ ଦେଉଛି। ୫ଟି ଗାଁ କୁ ସଂଯୋଗ କରୁଥିବା ରାସ୍ତାରେ ଗାତ ଖୋଳି, ବଡ଼ ବଡ଼ ପଥର ରଖି ରାସ୍ତା ବନ୍ଦ କରିଦେଇଛି। ସରକାରଙ୍କ ପକ୍ଷରୁ ଲଗାଯାଇଥିବା ଷ୍ଟ୍ରିଟ୍ ଲାଇଟ୍‌କୁ ନିର୍ବାଚନ ପରେ ବାରିକ ଶବରଙ୍କର ସମର୍ଥକମାନେ ତାକୁ କାଢ଼ି ନେଇଯାଇଛନ୍ତି।

# ଶ୍ରମିକଙ୍କୁ ମୁଣ୍ଡରେ ରଡ୍ ଭୁସି ହତ୍ୟା : ଏଫ୍‌ସିଆଇ ଗୋଦାମ ବାଲି ତଳୁ ମିଳିଲା ଶବ



ମହାକାଳପଡ଼ା: ମହାକାଳପଡ଼ା ପଞ୍ଚାୟତ ଅନ୍ତର୍ଗତ ମଶାକଣିସ୍ଥିତ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଗୋଦାମ ପରିସରରେ ଜଣେ ଶ୍ରମିକଙ୍କୁ ହତ୍ୟା କରାଯାଇଛି। ମିଳିଥିବା ସୂଚନା ମୁତାବକ, ମଶାକଣିସ୍ଥିତ ଏଫ୍‌ସିଆଇ ଗୋଦାମର ସଂପ୍ରସାରଣ କାର୍ଯ୍ୟ ଚାଲୁଥିବାରୁ ସେଠାରେ ଗତ କିଛିଦିନ ହେଲା ୩ ଜଣ ଶ୍ରମିକ ଅସ୍ଥାୟୀ ଭାବେ ନିର୍ମିତ ଏକ ଘରେ ରହୁଥିଲେ। ଦୁଇ ଦିନ ତଳୁ ଏମାନଙ୍କୁ ଦେଖିବାକୁ ମିଳି ନଥିଲା। କାର୍ଯ୍ୟର ତଦାରଖ କରୁଥିବା ସୁପରଭାଇଜର୍ର ଦେବାଶିଷ ନାୟକ ଗତକାଲି ସେମାନଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ଆଜି ସକାଳେ ସେ ନିର୍ମାଣ ସ୍ଥଳରେ ବୁଲୁଥିବା ବେଳେ ବାଲି ଭିତରୁ ଗୋଡ଼ର ତିନିଟି ଆଙ୍ଗୁଳି ବାହାରିଥିବା ଦେଖିଥିଲେ। ବାଲି ଭିତରେ ମୃତଦେହ ଥିବା ସନ୍ଦେହ କରି ସେ ଏ ସମ୍ପର୍କରେ ସ୍ଥାନୀୟ ମାର୍ଶାଘାଇ ଥାନାରେ ଲିଖିତ ଏତଲା ଦେଇଥିଲେ। ମାଜିଷ୍ଟ୍ରେଟ୍ ତଥା ମାର୍ଶାଘାଇ ତହସିଲଦାର ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କ ଉପସ୍ଥିତିରେ ପୁଲିସ ସାଇଣ୍ଟିଫିକ୍ ଟିମ୍ ଜରିଆରେ ବାଲି ଖୋଳିବାରୁ ତାହା ନିଖୋଜ ଶ୍ରମିକଙ୍କ ଭିତରୁ ଜଣଙ୍କର ବୋଲି ଜଣାପଡ଼ିଥିଲା। ଶବର ମୁଣ୍ଡରେ ରଡ୍ ପଶି ତଣ୍ଟିରେ ବାହାରିଥିବା ଦେଖାଯାଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ଡାକ୍ତରଖାନାକୁ ପଠାଇଥିବା ବେଳେ ନିଖୋଜ ଅନ୍ୟ ଦୁଇ ଶ୍ରମିକଙ୍କୁ ଖୋଜୁଛି। ଏମାନେ ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ସନ୍ଦେହ କରାଯାଉଛି। ଶବଟି ଫୁଲି ଗନ୍ଧ ହେଉଥିବାରୁ ହତ୍ୟାକାଣ୍ତ ନିଖୋଜ ଦିନ (୨୭ ତାରିଖ) ରାତିରେ ଘଟିଥିବା ପୁଲିସ ସନ୍ଦେହ କରୁଛି। ସେପଟେ ମୃତ ଶ୍ରମିକ ଓ ନିଖୋଜ ଅନ୍ୟ ଦୁଇ ଶ୍ରମିକଙ୍କର ପରିଚୟ ମିଳି ପାରିନାହିଁ। ସୁପରଭାଇଜର ତଥା ମାର୍ଶାଘାଇ ବଡ଼ପାଳର ଶ୍ରୀ ନାୟକ ସେମାନଙ୍କୁ ଭୁବନେଶ୍ୱରର ଭରତପୁରରୁ ଆଣିଥିଲେ। ଏହି ଶ୍ରମିକମାନେ ସେଠାରୁ ଭଡ଼ାରେ ଯାଇ ବିଭିନ୍ନ ସ୍ଥାନରେ କାମ କରନ୍ତି। ଆଣିବା ବେଳେ ସେମାନଙ୍କ ସମ୍ପର୍କରେ ବିଶେଷ ତଥ୍ୟ ରଖି ନଥିବା ଶ୍ରୀ ନାୟକ ପୁଲିସକୁ କହିଛନ୍ତି।

# ରାଜ୍ୟର ତିନି ହଜାର କିଲୋମିଟର ରାସ୍ତାର ହେବ ସାଇନେଜ୍ ଅଡିଟ୍

କଟକ,୦୨/୦୩(ନି.ପ୍ର): ରାଜପଥରେ ସାଇନେଜ୍ ନଥିଲେ ଏହା ସଡକ ବ୍ୟବହାରକାରୀଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଏହା ଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଉଥିବା ଜଣା ପଡିଛି। ରାଜ୍ୟ ସଡକ ପରିବହନ ବିଭାଗର ଏକ ପାଇଲଟ ପ୍ରୋଜେକ୍ଟ ଜରିଆରେ ୫୦ କିମି ରାସ୍ତାର ସାଇନେଜ୍ ଅଡିଟ୍ ପରେ ଏହା ସ୍ପଷ୍ଟ ହୋଇଛି। ଏ କଥା ଜଣାପଡିବା ପରେ ରାଜ୍ୟ ସଡକ ପରିବହନ ବିଭାଗ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩ ହଜାର କିଲୋମିଟର ରାଜପଥର ସାଇନେଜ୍ ଅଡିଟ୍ କରାଯିବ। ଅର୍ଥାତ ରାସ୍ତାର ସବୁ ସ୍ଥାନରେ ସାଇନେଜ୍ ଲାଗିବ। ଓଡ଼ିଶାରେ ୧୦୦ ପ୍ରତିଶତ ରାସ୍ତାକୁ ସଙ୍କେତ ଅନୁକୂଳ କରିବା ପାଇଁ ପରିବହନ ବିଭାଗ ପ୍ରଥମ ପର୍ଯ୍ୟାୟରେ ୩ ହଜାର କିଲୋମିଟର ରାସ୍ତା ପାଇଁ ସଡକ ଚିହ୍ନ ଓ ମାର୍କିରେ ଅଡିଟ୍ କରିବା ପାଇଁ ପଦକ୍ଷେପ ନେଉଥିବା ନେଇ ରାଜ୍ୟ ସଡକ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ରାସ୍ତାରେ ମାନବୀୟ ତ୍ରୁଟି ଯୋଗୁଁ ଦୁର୍ଘଟଣା ଘଟୁଛି। ଠିକ୍ ସାଇନେଜ୍ ନ ଥିବାରୁ ଏହା ଦୁର୍ଘଟଣାର କାରଣ ହୋଇଛି। ଓଡ଼ିଶାରେ ୧୦୦ ପ୍ରତିଶତ ସଡକ ସଙ୍କେତ ଅନୁକୂଳ କରିବା ପାଇଁ ପରିବହନ ବିଭାଗ ରାଜ୍ୟରେ ସଡକ ସଙ୍କେତ ଅଡିଟ ଭଳି ଏକ ନିଆରା ପଦକ୍ଷପ ହାତକୁ ନେଇଛି। ଉପଯୁକ୍ତ ସଡକ ଚିହ୍ନ, ଟ୍ରାଫିକ ସଙ୍କେତ ସରଳୀକରଣ, ସଡକ ଇଂଜିନିୟରିଂ ବ୍ୟବସ୍ଥାରେ ସୁଧାର ଆଣି ସଡକ ଦୁର୍ଘଟଣା ମାତ୍ରାକୁ କମ କରିବାକୁ ପଦକ୍ଷେପ ନିଆଯାଉଛି। ତ୍ରୁଟିପୂର୍ଣ୍ଣ ସାଇନେଜ୍ ଓ ସିଗ୍‌ନାଲ ଗୁଡିକ ବହୁ ସମୟରେ ଟ୍ରାଫିକ୍ ଜାମ୍ ଓ ସଡକ ଦୁର୍ଘଟଣାର କାରଣ ହୋଇଛି। ବିଶେଷଜ୍ଞଙ୍କ ସାହାଯ୍ୟରେ ସୁନ୍ଦରଗଡ ଜିଲ୍ଲାର ୫୦ କିଲୋମିଟର ରାସ୍ତା, ଦେଓକର୍ଣ୍ଣପୁରରୁ କେସଇବାହାଲ ପର୍ଯ୍ୟନ୍ତ ରାଜ୍ୟ ରାଜପଥ ନଂ ୧୦ (ବିଜୁ ଏକ୍ସପ୍ରେସ)ରେ ମାର୍କିଂର ପରୀକ୍ଷାମୂଳକ ଅଡିଟ୍ କରାଯାଇଥିଲା। ଅଧ୍ୟୟନରୁ ଜଣାପଡିଥିଲା କି, ସଡକ ବ୍ୟବହାରକାରୀଙ୍କ ପାଇଁ ସାଇନେଜର ଆବଶ୍ୟକତା ରହିଛି। ସଙ୍କେତ ନ ଥିବା ଛକ ଚାଳକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଯାହା ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ହେଉଛି। ନମୁନା ଅଡିଟ୍‌ର ଅନୁସନ୍ଧାନ ଓ ସୁପାରିସ ଅନୁଯାୟୀ ରାଜପଥ ପ୍ରସାରଣରେ ସଂଶୋଧନ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ଅଧିକାରୀମାନେ ତ୍ରୁଟିପୂର୍ଣ୍ଣ ସ୍ଥାନରେ ଠିକ୍ ରୋଡ ସାଇନେଜ୍ ଲଗାଇବେ ଓ ନଷ୍ଟ ହୋଇଯାଇଥିବା ସାଇନେଜ୍ ଗୁଡିକର ମରାମତି କରିବେ।

# ଜନସ୍ୱାସ୍ଥ୍ୟ କର୍ମଚାରୀ ସଂଘର ସମ୍ବର୍ଦ୍ଧନା ସଭା

କେନ୍ଦ୍ରାପଡ଼ା,୦୨/୦୩ (ନି.ପ୍ର): ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ କେନ୍ଦ୍ରାପଡା ଶାଖା ତରଫରୁ ଏକ ସମ୍ବର୍ଦ୍ଧନା ସଭା ଓ ସାମ୍ବାଦିକ ସମ୍ମିଳନୀ ଅଣୁଷ୍ଠିତ ହୋଇଯାଇଛି। ତିନିମୁହାଣୀ ସ୍ଥିତ ଜନସ୍ୱାସ୍ଥ୍ୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ରାଜ୍ୟ ସଂଘ ସଭାପତି ପ୍ରଶାସନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପାନୀୟ ଜଳ ଯୋଗାଣ ବିବାଗର କାର୍ଯ୍ୟରତ ବିଭିନ୍ନ ବର୍ଗର ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀମାନଙ୍କର ମୌଳିକ ସମସ୍ୟାର ସମାଧାନ ଦିଗରେ ସରକାରଙ୍କ ପକ୍ଷରୁ ଚରମ ଅବହେଳା କରାଯାଉ ଥିବାରୁ ସଭାରେ କ୍ଷୋଭ ପ୍ରକାଶ କରାଯାଇଥିଲା । ରାଜ୍ୟ ସରକାର ୱାର୍କ ଚାର୍ଜ କର୍ମଚାରୀ ମାନଙ୍କୁ ନିୟମିତ କରିବା, ଅସ୍ଥାୟୀ କର୍ମଚାରୀ ମାନଙ୍କୁ ସ୍ଥାୟୀ କରିବା, ସେମାନଙ୍କର ପେନଶନ ଲାଗୁ କରିବା ଦିଗରେ ଅବହେଳା କରୁଥିବାରୁ ଆସନ୍ତା ମାର୍ଚ୍ଚ ୩୦ ତାରିଖରେ ରାଜଧାନୀ ଚାଲ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଥିଲା। ଜନସ୍ୱାସ୍ଥ୍ୟ ବିଭାଗର ଅବସର ପ୍ରାପ୍ତ ହେଡ କ୍ଲର୍କ ନିର୍ମଳଚନ୍ଦ୍ର ସାହୁ ଓ ବରିଷ୍ଠ ଇଂଞ୍ଜିନିୟର ଭିକାରୀ ଚରଣ ଜେନାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇ ଥିଲା ।

# ଚୋରି ପାଇପ୍ ବୋଝେଇ ଦୁଇ ଟ୍ରକ୍ ଜବତ : ୬ ଗିରଫ

ବ୍ରଜରାଜନଗର,୦୨/୦୩ (ନି.ପ୍ର): ରେଙ୍ଗାଲି ଥାନା ଅନ୍ତର୍ଗତ ଅମା ବ୍ରିଜ୍ ନିକଟରୁ ୬ ଲକ୍ଷ ଟଙ୍କା ପାଇପ୍ ଲଟ୍ ଘଟଣାରେ ପୁଲିସକୁ ମିଳିଛି ସଫଳତା। ଏହି ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିବା ସହିତ ପାଇପ୍ ବୋଝଇ ହୋଇଥିବା ୨ଟି ୧୨ ଚକିଆ ଟ୍ରକ୍ ଜବତ କରାଯାଇଛି। ଏହି ଟ୍ରକ୍ ଦୁଇଟିକୁ ଧୁଲୁଣ୍ଡା ଝଙ୍ଗଲରେ ଲୁଚାଇ ରଖାଯାଇଥିଲା। ଟ୍ରକ୍‌ରେ ଲାଗିଥିବା ନମ୍ବର ଜାଲ୍ ବୋଲିମଧ୍ୟ ଜଣାପଡ଼ିଛି। ମଙ୍ଗଳବାର ଝାରସୁଗୁଡ଼ାଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଏସ୍‌ପି ବିକାଶ ଦାଶ କହିଛନ୍ତି, ୨୬ ତାରିଖ ରାତିରେ ୯ଟି ପାଇପ ଚୋରି ହୋଇଥିଲା। ଠିକ ସେହିଦିନ ରାତିରେ ଅମାପାଲି ବ୍ରିଜ୍ ନିକଟରେ ରହିଥିବା ଏଲ୍‌ଆଣ୍ଡଟି କମ୍ପାନିର ୬୦ଟି ପାଇପ୍ ମଧ ୨ଟି ୧୨ ଚକିଆ ଟ୍ରକ୍‌ରେ ଭର୍ତ୍ତି କରି ନେଇଯାଇଥିଲେ। ରେଙ୍ଗାଲି ଥାନାରେ ଏ ନେଇ କେସ୍ ନମ୍ବର ୩୪ ଓ ଧାରା ୩୭୯ ଓ କେସ୍ ନମ୍ବର ୩୫ ଧାରା ୩୯୫ରେ ମାମଲା ରୁଜୁ ହୋଇଥିଲା। ଏହାର ତଦନ୍ତ କରି ପୁଲିସ ନଗଦ ୧ ଲକ୍ଷ ୫୦ ହଜାର ଟଙ୍କା ସହିତ ଟ୍ରକ୍ (ଓଡି-୨୩ବି-୬୪୬୬) ଓ (ଓଡ଼ି-୨୩ବି-୨୩୫୬) ସହିତ ଗୋଟିଏ ବାଇକ୍ (ସିଜି-୭ବିବି-୨୨୧୬), ୩ଟି ମୋବାଇଲ, ଚୋରି ହୋଇଥିବା ୬୯ ଟି ପାଇପ୍ ଜବତ କରାଯାଇଥିବା ଏସପି ଶ୍ରୀ ଦାଶ ପ୍ରକାଶ କିରଛନ୍ତି। ଏହି ଘଟଣାରେ ଛତିଶଗଡ଼ ରାଜନନ୍ଦଗାଓଁର ବିନୋଦ ରାଜ ଚୌହାନ (୪୬), ସୁନ୍ଦରଗଡ଼ ସୋଲାର ପ୍ରତାପ ସିଂ (୨୫), ଛତିଶଗଡ଼ର ସଞ୍ଜୟ ଗଣ୍ଡ (୨୦), ସମ୍ବଲପୁର ନିକ୍ତିମାଲର ସୁରେନ୍ଦ୍ର ନାୟକ (୪୭), ସମ୍ବଲପୁର ନିକ୍ତିମାଲର କୈଳାସ ଖଣ୍ଡା (୨୦), ସମ୍ବଲପୁର ନିକ୍ତିମାଲର ଅମୁଶ ମୁଣ୍ଡା (୩୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବ୍ରଜରାଜନଗର ଏସଡିପିଓ ଗୁପ୍ତେଶ୍ୱର ଭୋଇ ଉପସ୍ଥିତ ଥିଲେ। ୨୬ ତାରିଖ ରାତିରେ ପାଇପ୍ ଚୋରି ଘଟଣାରେ ପ୍ରତାପ ସିଂଙ୍କୁ ପଚରାଯିବାରୁ ଅଭିଯୁକ୍ତମାନେ କୁତ୍ରା, ବାରଗାଁ, ରାଜଗାଙ୍ଗପୁର, ରେଙ୍ଗାଲି ଆଦି ଥାନା ଅଞ୍ଚଳରୁ ୨ଟି ୧୨ ଚକିଆ ଟ୍ରକ୍ ଦ୍ୱାରା ପାଇପ୍ ଚୋରି କରି ସେଗୁଡିକୁ ରାୟଗଡ଼ାରେ ଥିବା ଏକ ଫ୍ୟାକ୍ଟ୍ରିକୁ ରାୟପୁରର ଅଜୟ ଅଗ୍ରୱାଲଙ୍କ ମାଧ୍ୟମରେ ପଠାଇଥାନ୍ତି ବୋଲି କହିଥିଲେ। ଏସପିଙ୍କ ନିର୍ଦ୍ଦେଶକ୍ରମେ ବ୍ରଜରାଜନଗର ଏସଡିପିଓ ଶ୍ରୀ ଭୋଇଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ହୋଇଥିଲା। ଟିମ୍‌ରେ ବ୍ରଜରାଜନଗର ଡିଏସ୍‌ପି ବୈକୁଣ୍ଠ ସେଠ, ରେଙ୍ଗାଲି ଏସ୍‌ଆଇ ପ୍ରଦ୍ୟୁମ୍ନ ସ୍ୱାଇଁ, କଣ୍ଡେଇକେଲା ଫାଣ୍ଡି ଅଧିକାରୀ ସୁଶାନ୍ତ କିଷାନ, ରେଙ୍ଗାଲି ଥାନା ଅଧିକାରୀ କେ. ସମାରିଆ ସାମିଲ ଥିଲେ।

ବିବିଧ ବିଶ୍ୱ
ଦେଶ ବିଦେଶର ଜଣାଅଜଣା
ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ଗୁରୁବାର, ମାର୍ଚ୍ଚ ୦୩, ୨୦୨୨

## ବର୍ଷେ ନହେଲେ ବାହାରନ୍ତିନି ଶିଶୁ

ଛତିଶଗଡ଼ର ବସ୍ତର ଅନ୍ତର୍ଗତ ଉଲନର ଗ୍ରାମରେ ଏପରି ଏକ ଅଦ୍ଭୁତ ପରମ୍ପରା ପାଳନ କରାଯାଏ । ଶିଶୁମାନେ ଜନ୍ମ ହେବା ପରେ ତାଙ୍କୁ ବର୍ଷେ ପର୍ଯ୍ୟନ୍ତ ପରିବାରଲୋକେ ଘର ଭିତରେ ହିଁ ରଖନ୍ତି । ବର୍ଷକର ହେବା ପରେ ତାଙ୍କୁ ବାହାରକୁ ଅଣାଯାଏ । ଶିଶୁଙ୍କୁ ଘର ବାହାରକୁ ଆଣିବା କାମ ମଧ୍ୟ ବେଶ ଧୁମଧାମରେ କରିଥାନ୍ତି । ପରିବାର ଲୋକେ ସେଠାରେ ଝଣ୍ଡା ବଜାର ନାମରେ ମଡଇମେଳାର ଆୟୋଜନ ହୁଏ । ଶିଶୁଟିଏ ବର୍ଷକର ହେବା ପରେ ପରିବାର ଲୋକେ ଏହି ଦିନକୁ ଅପେକ୍ଷା କରିଥାନ୍ତି । ସେଦିନ ସେଠାରେ ସମସ୍ତ ଦେବଦେବୀ ସମ୍ମିଳିତ ହୁଅନ୍ତି ବୋଲି ସେମାନଙ୍କର ବିଶ୍ୱାସ । ଏହି ଅବସରରେ ଶିଶୁମାନଙ୍କୁ ଘରୁ ବାହାରକୁ ଆଣି ଦେବଦେବୀଙ୍କ ଆଶୀର୍ବାଦ ପ୍ରଦାନ କରାଯାଏ । ଏପରି ପରମ୍ପରା ପଛରେ ଏକ କାରଣ ମଧ୍ୟ ରହିଛି । ବହୁବର୍ଷ ତଳେ ଏକ ଅଜଣା ରୋଗରେ ଗାଁରେ ବର୍ଷକ ଭିତରେ ବୟସ ଥିବା ଶିଶୁମାନଙ୍କର ମୃତ୍ୟୁ ହୋଇଚାଲିଲା । ଏହାକୁ ଦୈବୀ ପ୍ରକୋପ ବୋଲି ଭାବି ଗ୍ରାମବାସୀ ଏଭଳି ଶିଶୁଙ୍କୁ ଘରୁ ବାହାର କଲେନାହିଁ । ଏହାପରେ ସେମାନେ ୧ବର୍ଷର ହେଲେ ଯାଇ ଦେବଦେବୀଙ୍କ ପାଖରେ ପୂଜାର୍ଚ୍ଚନା କରି ତାଙ୍କର ଆଶୀର୍ବାଦ ପାଇବା ପରେ ଶିଶୁଙ୍କୁ ଘରୁ ବାହାରକୁ ଅଣାଗଲା । ସେହି ପରମ୍ପରା ଅନୁସାରେ ଏବେ ବି ଏହି ମେଳା ଆୟୋଜିତ ହେଉଛି ।

# ଫିଟ୍‌ନେସ୍ ଫାଦର ସଲମାନ



ବଲିଉଡର ଦବଙ୍ଗ ଖାନ ସଲମାନ୍ ୫୮ବର୍ଷରେ ପଦାର୍ପଣ କରିସାରିଲେଣି । କିନ୍ତୁ ଆଜି ବି ତାଙ୍କ ଫିଟ୍‌ନେସ ଏବଂ ସୁଢ଼ଳ ଶରୀରକୁଚ ଦେଖିଲେ ଯେକେହି ଚକିତ ହୋଇଯାଏ । ବଲିଉଡର ଫିଟ୍‌ନେସ୍ ଫାଦର ଭାବେ ଜଣାସୁଣା ସଲମାନ ଏପର୍ଯ୍ୟନ୍ତ ଅନେକ ଅଭିନେତାଙ୍କ ଗୁରୁସାଜି ସାରିଲେଣି । କ୍ୟାମେରାରେ ସଲମାନଙ୍କ ସାର୍ଟଲେସ୍ ଚେହେରାକୁ ଦେଖିବା ପାଇଁ ଚାହିଁ ବସିଥାନ୍ତି । ସିନେପ୍ରେମୀ । ତାଙ୍କ ଅନୁକରଣରେ ଯୁବପିଢ଼ି ପ୍ୟାକ୍ସ, ଚେଷ୍ଟ କରିବାକୁ ଚେଷ୍ଟା କରନ୍ତି । ଏପରିକି ବଲିଉଡର ସବୁ ଅଭିନେତା ଏବଂ ଅଭିନେତ୍ରୀ ସଲମାନଙ୍କୁ ଫିଟ୍‌ନେସ ଆଇଡଲ ମାନନ୍ତି ଅନେକ ଜିମ ସେଣ୍ଟର ଏବଂ ଆଖାଡ଼ାମାନଙ୍କରେ ସଲମାନଙ୍କ ଫଟୋ ମଧ୍ୟ ରଖାଯାଇଥାଏ । ତେବେ ଆସନ୍ତୁ ଜାଣିବା ସଲ୍ଲୁଙ୍କ ଫିଟ୍‌ନେସ ଫଣ୍ଡା ସମ୍ପର୍କରେ...

ନିଜକୁ ଫିଟ୍ ଏବଂ ଫେକ୍ସିବଲ କରିବାର କୌଣସି ମଉକା ହାତ ଛଡ଼ା କରନ୍ତିନି । ସଲମାନ୍ ବ୍ୟସ୍ତତା କାରଣରୁ କୌଣସି ଦିନ ଏକ୍ସରସାଇଜ ପାଇଁ ସମୟ ନହେଲେ ସଲମାନ୍ ରାତି ଦୁଇଟାରେ ମଧ୍ୟ ୱାର୍କଆଉଟ କରନ୍ତି । ଏକ୍ସରସାଇଜ୍ ସହିତ ଖାଦ୍ୟପେୟ ଉପରେ ବି ଖୁବ୍ ଧ୍ୟାନ ଦିଅନ୍ତି ସଲମାନ । କୁହାଯାଏସଲମାନ ପୂର୍ବରୁ କେବଳ ସ୍ପାଇସି ଏବଂ ଇଟାଲିୟନ ଖାଦ୍ୟ ପସନ୍ଦ କରୁଥିଲେ ପାଓ ଭାଜି, ଆଇସକ୍ରିମ୍, ପିଜ୍ଜା ତାଙ୍କର ପସନ୍ଦର ଖାଦ୍ୟ ଥିଲା । କିନ୍ତୁ ଯେବେଠୁ ମନିଷ ଅଡବିଲକର ତାଙ୍କ ଜିମ ଟ୍ରେନର ସାଜିଲେଣି ସେବେଠୁ ସେ ଏସବୁ ଖାଦ୍ୟଡାରୁ ଦୂରେଇ ଯାଇଛନ୍ତି । ଏବେ ସଲମନ୍ କେବଳ ପ୍ରୋଟିନଯୁକ୍ତ ଖାଦ୍ୟ ଯଥା-ଅଣ୍ଡା, ମାଛ, ମାଂସ, କ୍ଷୀର ଖାଉଛନ୍ତି ।




### ୱାର୍କଆଉଟ୍ ପ୍ଲାନ

ପ୍ରତିଦିନ ୨-୩ ଘଣ୍ଟା ୱାର୍କଆଉଟ୍ କରନ୍ତି ସଲମାନ୍ । ସପ୍ତାହର ପ୍ରଥମ ତିନିଦିନ ୱେଟ୍ ଟ୍ରେନିଂ ଏକ୍ସସାଇଜ୍ କରିଥାନ୍ତି । ବାକି ତିନିଦିନ କାର୍ଡିୟୋଏକ୍ସରସାଇଜ କରନ୍ତି । ସାଇକେଲିଂ କରିବାକୁ ସଲମାନଙ୍କୁ ଖୁବ ଭଲ ଲାଗେ । ତେଣୁ ପ୍ରତିଦିନ ମୁମ୍ବାଇର ସଡ଼କରେ ଅତି କମରେ ୧୦ କିଲୋମିଟର ପର୍ଯ୍ୟନ୍ତ ସାଇକେଲିଂ କରନ୍ତି ସଲମାନ । ପାଗ ଯେମିତି ହେଉଥାଉ ନା କାହିଁକି ଏକ୍ସରସାଇଜ ଏବଂ ଜଗିଂ କରିବାକୁ କେବେ ଭୁଲନ୍ତି ନାହିଁ ସଲମାନ । ତାଙ୍କ ଦିନର ଆରମ୍ଭ ଏକ୍ସରସାଇଜରୁ ହୋଇଥାଏ ।







### ଡାଏଟ୍

ଜଙ୍କଫୁଡଠାରୁ ନିଜକୁ ଦୂରେଇ ରଖିଥିବା ସଲମାନ ୱାର୍କଆଉଟ୍ ପୂର୍ବରୁ ଦୁଇଟି ସିଝା ଅର୍ଣ୍ଡା, ଏମିନୋ ଏସିଡ୍ ବ୍ୟାବଲେଟ୍ ଏବଂ ଗୋଟେ ଗ୍ଲାସ୍ ପ୍ରୋଟିନଶେକ୍ ପିଅନ୍ତି । ସକାଳ ଜଳଖିଆରେ କ୍ଷୀର, ୪ଟା ସିଝା ଅର୍ଣ୍ଡା, ବାଦାମ, ଓଟ୍ସ ସହ ପ୍ରୋଟିନବାର ବି ନେଇଥାନ୍ତି ମଧ୍ୟାହ୍ନ ଭୋଜନରେ ସଲମାନ ଆମିଷ ଖାଦ୍ୟକୁ ବେଶି ପୋକସ କରିଥାନ୍ତି । ଫ୍ରାଏଡ ଫିସ୍, ମଟନ ସହ ୫ଟା ରୁଟି, ସନ୍ତୁଳା, ସାଲାଡ୍ ଖାଇଥାନ୍ତି । ସେହିପରି ସନ୍ଧ୍ୟାରେ ଟିଫିନରେ ପ୍ରୋଟିନବାର, ବାଦାମ ଖାଇଥାନ୍ତି । ରାତ୍ରୀ ଭୋଜନରେ ବାଇଗଣ ସୁପ୍, ମାଛ କିମ୍ବା ଚିକେନ୍ ସୁପ୍, ଦୁଇଟି ଅର୍ଣ୍ଡା ନେଇଥାନ୍ତି । ପ୍ରତିଦିନର ଡାଏଟରେ ସବୁଜ ପନିପରିବା ସହ ଫଳ ଆହାର ବି କରନ୍ତି । ସଲମାନ୍ । ଫିଟ୍‌ନେସକୁ ମିଠା ବ୍ୟଞ୍ଜନ ବିଗାଡ଼ି ଦିଏ । ତେଣୁ ଭୁଲରେ କେବେବି ମିଠା ଖାଆନ୍ତି ନାହିଁ ସଲମାନ୍ ।

## ପକ୍ଷୀ ରାବ ପ୍ରତିଯୋଗିତା!



ବେଲଜିୟମର ଏଡିନ୍‌କିର୍କ ସହରରେ ବିଶ୍ୱରେ ପ୍ରଥମ ଥର ପାଇଁ ମଣିଷଙ୍କ ମଧ୍ୟରେ ପକ୍ଷୀ ରାବ ପ୍ରତିଯୋଗିତା ଅନୁଷ୍ଠିତ ମଧ୍ୟରେ ପକ୍ଷୀ ରାବ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । 'ଇଉରୋପିଆନ ଗଲ ସ୍କ୍ରିଚିଂ ଚାମ୍ପିଅନସିପ୍' ଭାବେ ନାମିତ ପ୍ରତିଯୋଗିତାରେ ବିଭିନ୍ନ ଇଉରୋପୀୟ ରାଷ୍ଟ୍ରର ଶତାଧିକ ପ୍ରତିଯୋଗୀ ଭାଗନେଇଥିଲେ । ଏକ ପାନଶାଳାରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କେତେକ ପ୍ରତିଯୋଗୀ ଗଲ୍ କସଟ୍ୟୁମ୍ପିନ୍ଧି ତଥା ଗଲ୍ ଭଳି ଡେଣା ହଲାଇ ଉଚ୍ଚ ସ୍ୱରରେ ରାବିଥିଲେ । ଗଲ୍ ପକ୍ଷୀ ଅତି ଉଚ୍ଚ ସ୍ୱରରେ ରାବିପାରେ । ଏହାର ସ୍ୱରକୁ ମଧୁର କହାଯାଇପାରିବନାହିଁ; କର୍କଶ ଶ୍ରେଣୀୟ । ଏହା କଳହପ୍ରିୟ ପକ୍ଷୀ ମଣିଷ ହାତରୁ ମଧ୍ୟ ଖାଦ୍ୟ ଛଡ଼େଇନିଏ । ବେଳାଭୂମି ଅଞ୍ଚଳରେ ଏମାନେ ସାମୂହିକ ରାବିବା ସହ ନାନା ପ୍ରକାରର ବିଶୃଙ୍ଖଳା ସୃଷ୍ଟି କରନ୍ତି । ଏମାନଙ୍କ ଉପଦ୍ରବ ବେଳେ ବେଳେ ମଣିଷ ପାଇଁ ସମସ୍ୟା ସୃଟ୍ଟି କରେ । ତେବେ, ଏସବୁ ସେମାନଙ୍କ କ୍ଷେତ୍ରରେ ପ୍ରାକୃତିକ; କିଛି ବି ଅସ୍ୱାଭାବିକ ନୁହେଁ । କୁଖ୍ୟାତି ସତ୍ତ୍ୱେ ଏହା ଆଦରଣୀୟ ପକ୍ଷୀ । ତେଣୁ ଏହାର ରାବକୁ ଅନୁକରଣ କରି, ପ୍ରତିଯୋଗିତା ଆୟୋଜନ କରିବା ପାଇଁ କିଛି ଗଲ-ପ୍ରେମୀ ସ୍ଥିର କରିଥିଲେ । ପ୍ରତିଯୋଗିତାର ବିଚାରକ ଥିଲେ 'ଫ୍ଲାନଡର୍ସ ମେରାଇନ ଇନସଟିଚ୍ୟୁଟ୍ର ବିଜ୍ଞାନୀ ଜାନସିକ୍ । ଆମସଟରଡାମର ରେଗି ଲାଚ ଏବଂ ହାସେଲର ବ୍ରେଗି ଆଇଡିଂଙ୍କୁ ଯୁଗ୍ମ ବିଜେତା ଘୋଷିତ କରାଯାଇଥିଲା ।

## ବୋତଲେ ୱାଇନ ୧୦ଟି ସିଗାରେଟ୍ ଭଳି ହାନିକାରକ




ଗୋଟିଏ ବୋତଲ ୱାଇନ୍ ପିଇଲେ କର୍କଟ ଆଶଙ୍କା ଯେତିକି ବଢ଼େ, ୧୦ଟି ସିଗାରେଟ୍ ଟାଣିବା ଦ୍ୱାରା ଏହି ଆଶଙ୍କା ସେତିକି ବୋଲି ଗବେଷକମାନେ ଚେତାଇ ଦେଇଛନ୍ତି ମଦ୍ୟପାନ ସମ୍ପର୍କିତ କର୍କଟ ଆଶଙ୍କା ସହ ଧୂମପାନକୁ ବୈଜ୍ଞାନିକମାନେ ଆକଳନ କରିଥିଲେ । ଅଧ୍ୟୟନରୁ ମହିଳାଙ୍କ କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ ଫଳାଫଳ ସାମ୍ନାକୁ ଆସିଛି । ପୁରୁଷଙ୍କ ପାଇଁ ସପ୍ତାହରେ ଗୋଟିଏ ବୋତଲ ୱାଇ ପିଇବା ୫ଟି ସିଗାରେଟ୍ ଟାଣିବା ଭଳି ହାନିକାରକ ଜଣାପଡ଼ିଲା । ମଦ୍ୟପାନଜନିତ କର୍କଟ ଆଶଙ୍କା ମହିଳାଙ୍କଠାରେ ବେଶି ଜଣାପଡ଼ିଲା, କାରଣ ସ୍ତନ କର୍କଟ ସହ ଏହା ସଂଶ୍ଳିଷ୍ଟ ।



ଏଥିଯୋଗୁ ମହିଳାଙ୍କ ଜୀବନ ଉପରେ ହାନି ଆଶଙ୍କା ୧୪ପ୍ରତିଶତ ଥିଲା । ସପ୍ତାହରେ ଗୋଟିଏ ବୋତଲ ବା ୧୦ୟୁନିଟ୍ ୱାଇନ ପିଇବା ଦ୍ୱାରା କର୍କଟ ଆଙ୍କା ଧୂମପାନ କରୁନଥିବା ମହିଳାଙ୍କୁ ୧.୪ପ୍ରତିଶତ ଏବଂ ପୁରୁଷଙ୍କୁ ୧ ପ୍ରତିଶତ ଆକଳନ କରାଗଲା । ୟୁନିଭର୍ସିଟି ହସପିଟାଲ ସାଉଥମ୍ପଟନ, ବାଙ୍ଗର ୟୁନିଭସିଟି ଓ ସାଉଥଆମ୍ପଟନ ୟୁନିଭର୍ସିଟିର ଗବେଷକମାନେ ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି ।

## ସାରଙ୍ଗପାଣି ମନ୍ଦିର

ତାମିଲନାଡୁର କୁମ୍ଭକୋନମଠାରେ ଦଣ୍ଡାୟମାନ ସାରଙ୍ଗପାଣି ମନ୍ଦିର । ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏହି ପୀଠ ବିଷ୍ଣୁଙ୍କର ତିନିଟି ମୁଖ୍ୟ ପୀଠ ମଧ୍ୟରେ ଅନ୍ୟତମ । ୧୬ଶ ଶତାବ୍ଦୀର ନାୟକ ରାଜତ୍ୱ ସମୟରେ ମନ୍ଦିର ପୁନଃନିର୍ମାଣ ହୋଇଥିଲା । ମନ୍ଦିର ପ୍ରାଙ୍ଗଣରେ ଏକମାତ୍ର ପବିତ୍ର ପୋଖରି ରହିଛି ଯାହାର ନାମ 'ପୋଟ୍ରୋମାରାଇ କୁଲମ' । କିମ୍ବଦନ୍ତୀ କହେ, ବୈଷ୍ଣବ ମୂର୍ତ୍ତି ସାରଙ୍ଗପାଣି ଭଗବାନ ବିଷ୍ଣୁଙ୍କ ଅବତାର ଯିଏକି ହେମ ଋଷିଙ୍କୁ ଦର୍ଶନ ଦେଇଥିଲେ । ଏହି ପୋଖରି ତଟରେ ସେ ଭଗବାନ ବିଷ୍ଣୁଙ୍କ ତପସ୍ୟା କରିଥିଲେ । ସ୍ଥାନୀୟ ନଗରୀରେ ଦଣ୍ଡାୟମାନ ମନ୍ଦିର ମଧ୍ୟରେ ଏହା ସବୁଠୁ ବଡ଼ । ପୀଠର ମୁଖ୍ୟ ପ୍ରବେଶ ଦ୍ୱାରର ଉଚ୍ଚତା ୧୭୩ଫୁଟ । ଏଥିସହ ଆହୁରି ୫ଟି ପ୍ରବେଶ ଦ୍ୱାର ମଧ୍ୟ ରହିଛି । ମୁଖ୍ୟ ପ୍ରବେଶ ଦ୍ୱାରରେ ଚିତ୍ର ସହ ଅନେକ ପୌରାଣିକ କାହାଣୀ ବର୍ଣ୍ଣିତ ହୋଇଛି । ଦକ୍ଷିଣ ଭାରତୀୟ ନୃତ୍ୟଶୈଳୀ ମଧ୍ୟରୁ କିଛି ମନ୍ଦିର କାନ୍ଥରେ ଦେଖିବାକୁ ମିଳେ । ମନ୍ଦିର ମଧ୍ୟରେ ପ୍ରଭୁ ସାରଙ୍ଗପାଣି ଘୋଡ଼ା ଓ ହାତୀ ଟାଣୁଥିବା ରଥରେ ବିରାଜିଛନ୍ତି । ମୁଖ୍ୟ ପ୍ରବେଶ ଦ୍ୱାର ବାହାରେ କାଠନିର୍ମିତ ଦୁଇଟି ରଥ ରହିଛି ।



ରଥଯାତ୍ରାପୀଠର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପର୍ବ । ମାର୍ଚ୍ଚ-ଏପ୍ରିଲରେ ଏହି ପର୍ବ ବେଶ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଏ ।

## ଡେ ଅଫ୍ ହୋପ୍

ମାର୍କିନ୍ ସ୍ୱେଚ୍ଛାସେବୀ ସଂଗଠନ 'ଚାଇଲଡହେଲ୍‌ପ' ଆନୁକୂଲ୍ୟରେ ପ୍ରତି ବର୍ଷ ଏପ୍ରିଲ ମାସର ପ୍ରଥମ ବୁଧବାରରେ ପାଳନ କରାଯାଉଛି 'ଡେ ଅଫ୍ ହୋପ୍' । ଅବହେଳିତ ଓ ନିର୍ଯ୍ୟାତିତ ଶିଶୁଙ୍କୁ ଉଦ୍ଧାର କରିବା, ଆଶ୍ରୟ ଦେବା, ସେମାନଙ୍କର ଯତ୍ନ ନେବା ଆଦି ବାବଦରେ ସଚେତନତା ସୃଷ୍ଟି କରିବା, ଏହି ଦିବସ ପାଳନର ଲକ୍ଷ୍ୟ । ଇଭୋନ୍ ଫିଡରସନ ଓ ସାରା ଓ'ମିୟାରାଙ୍କ ନେତୃତ୍ୱରେ 'ଚାଇଲଡହେଲ୍‌ପ' ସଂଗଠନ ୧୯୫୯ରୁ ସକ୍ରିୟ । ଉଲ୍ଲେଖଯୋଗ୍ୟ ଯେ, ସାରା ବିଶ୍ୱରେ ଦୈନିକ ହଜାର ହଜାର ଶିଶୁ ନିର୍ଯ୍ୟାତିତ ହେଉଛନ୍ତି । ଅଧିକାଂଶ ସେମାନେ ଚିହ୍ନିଥିବା ବା ସେମାନଙ୍କ ଜଣାଶୁଣା ଲୋକଙ୍କ ଦ୍ୱାରା ଏହି ସାମାଜିକ ବ୍ୟାଧିକୁ ରୋକାଯିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଏବଂ ଅପରାଧୀଙ୍କୁ ଉଲ୍ଲେଖନୀୟ ଦଣ୍ଡବିଧାନ ସାଂପ୍ରତିକ ପରିପ୍ରେକ୍ଷୀରେ ଅତି ଜରୁରୀ ।

## ମଶା ହେଉଛନ୍ତି କି ?

**ମଶାକୁ ନେଇ ବିଶ୍ୱସ୍ତରରେ ଅନେକ ସଚେତନତା ବୃଦ୍ଧି ପାଇବାରେ ଲାଗିଛି । ନିଜ ପାରିପାର୍ଶ୍ୱିକ ପରିବେଶକୁ ସଫାସୁତୁରା ରଖିଲେ ମଶା ବ୍ୟାପିବାର ଭୟ ଏତେ ନଥାଏ । ଏନେଇ ଗବେଷକମାନେ କେତୋଟି ସଚେତନ ବାର୍ତ୍ତା ଦେଇଛନ୍ତି ।**

- ଘରେ ପିଇବା ପାଣି ରଖୁଥିବା ସ୍ଥାନ ସମ୍ପୂର୍ଣ୍ଣ ପରିଷ୍କାର ରଖନ୍ତୁ । ବୋତଲ ହେଉ କିମ୍ବା ପାଣି ଜାର, ଏହାର ଠିପିକୁ ଭଲଭାବରେ ବନ୍ଦ କରନ୍ତୁ ।
- ରୋଷେଇ ଘରେ ଓ ବାସନଧୁଆ ସ୍ଥାନରେ ପାଣି ଯେପରି ଜମା ନ ହୁଏ, ସେଥିପାଇଁ ଧ୍ୟାନ ରଖନ୍ତୁ ।
- ଫୁଲକୁଣ୍ଡକୁ କୌଣସି ଏକ ଶୁଖିଲା ସ୍ଥାନରେ ରଖନ୍ତୁ ।
- ଶୌଚାଳୟରେ ପ୍ରତ୍ୟହ ଫିନାଇଲ ବ୍ୟବହାର କରିବା ଦ୍ୱାରା ମଶା ଆଉ ଏତେ ପରିମାଣର ହୋଇନଥାନ୍ତି ।
- ଅଦରକାରି ପ୍ଲାଷ୍ଟିକ୍ କିମ୍ବା କାଗଜଟୁକୁଡ଼ାକୁ ଏଣେତେଣେ ପକାନ୍ତୁ ନାହିଁ, ଏହାଦ୍ୱାରା ମଧ୍ୟ ମଶା ବେଶୀ ପରିମାଣରେ ବ୍ୟାପିଥାନ୍ତି ।



## ଜୀବନର ପ୍ରକୃତ ଖୁସି...

ଈଶ୍ୱରଙ୍କ ସୃଷ୍ଟିରେ କାହା ପାଖରେ ଅପର୍ଯ୍ୟାପ୍ତ ଟଙ୍କା ତ' ଆଉ କାହା ପାଖରେ ମୁଠିଏ ଖାଦ୍ୟ ଯୋଗାଡ଼ କରିବାକୁ ଅର୍ଥ ନାହିଁ । ଏଣୁ ଅନେକ ସମୟରେ ମନକୁ ଫଳ । ସେଥିପାଇଁ ଆମ ଭଳି ଗରିବ ଲୋକ ସବୁ ସ୍ଥାନରେ ଜିଇ ରହିବାକୁ ପ୍ରତିଦ୍ୱନ୍ଦିତା କରନ୍ତି । ଏଇ କଥା କହିଛନ୍ତି ୩୯ବର୍ଷୀୟ ରାମନ କୁଞ୍ଜ । ବାରାଣସୀର ଏଇ ବ୍ୟକ୍ତି ଗତ କିଛି ବର୍ଷ ତଳ ସ୍ତ୍ରୀ ଓପିଲାଙ୍କ ସହ ଆସି ମୁମ୍ବାଇରେ ବସ୍ତି ଅଞ୍ଚଳରେ ରହୁଛନ୍ତି । ବେଉସା ହେଲା ବାନ୍ଦ୍ରା ଅଞ୍ଚଳରେ ଝାଲ ମୁଢ଼ି ବିକ୍ରି କରିବା ଓ ସକାଳବେଳା ମିଠା ତିଆରି ଏକ ଦୋକାନକୁ ଯୋଗାଇବା । ଏ କାମ ପାଇଁ ତାଙ୍କ ପତ୍ନୀ ସାହାଯ୍ୟ କରନ୍ତି । ବାପା-ମା' ଆର୍ଥିକ ଅସୁବିଧା କାରଣରୁ ତାଙ୍କୁ ଅଧିକ ପାଠ ପଢ଼ାଇ ପାରିନଥିଲେ । ନମବମ ଯାଏଁ ପାଠ ପଢ଼ିଥିବା ଲୋକକୁ ଅବା କି କାମ ମିଳିବ ? ଏଣୁ ବାରାଣସୀରେ ଜଳଖିଆ ବିକ୍ରି କରୁଥିଲେ । ସେଥିରେ କିନ୍ତୁ ସେ ଲାଭବାନ ହୋଇପାରିଲେନି । ଶେଷରେ ସ୍ଥିର କଲେ ମୁମ୍ବାଇ ଯାଇ ଛୋଟ ବେପାର କରିବେ । ସେ ପାଇଁ ମଧ୍ୟ ଅର୍ଥ ବାଧକ ଥିଲା । ଯାହା ହେଉନା କାହିଁକି, ଯେନତେନ ପ୍ରକାରେ ରାମନ ଏବେ ଚଳୁଛନ୍ତି । ଓ ୨ଝିଅଙ୍କୁ ପାଠ ପଢ଼ାଉଛନ୍ତି । ପିଲା ଦୁହିଁଙ୍କୁ ବିଦ୍ୟାଳୟ ପୋଷାକରେ ଯିବା ଦେଖିଲେ ତାଙ୍କୁ ଖୁବ ଖୁସି ଲାଗିଥାଏ ବୋଲି କହିଛନ୍ତି ରାମନ । ୩ମାସ ତଳେ ସର୍ବଭାରତୀୟ ସ୍ତରରେ ହୋଇଥିବା ଏକ ଆଇକ୍ୟୁ ଟେଷ୍ଟରେ ତାଙ୍କ ବଡ଼ ଝିଅ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଏଇ ସଫଳତା ପାଇଁ ତାଙ୍କ ଝିଅକୁ ବୃତ୍ତି ମିଳିବା ସହ ଅନ୍ୟାନ୍ୟ ସଂସ୍ଥା ମଧ୍ୟ ଆର୍ଥିକ ସହାୟତା କରୁଥିବାର ପ୍ରକାଶ । ରାମନ କହିଛନ୍ତି ଆର୍ଥିକ ସହାୟତା ପାଇଁ ଯେତିକି ବ୍ୟଗ୍ର ନୁହନ୍ତି, ବରଂ ପିଲାର ସଫଳତାରେ ତାଙ୍କୁ ସବୁଠୁ ବଡ଼ ଖୁସି ମିଳିଛି ବୋଲି ସେ ଅନୁଭବ କରୁଛନ୍ତି ।



## ଶରୀର ପାଇଁ ଆବଶ୍ୟକ କ୍ୟାଲସିୟମ୍

ଜଣେ ବ୍ୟକ୍ତି ସୁସ୍ଥ ରହିବା ପଛରେ ଅନ୍ୟ ଭିଟାମିନ ସହ କ୍ୟାଲସିୟମର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କେବଳ ହାଡ଼କୁ ମଜବୁତ କରିବା ନୁହେଁ କେତେକ ରୋଗକୁ ଦୂର କରିବାରେ ଏହା ସହାୟକ ହୋଇଥାଏ । ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ଅତିକମରେ ୧୦୦-୧୨୦୦ ମିଲିଗ୍ରାମ କ୍ୟାଲସିୟମ ଆବଶ୍ୟକ କରନ୍ତି । ତାହା ହାଡ଼ ଏବଂ ଦାନ୍ତରୁ ୯୯ ପ୍ରତିଶତ ଦୃଢ଼ ରଖିଥାଏ । ଖାଦ୍ୟ ମାଧ୍ୟମରେ ଶରୀର ଭିତରକୁ ଯେତିକି କ୍ୟାଲସିୟମ ଯାଏ ତାହାର କିଛି ଅଠା ଝାଳ, ପରିସ୍ରା, କେଶ, ନଖ ମାଧ୍ୟମରେ ବାହାରି ଯାଇଥାଏ । ତେଣୁ ଶରୀରରେ କିପନରି ଏହାର ପରିମାଣ ସନ୍ତୁଳିତ ହୋଇ ରହିବ ସେଥିପ୍ରତି ସତର୍କ ରହିବା ଆବଶ୍ୟକ । ନହେଲେ ଅସମୟରେ ହାଡ଼ ଦୁର୍ବଳ ହେବା ସହିତ ଅନ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୩ ମାର୍ଚ୍ଚ ୨୦୨୨, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପଞ୍ଚାୟତ ନିର୍ବାଚନ ପରେ....

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ତାତି ଉଣା ନହେଉଣୁ ରାଜ୍ୟରେ ପୌରସଂସ୍ଥା ଗୁଡ଼ିକ ଲାଗି ନିର୍ବାଚନ ସକାଶେ ବିଜ୍ଞପ୍ତି ପ୍ରକାଶ ପାଇଛି । ୪୭ଟି ମ୍ୟୁନିସିପାଲିଟି, ୫୯ଟି ବିଜ୍ଞପିତ ଅଞ୍ଚଳ ପରିଷଦକୁ ମିଶାଇ ୧୦୬ଟି ପୌର ସଂସ୍ଥା ଲାଗି ଭୋଟଗ୍ରହଣ ହେବ । ତିନି ମ୍ୟୁନିସିପାଲ କର୍ପୋରେସନ୍ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁରରେ ମଧ ଏକସମୟରେ ଭୋଟଗ୍ରହଣ ହେବ ବୋଲି ବିଜ୍ଞପ୍ତିରେ ସୂଚିତ ହୋଇଛି । ସୋମବାର ସହରାଞ୍ଚଳର ପୌରସଂସ୍ଥା ଗୁଡ଼ିକରେ ଭୋଟଗ୍ରହଣ ଲାଗି ଦିନ ଘୋଷଣା କରାଯାଇଛି ଆଗାମୀ ୨୪ ତାରିଖ । ସୂଚିତ ହୋଇଛି ଯେ, ପୌର ପରିଷଦ ୨୭ଲକ୍ଷରୁ ଊର୍ଦ୍ଧ୍ୱ ମତଦାତା ଏବଂ ତିନି ମହାନଗର ନିଗମର ୧୪ଲକ୍ଷରୁ ଅଧିକ ଭୋଟର ମତାଧିକାର ସାବ୍ୟସ୍ତ କରିବେ । ଚଳିତ ୨ରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ ଚାଲିବ । ୯ରେ ପ୍ରାର୍ଥୀପତ୍ରର ବୈଧତା ଯାଞ୍ଚ କରାଯିବ ଏବଂ ଯେଉଁ ବ୍ୟକ୍ତି ଚାହିଁବେ, ସେମାନେ ୧୪ ଅହରାହ୍ଣ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ ବୋଲି କୁହାଯାଇଛି । ସେହିଦିନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱୀମାନେ ମଇଦାନକୁ ଓହ୍ଲାଇବେ । ୨୪ରେ ଭୋଟଗ୍ରହଣ ସରିବା ପରେ ଫଳ ଘୋଷଣା ହେବ ୨୬ରେ । ଚଳିତ ପୌର ନିର୍ବାଚନର ବିଶେଷତା ହେଉଛି, ପ୍ରଥମ ଥର ଲାଗି ପୌରସଂସ୍ଥା ଗୁଡ଼ିକ ସକାଶେ ଅଧକ୍ଷ ନିର୍ବାଚନ ସିଧାସଳଖ ହେବ । ମତଦାତାମାନେ ପ୍ରତ୍ୟକ୍ଷ ଭାବେ ସେମାନଙ୍କର ମେୟର ଓ ଅଧକ୍ଷମାନଙ୍କୁ ଚୟନ କରିବାର ସୁଯୋଗ ପାଇବେ । ବହୁଦିନ ଧରି ଅନେକ ପୌରସଂସ୍ଥା ଅଚଳ ରହିଥିଲା ଏବଂ ପ୍ରଶାସକଙ୍କ ନିୟନ୍ତ୍ରଣରେ ଥିଲା । ସମ୍ଭାବ୍ୟ ନିର୍ବାଚନ ଜରିଆରେ ସହରୀ ମତଦାତାମାନେ ସେମାନଙ୍କ ପସନ୍ଦର ପ୍ରତିନିଧି ବାଛିପାରିବେ । ବର୍ଷ ବର୍ଷ ଧରି ସହର ଓ ଗ୍ରାମାଞ୍ଚଳରେ ଅନେକ ସମସ୍ୟା ରହିଛି । ପରିମଳଠାରୁ ଆରମ୍ଭ କରି ପିଇବା ପାଣି, ରାସ୍ତାଘାଟ ଭଳି ଅନେକ ସମସ୍ୟା ରହିଆସିଛି । ଏମିତିରେ ସେଗୁଡ଼ିକର ଦୂରୀକରଣ ପାଇଁ ପ୍ରତିନିଧି ସଂସ୍ଥା କେତେଦୂର ତତ୍ପର ରହିବ, ତାହା ଉପରେ ନିର୍ଭର କରୁଛି ବହୁ କଥା । ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଶାସକ ଦଳ ଏକତରଫା ବାଜିମାତ୍ କରିବାର ଅବ୍ୟବହିତ ପରେ ପରେ ଚାହିଁଥିବା ସମ୍ଭବ ତାଓ୍ୱା ତତଲା ଥିବା ସମୟରେ ରୁଟି ଶେକି ହେବ । ସୁଦୂର ବ୍ୟବଧାନରେ ଥାଇ ସୁଦ୍ଧା ବିଜେପି ଓ କଂଗ୍ରେସ ପୌରସଂସ୍ଥା ଭୋଟ୍‌ରେ ସେମାନଙ୍କର ପ୍ରଭାବ ଦେଖାଇବା ଲାଗି ବଳ ଗୋଟାଇ ପାରନ୍ତି । କିନ୍ତୁ ପଞ୍ଚାୟତ ଭୋଟରେ ଏକରକମର ମତଦାତା ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିଦେଇଥିବାରୁ ଅଣ୍ଟା ସଳଖି ଛିଡ଼ାହେବାକୁ ସେମାନଙ୍କ ପାଖରେ ନା ଅଛି ଶକ୍ତି ନା ଅଛି ସମ୍ବଳ । କେଉଁ କାରଣରୁ ଓଡ଼ିଶାର ଜନସାଧାରଣ ଅଣ-ବିଜେଡି ଦଳଙ୍କୁ ନିର୍ବାଚିତ କରିବା ବଦଳରେ ନିର୍ବାସିତ କରିଦେଲେ, ତାହାର ଆତ୍ମସମୀକ୍ଷା କରି ଆଗାମୀ ପୌର ଭୋଟ୍‌ରେ ସମର୍ଥନ ଭିକ୍ଷା କରିପାରିବେ ତାହା ସହସା ବୁଝି ହେଉନାହିଁ । କ୍ଷମତାସୀନ ଦଳ ଦ୍ୱାରା ଏବେଠାରୁ ସମ୍ଭାବ୍ୟ ଅଧକ୍ଷ ଓ ଉପାଧକ୍ଷ ପଦ ସକାଶେ କସରତ୍ ସେଥିରେ ବିଦ୍ରୋହୀ କିମ୍ବା ଅସନ୍ତୁଷ୍ଟମାନଙ୍କ ସଂଖ୍ୟା କିଛି କମ୍ ନାହାଁନ୍ତି । ସେମାନଙ୍କୁ ଫଳେ-ପୁଷ୍ପେ ସନ୍ତୁଷ୍ଟ କରାଯିବାର ନୀତି କ୍ଷମତାସୀନ ଦଳକୁ ମାଲୁମ୍ ନଥିବ, ସେମିତି କିଛି କଥା ନାହିଁ । ଲଗାତାର ପାଞ୍ଚଥର କ୍ଷମତାକୁ ଆସିଥିବା ବିଜୁ ଜନତା ଦଳ ଏଥର ବିପକ୍ଷକୁ ପଞ୍ଚାୟତ ଭୋଟ୍‌ରେ ଧରାଶୟୀ କରିଦେବା ପରେ ଆତ୍ମସନ୍ତୁଷ୍ଟ ହୋଇଯିବା ଘାତକ ସାବ୍ୟସ୍ତ ହୋଇପାରେ ବୋଲି ସମୀକ୍ଷକ ମତ ଦେଉଛନ୍ତି । ତାହାରି ଭିତରେ ରାଜ୍ୟବାସୀଙ୍କ ସବୁ ସମୟରେ ଯୋଡ଼ି ହୋଇ ରହିବା ଲାଗି ନେତୃତ୍ୱର ପରାମର୍ଶକୁ ନିଷ୍ଠାର ସହ ନେତା, କର୍ମୀ ଓ ସମର୍ଥକ ପାଳନ କରିବାର ଆଶା ରହିଛି । ପ୍ରଶାସନ ଓ ରାଜନୈତିକ ଦଳ ଭିତରେ ସମନ୍ୱୟ ଯେମିତି ବିଶାଳ ଆହ୍ୱାନ ଆଣିଦେଇଛି, ସେମିତି ସମ୍ଭାବ୍ୟ ସ୍ଥିତିର ମୁକାବିଲା ଲାଗି ଶକ୍ତି ଜୁଟାଇବାର ସୁଯୋଗ ବଢ଼ାଇ ଦେଇଛି । ବଡ଼ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ହେଉ କି' କରୋନା ମହାମାରୀ ପ୍ରକୋପ ହେଉ, ୟୁକ୍ରେନ୍ ଫେରନ୍ତା ଛାତ୍ର ଓ ନାଗରିକଙ୍କ ପାଇଁ ସହାୟତ ଯୋଗାଇଦେବା ଭଳି ଗୁରୁଦାୟିତ୍ୱ ଦର୍ଶାଇ ଦେଇଛି ଯେ, ଯେତେ ବଡ଼ ହେଉ ପଛେ ସାମ୍ପ୍ରତିକ ନେତୃତ୍ୱ ତାହାର ଅନୁପାଳନରେ ପଶ୍ଚାତ୍ପଦ ହେବନାହିଁ । ସେ ଦୃଷ୍ଟିରୁ ଦେଖାଗଲେ ଜନଗଣଙ୍କ ଆଶୀର୍ବାଦକୁ ପାଥେୟ କରି ଆଗୁସାର ହେବା ସାମର୍ଥ୍ୟ ନେତୃତ୍ୱର ରହିଛି ।

# କୋଭିଡ୍ ପରିପ୍ରେକ୍ଷୀରେ ଆହାର କେନ୍ଦ୍ର

**ରମେଶ ସାହୁ**

କୋଭିଡ୍-୧୯ର ବିସ୍ତାରିତ ବାହୁ ଟିକେ ନଇଁ ଗଲାପରେ ଲୋକେ ଯେ ଯାହା କାମରେ ଲାଗିଗଲେଣି। ରାସ୍ତାଘାଟ ସକ୍ରିୟ ହୋଇଯାଇଛି। ଉତର ଓଡ଼ିଶାରେ କେନ୍ଦୁଝର ପରେ ମୟୂରଭଞ୍ଜ ହେଉଛି ଦ୍ୱିତୀୟ ଆଦିବାସୀ ବହୁଳ ଜିଲ୍ଲା। ରାଜ୍ୟର ଏହି ବୃହତମ ଜିଲ୍ଲରେ ସହର ଅପେକ୍ଷା ଗାଁ ସଂଖ୍ୟା ଅଧିକ। ରାଇରଙ୍ଗପୁର ଓ ସଦର ବାରିପଦା ହେଉଛି ଦୁଇଟି ମ୍ୟୁନିସପାଲିଟୀ ସହର। ଏନଏସି ସହର ହୋଇ ରହିଛି କରଞ୍ଜିଆ ଓ ଉଦଳା। ରାଜ୍ୟ ସରକାର ୨୦୧୬ ମସିହାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ଦାୟିତ୍ୱ ପାଳନ କରିବାକୁ ଯାଇ ରାଜ୍ୟର ସବୁ ସହରରେ ଖୋଲଥିଲେ ସୁଲଭ ମୂଲ୍ୟର ଆହାର କେନ୍ଦ୍ର। ୫ ଟଙ୍କିଆ ଭାତ, ଡାଲମା ଥାଳି ସେବେଠାରୁ ଅବିରାମ ଗତିରେ ଚାଲୁ ରହିଛି। ବାରିପଦା ସହରର ବସ ଷ୍ଟେଣ୍ଡ ଓ ବଡ଼ ଡାକ୍ତରଖାନା ପରିସରରେ କାର୍ଯ୍ୟ କରୁଛି ଆହାର କେନ୍ଦ୍ର। ଏହି କେନ୍ଦ୍ର ଦୁଇଟିରେ ମୟୂରଭଞ୍ଜ ଜିଲ୍ଲାର ଅନେକ ଲୋକ ଭାତ, ଡାଲମା ଖାଦ୍ୟ ଖାଉଛନ୍ତି। ସେମାନେ ହୁଏତ ସହରକୁ କିଛି କାମରେ ଆସୁଛନ୍ତି କିମ୍ବା ରୋଗୀ ଧରି ଚିକିତ୍ସା ପାଇଁ ଆସିଥିଲେ। ଆହର କେନ୍ଦ୍ରରେ ସହରର ବାସହୀନ ଓ ଦୁଃସ୍ଥ ଲୋକମାନଙ୍କ ପାଇଁ ଅନୁମତୀ ରହିଛି। ଗତ ବର୍ଷ ମଧ୍ୟଭାଗରୁ ହିତାଧିକାରୀ ମାନଙ୍କ ସଂଖ୍ୟା ବଢିଥିବା ଦେଖାଯାଉଛି । ଲୋକମାନେ ୪୦ ଟଙ୍କା ପରିବର୍ତେ ୫ ଟଙ୍କାରେ ଖାଦ୍ୟ ପାଇଯାଉଥିବାରୁ ନିଶ୍ଚୟ ଖୁସି ହେଉଥିବେ। କେନ୍ଦ୍ରରୁ ଖାଦ୍ୟ ବାହାରକୁ ନେଇଯିବା ନିୟମ ଲାଗୁ ହେଲାପରେ ଥାଳିରୁ ମିଶ୍ରିତ ଡାଲମା, ଭାତ ଫୋପଡ଼ା କମିଯାଇଛି। ଦିନେ ପ୍ଲାଷ୍ଟିକ୍ ଡ୍ରମ୍ ଭର୍ତି ଖାଦ୍ୟ ବର୍ଜ୍ୟ ଘୁଷୁରୀ ପଲଙ୍କ ପାଇଁ ଯାଉଛି ଶୁଣିବା ପରେ କଥାଟି ଅଡୁଆ ଲାଗିଥିଲା। ବାରିପଦା ଡାକ୍ତରଖାନା ଏବେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲ। ଏଠାରେ ଉନ୍ନତ ମାନର ଚିକିତ୍ସା ସେବା ମଳିବା ଆଶା ରଖି ଜିଲ୍ଲା ଓ ପଡ଼ୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରୁ ରୋଗୀମାନେ ଆସୁଛନ୍ତି। ବସ ଷ୍ଟେଣ୍ଡ ଆହାର କେନ୍ଦ୍ର ଅପେକ୍ଷା ଡାକ୍ତରଖାନା କେନ୍ଦ୍ରଟି ଅଭାବୀ ଲୋକମାନଙ୍କ ସକାଶେ ବେଶ୍ ଉପକାରୀ ହେଉଛି। ରୋଗୀ ଚିକିତ୍ସା ଜନିତ ଅନିଶ୍ଚିତତା ହେତୁ ଟଙ୍କା ଖର୍ଚ୍ଚ ହୋଇଯିବା ପରି ସମସ୍ୟା ଏକ ସାଧାରଣ କଥା। ଏଣୁ କିଛି ଲୋକଙ୍କ ମନରେ ଅଭାବ ଅବଶୋଷ ରହିବା ସ୍ୱାଭାବିକ। ଏହି ଆହାର କେନ୍ଦ୍ରରେ ତିନି ଜଣ ମହିଳା ନିତିଦିନିଆ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଖାଦ୍ୟ ବୁହା ଗାଡ଼ିର ଚାଳକ ମଧ୍ୟ ସେମାନଙ୍କ କାମରେ ହାତ ଦେଉଥିବା ଦେଖାଯାଏ। ମୟୂରଭଞ୍ଜ ଜିଲ୍ଲାର ୪ଟି ସହରରେ ଚାଲିଥିବା ୪ ଟି କେନ୍ଦ୍ରର ପରିଚାଳନା ଭାର ପୌର ପ୍ରଶାସନ ବୁଝୁଥିଲାବେଳେ ଖର୍ଚ୍ଚ କଥା ଜିଲ୍ଲା ଆହାର ସମିତି ବୁଝୁଛି। ବଜେଟ୍ ଅନୁଯାୟୀ ଦୈନିକ ଖାଦ୍ୟ ପଦାର୍ଥ ବ୍ୟବସ୍ଥା କରାଯାଏ। ଭୋଜନ ପ୍ରସ୍ତୁତୀ ପାଇଁ ସେଣ୍ଟ୍ରାଲ କିଚେନ୍ ରହିଛି। ମୟୂରଭଞ୍ଜ ଜିଲ୍ଲାରେ ଗାଁ ଗହଳିରେ ଡାଲି ଚାହିଦା କମ୍। ଏହି କାରଣରୁ ବୋଧହୁଏ କେନ୍ଦ୍ର ଆରମ୍ଭରୁ କିଛି ବର୍ଷ ଯାଏଁ ବର୍ଜ୍ୟ ପରିମାଣ ବହୁ ଅଧିକ ରହୁଥିଲା। ଡାଲିର ଉପକାରିତା ବୁଝିବା ପରେ ହୁଏତ ଫିଙ୍ଗିବା କମିଯାଇଛି। ବାରିପଦା ସହରର ପୂର୍ବ ଦିଗରେ ବୋହିଯାଉଥିବା ସରାଳୀ ନଦୀ ନିକଟରେ ବଡ଼ ଡାକ୍ତରଖାନା ଅବସ୍ଥିତ। ସମ୍ମୁଖ ଦିଗରେ ମୁଖ୍ୟ ରାସ୍ତାଟିଏ ଏବଂ ତିନି ପଟେ ଘେରିରହିଛି ଦୋକାନ ବଜାର। ବଡ଼ ଡାକ୍ତରଖାନାରେ କେନ୍ଦ୍ର ଆରମ୍ଭ ହୋଇଥିଲା ପୌର ପ୍ରଶାସନ ଦ୍ୱାରା ନିଯୁକ୍ତ ୫-୬ ଜଣ କର୍ମଚାରୀଙ୍କୁ ନେଇ। ସେମାନେ ଭଲ ଏକତା ରଖି କାମ କରୁଥିଲେ। କିନ୍ତୁ ଯେଉଁଦିନେ କେହି ନିଶା ପିଇ ଆସୁଥିଲେ କାମ ସେମାନଙ୍କର ନିଆରା ହେଉଥିଲା। ସାମାନ୍ୟ କିଛି ହୋଇଗଲେ ହିତାଧିକାରୀ ନାଲି ଆଖି ଏବଂ ଗାଳି ଫଜିତ୍‌ର ସାମ୍ନା କରୁଥିଲେ। ଡାକ୍ତରଖାନା କେନ୍ଦ୍ରରେ ଲୋକଙ୍କ ପ୍ରତି ଖରାପ ଆଚରଣ ସ୍ପୃହଣୀୟ ନୁହେଁ। ଏହା ନକରାତ୍ମକ ଭାବନା ସୃଷ୍ଟି କରିବା କିଛି ଅସମ୍ଭବ ନୁହେଁ। ଏହା ଜାଣି ସୁଦ୍ଧା ଏବର କମଚାରୀ ବି ସେହିଭଳି କାର୍ଯ୍ୟ କରିବା ନିଶ୍ଚିତ ପରିତାପର ବିଷୟ। ଡାକ୍ତରଖାନା ଫାଣ୍ଡି ଖଣ୍ଡେ ଦୂରରେ। ଟାଉନ ଥାନା ବି ଦୂରରେ। ପୋଲିସ କିନ୍ତୁ ଆହାର କେନ୍ଦ୍ର କର୍ମଚାରୀଙ୍କର ଆଚରଣ ସଂପର୍କରେ ଅବଗତ ଅଛନ୍ତି। ଥରେ ଅଧେ କେହି ଥାନାରୁ ଦୋଷ ସ୍ୱୀକାର ପୂର୍ବକ ଅଣ୍ଡରଟେର୍କିଂ ଲେଖି ମୁକୁଳିଥିବାର ମଧ୍ୟ ଉଦାହରଣ ରହିଛି। ସମସ୍ୟା ହେଉଛି, ପୋଲିସର ସହାୟତା ମିଳିବା ନେଇ ଲୋକଙ୍କ ଦ୍ୱନ୍ଦ୍ୱ। ପୂର୍ବରେ ଯୁବ କର୍ମଚାରୀମାନେ ମାସିକ ଦରମାକୁ ଦେଖି ଦାୟିତ୍ୱର ସୀମା କରିଥିବା ଭଳି ଜଣାପଡୁଥିଲା। ୧୧ଟା ୩୦ରୁ ମଧ୍ୟାହ୍ନ ଗୋଟେ ପାର୍ ହୋଇଗଲେ ସେମାନେ ପ୍ରସ୍ତୁତ ହେଉଥିଲେ। ବଳକା ଭାତ, ଡାଲମାକୁ ଅପଚୟ କରିଦେଇ କେନ୍ଦ୍ର ଚଟାଣ ସଫାକାମରେ ଲାଗିପଡୁଥିଲେ। ସେ ଯୁବକମାନେ ଏଠାରୁ ଯାଇ ସାରିଲେଣି। କେନ୍ଦ୍ରଠାରୁ ପୌର ସଂସ୍ଥାର ଦୂରତା ଅଧ କିମି ହେବ। ଏତେ ପାଖ ହୋଇବି ପୌର ସଂସ୍ଥାର ନିୟମିତ ଦୃଷ୍ଟି ନପଡ଼ିବା ନିଷ୍ଠା କମ୍ ଥିବା ମନେହୁଏ। ସମଗ୍ର ଓଡ଼ିଶାରେ ଏବେ ଏସଏଚଜିଙ୍କ ଦ୍ୱାରା ଆହାର କେନ୍ଦ୍ର ଚାଲିଛି। ମହିଳାମାନଙ୍କଠାରେ ପରିଚାଳନାଗତ ଦକ୍ଷତା ରହିଥିବା ନେଇ ସରକାର ସ୍ୱଷ୍ଟ ହୋଇଥିବେ। ଏଣୁ ସେମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମାସିକ ଦରମାକୁ ନେଇ ମହିଳାମାନଙ୍କର ମଧ୍ୟ ମନଉଣା ରହିଛି। ତେବେ ସେମାନଙ୍କର ଦାବି ତ ଅଛପା ନଥିବ। ଏଇ କିଛି ଦିନ ହେଲା ମଣିଷ କରୋନା ସଂକଟରୁ ଟିକେ ମୁକ୍ତି ପାଇଛି। ଆଗକୁ କ'ଣ ଘଟିବ ଅପେକ୍ଷା କରାଯାଉଛି। ଏସଏଚଜି ମହିଳାମାନଙ୍କୁ ଭୋଜନ ପରିବେଷଣର ବୈଷୟିକ ତାଲିମ ଦିଆଯିବା ଉଚିତ। ପରିବେଷଣଗତ ଦୁର୍ବଳତା ପୂର୍ବ କର୍ମଚାରୀ ମାନଙ୍କଠାରେ ମଧ୍ୟ ଦେଖାଯାଉଥିଲା। ଆହାର କେନ୍ଦ୍ରର ଭବିଷ୍ୟତକୁ ନେଇ କେତେକ ମହଲରେ ସନ୍ଦେହ ପ୍ରକାଶ ପାଉଥିଲା। ହେଲେ କୋଭିଡ୍-୧୯ ଆପାତତଃ ସେ ଆଶଙ୍କାକୁ ଦୂରେଇଦେଇଛି।

# ଫଗୁଣ ପରସେ ସଂସ୍କୃତି ହସେ



**ଶିବ ପ୍ରସାଦ ବାହିନୀପତି**

ଫାଲଗୁନୀ ନକ୍ଷତ୍ର ଯୁକ୍ତ ପୂର୍ଣ୍ଣମା ପାତିତ ଚାନ୍ଦ୍ରମାସ ଫଗୁଣ । ବସନ୍ତ ଋତୁର ଆଗମନ ସମୟ ଇଏ । ବସନ୍ତର ଆଗମନରେ ଧରା ପୁଲକିତ । ପ୍ରକୃତି ରାଣୀର ଅପୂରନ୍ତ ଶୋଭା ମନମୁଗ୍ଧକର । ନବ ପଲ୍ଲବରେ ପଲ୍ଲବିତ ପାଦପ । ଆମ୍ବ ବଉଳର ଭୁରୁଭୁରୁ ବାସ୍ନା ପଥିକର ପଥକ୍ଳାନ୍ତର ହାରକ । ମୃଦୁ ମଳୟକୁ ପରଭୃତର କୁହୁ ତାନ, ଆହାଃ ମନ ପ୍ରାଣ ପ୍ରଶାନ୍ତ। ନର, ପଶୁପକ୍ଷୀ ସମସ୍ତେ ଫଗୁଣର ନବାଗତା ସ୍ୱର୍ଶରେ ମତୁଆଲା ଆମ୍ବ ବଉଳର ଏଇ ଫଗୁଣ ମାସରେ, ତେଣୁ ଏକ କବିତାର ପଂକ୍ତିଟିଏ ମନକୁ ଆସେ :-

'ଆମ୍ବ ବଉଳଇ ଫଗୁଣ ମାସେ
ଦିଗ ଚହଟଇ ତା'ର ସୁବାସେ।'

ଏ ମାସଟି ବି ଅତି ପବିତ୍ର ମାସ । ପର୍ବପର୍ବାଣୀର ବି ଏହି ମାସରେ ଅଭାବ ନାହିଁ । କୃଷ୍ଣପକ୍ଷ ଏକାଦଶୀରେ ପଡ଼େ ପଙ୍କୋଦ୍ଧାର ଏକାଦଶୀ ବା ବିଜୟା ଏକାଦଶୀ, କୃଷ୍ଣପକ୍ଷ ଚତୁର୍ଦ୍ଦଶୀରେ ମହାଶିବରାତ୍ରି, ଶୁକ୍ଳପକ୍ଷ ଦଶମୀ ହେଉଛି ଫଗୁ ଦଶମୀ, ଶୁକ୍ଳପକ୍ଷ ଏକାଦଶୀରେ ଅଁଳା ଏକାଦଶୀ ଏବଂ ଶୁକ୍ଳପକ୍ଷ ଦ୍ୱାଦଶୀ ଯଦି ପୁଷ୍ୟା ନକ୍ଷତ୍ର ଯୁକ୍ତ ହୁଏ ତେବେ ଗୋବିନ୍ଦ ଦ୍ୱାଦଶୀ ପାଳନ କରାଯାଏ । ଏହି ମାସର ପବିତ୍ର ପର୍ବ ପୂର୍ଣ୍ଣମା ଓ ହୋଲି । ସେଲାଗି ଏହାକୁ ରଙ୍ଗର ମାସ ଭାବରେ ଅଭିହିତ କରାଯାଇଛି । ପରସ୍ପର ଭାଇଚାରା ତିଆରି କରୁଥିବା ଏବଂ ଆନନ୍ଦ ପ୍ରଦାନ କରୁଥିବା ମାସ ହେଉଛି ଫଗୁଣ ।

ପଙ୍କୋଦ୍ଧାର ଏକାଦଶୀ ବା ବିଜୟା ଏକାଦଶୀ ବ୍ରତ ପାଳନ ଦ୍ୱାରା ମଣିଷ ଶତ୍ରୁ ଜୟ କରିପାରେ । ଜାନକୀ ହରଣ ସମୟେ ଶ୍ରୀରାମ ବାନର ସେନା ସହ ସାଗର ଉତ୍ତର ତଟରେ ଉପନୀତ ହୋଇ ରାବଣ ପରି ମହାଶକ୍ତିଶାଳୀ ଶତ୍ରୁ ଏବଂ ସମୁଦ୍ରର ଗମ୍ଭୀରତା ନେଇ ଚିନ୍ତାଗ୍ରସ୍ତ ଥିଲେ ; ସାଗର ପାରି ହେବାର ଉପାୟ ଦରାଣ୍ଡିବା ବେଳେ ଜଣେ ମୁନିଙ୍କ ପରାମର୍ଶରେ ସେ ଏହି ଏକାଦଶୀ ବ୍ରତ ପାଳନ କରିବାରୁ ବ୍ରତର ପ୍ରଭାବରେ ସାଗର ପାର ହୋଇ ଦଶାସ୍ୟ ନାଶ କରିଥିବାର ପୁରାଣ କହେ । ଏହିଦିନ ପୁରୀର ଶ୍ରୀ ଲୋକନାଥ ଦେବଙ୍କ ଗର୍ଭଗୃହରୁ ଜଳ ନିଷ୍କାସନ କରାଯାଇ ପଙ୍କ ଉଦ୍ଧାର କରାଯାଏ । ବର୍ଷ ସାରା ଲୋକନାଥଙ୍କ ଶ୍ରୀଲିଙ୍ଗ ଜଳ ଭିତରେ ଲୁକ୍କାୟିତ ଥାଏ, ଏହି ଗୋଟିଏ ଦିନ ତାଙ୍କର ପୂର୍ଣ୍ଣ ଦର୍ଶନ ପ୍ରାପ୍ତ ହୁଏ । ଧର୍ମ ବିଶ୍ୱାସନୁଯାୟୀ ଏକାଦଶୀ ତିଥିରେ ଭକ୍ତଜନ ଶ୍ରୀ ଲୋକନାଥଙ୍କ ଶକ୍ତି ଦର୍ଶନାନ୍ତେ ଅପାର କୃପାଲାଭ ସହ ଦୁରାରୋଗ୍ୟ ବ୍ୟାଧିରୁ ରକ୍ଷା ପାଆନ୍ତି ଏବଂ ଏ ପଙ୍କ ଦେହରେ ଲାଗିଲେ ନାନା ସମସ୍ୟା ଓ ପାପରୁ ମୁକ୍ତି ମିଳେ । ଆପାଦ ମସ୍ତକ ମହାପ୍ରଭୁଙ୍କର ପଙ୍କ ଦେଖିବାକୁ ମିଳେ ।

ଆମ ହିନ୍ଦୁ ଧର୍ମର ବହୁତ ବଡ଼ ପର୍ବ ହେଉଛି ଫଗୁଣ ମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀର ମହାଶିବରାତ୍ରି । ଏହିଦିନ ଶିବ-ପାର୍ବତୀଙ୍କର ବିବାହର ଦିବସ । ଏହି ଦିବସରେ ସ୍ନାନ ଓ ବିଧିବତ ଅର୍ଚ୍ଚନା ଦ୍ୱାରା ସ୍ୱୟଂ ଶିବ ସୁପ୍ରସନ୍ନ ହୁଅନ୍ତି । ଜାବାଳି ଶ୍ରୁତି ଅନୁସାରେ ଦଶ ଶୈବ ବ୍ରତ ମଧ୍ୟରେ ଏହି ଶିବରାତ୍ରି ବ୍ରତ ଅତ୍ୟନ୍ତ ସିଦ୍ଧିଦାୟକ ଅଟେ । ମୁନି ସନତ କୁମାରଙ୍କ ମତରେ ଶିବଙ୍କୁ ପ୍ରସନ୍ନ କରିବାର ଦଶଗୋଟି ବରତ ଅଛି ; ତନ୍ମଧ୍ୟରୁ ଏ ଶିବରାତ୍ରି ଅତ୍ୟନ୍ତ ସିଦ୍ଧିଦାୟକ ଓ ସର୍ବଶ୍ରେଷ୍ଠ ବ୍ରତ ଆଉ ସର୍ବକାମପ୍ରଦ । କେତେକ ଶ୍ରୁତି ଅନୁଯାୟୀ ମାଘ ମାସ କୃଷ୍ଣ ଚତୁର୍ଦ୍ଦଶୀ ତିଥିକୁ ଶିବରାତ୍ରି ଭାବରେ ପାଳନ କରାଯାଉଥିଲେ ବି ଫଗୁଣର ଏହି ତିଥିକୁ ସର୍ବଶ୍ରେଷ୍ଠ ବିବେଚନା କରାଯାଏ । ଏହିଦିନ ସ୍ୱୟଂ ରୁଦ୍ରଙ୍କ ଦ୍ୱାରା ସଂସାର ପ୍ରକଟ ହୋଇଥିବାର ବିଶ୍ୱାସ ଅଛି । ସମୁଦ୍ରରୁ ନିର୍ଗତ ହଳାହଳ ବିଷ ପାନ କରି ସଂସାରକୁ ଆସନ୍ନ ବିପଦରୁ ରକ୍ଷା କରି ସ୍ୱୟଂ ଶିବ ମୂର୍ଚ୍ଛା ହୋଇ ଯାଇଥିଲେ । ସେ ଚେତ୍ ନହେବା ଯାଏଁ ଦେବଗଣ ମିଳି ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉଜାଗରରେ ଉପବେଶନ କରିଥିଲେ । ଏହାର ସ୍ମାରକୀ ଏଇ ଶିବରାତ୍ରି ବୋଲି ଆଖ୍ୟାନ ।

ମହାଭାରତର ଶାନ୍ତି ପର୍ବରେ ପିତାମହ ଭୀଷ୍ମ ଶରଶଯ୍ୟାରେ ରହି ଧର୍ମୋପଦେଶ ଛଳରେ ମହାଶିବରାତ୍ରି ପାଳନ ସମ୍ବନ୍ଧେ ଇକ୍ଷ୍ୱାକୁ ବଂଶଜ ନରେଶ ଚିତ୍ରଭାନୁଙ୍କର କାହାଣୀ ଉପସ୍ଥାପନ କରିଥିବାର ଉଲ୍ଲେଖ ରହିଛି । ଥରେ ଜମ୍ବୁଦ୍ୱୀପର ରାଜନ ଚିତ୍ରଭାନୁଙ୍କ ସ୍ତ୍ରୀ ଶିବରାତ୍ରି ବ୍ରତ ପାଳନ ବେଳେ ଋଷି ଅଷ୍ଟବକ୍ର ରାଜଦରବାରରେ ଉପନୀତ ହୋଇ ଏ ବ୍ରତ ପାଳନର କାରଣ ବୁଝିଥିଲେ । ରାଜା ଜାତିସ୍ମର ହେତୁ ପୂର୍ବ ଜନ୍ମର ବୃତ୍ତାନ୍ତ ତାଙ୍କର ବଖାଣିଲେ । ପୂର୍ବରୁ ସୁସ୍ୱର ନାମ୍ନୀ ଶିକାରୀଟିଏ ବନ ଭ୍ରମଣ କରୁ କରୁ ସାୟାହ୍ନ ଘୋଟିଗଲା ; କୁଟୀରକୁ ଫେରି ନପାରି ବନ୍ୟଜନ୍ତୁଙ୍କ ହିଂସ୍ରତାରୁ ରକ୍ଷାର୍ଥେ ବେଲଗଛ ଉପରକୁ ଚଢ଼ି ଆତ୍ମୀୟ ମାନଙ୍କ କଥା ସ୍ମରଣ ପୂର୍ବକ ଅଶ୍ରୁପାତ କରିବା ସହିତ ବିଲ୍ୱଦଳ ଛିଡ଼ାଇ ତଳକୁ ପକାଇବାକୁ ଲାଗିଲେ; ତଳେ ଥିବା ଲୁକ୍କାୟିତ ଶିବ ଲିଙ୍ଗ ଉପରେ ସାରା ରାତ୍ର ଶିକାରୀର ବିଲ୍ୱଦଳ ପାତିତ ହେଉଥିଲା ଏବଂ ତା'ର ଲୋଚନାଶ୍ରୁ ଜଳ ଲିଙ୍ଗ ଉପରେ ଠପ୍ ଠପ୍ ହୋଇ ଖସୁଥିଲା । ପ୍ରଭାତ ହେବା ମାତ୍ରେ ଶିକାରୀ ଘରକୁ ଫେରି ପ୍ରଥମେ ଜଣେ ଭିକ୍ଷୁକୁ ଖାଦ୍ୟ ଦାନ କରି ତା'ପରେ ଆପେ ଖାଦ୍ୟ ଗ୍ରହଣ କଲେ । ଯେବେ ତା'ର ମୃତ୍ୟୁ ହେଲା ସେ ଶୈବଲୋକ ପାଇଲେ । ଅଜ୍ଞାତେ ସେ ଶିବରାତ୍ରରେ ଉପବାସ ପୂର୍ବକ ଶିବ ଲିଙ୍ଗରେ ବେଲପତ୍ର ଓ ଲୋତକ ସମର୍ପଣ କରିଥିବାରୁ ଶିବଲୋକରେ ରହି ପରଜନ୍ମରେ ଚିତ୍ରଭାନୁ ରୂପେ ରାଜଗାଦି ଭୋଗ କଲେ । ଏ ବ୍ରତରେ ଉଜାଗର ରହି ମହାଦୀପ ଉଠିବା ପରେ ବ୍ରତ ସମାପନ ହୁଏ । ଉଜାଗର ରହି ବ୍ରତ ପାଳନ ହେବାରୁ ଏହାର ନାମ ଜାଗର ଓଷା ବା ବ୍ରତ । ଆତ୍ମ କଲ୍ୟାଣ ପଥ ପରିଷ୍କାରାର୍ଥେ ଅଖଣ୍ଡ ସଜାଗତା ଓ ଜ୍ଞାନର ଆଲୋକ ଉଭୟ ଆବଶ୍ୟକ ବୋଲି ଏ ପର୍ବ ଶିକ୍ଷା ଦିଏ । ଅଜ୍ଞାନାନ୍ଧକାର ନାଶ କରି ଆଲୋକ ପ୍ରଦାନ କରିବା ହିଁ ମହାଦୀପର ଉଦ୍ଦେଶ୍ୟ ।

ଈଶାନ ସଂହିତା କହେ ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ଶିବ ଲିଙ୍ଗ ରୂପେ ଆବିର୍ଭୂତ ହୋଇ ବ୍ରହ୍ମା ଓ ବିଷ୍ଣୁଙ୍କ ବିଦ୍ୱେଷ ଖଣ୍ଡନ କରିଥିଲେ । 'ବୃହସ୍ପତି କୃତ୍ୟକୌମୁଦୀ' ଗ୍ରନ୍ଥରେ କୃଷ୍ଣପକ୍ଷ ଚତୁର୍ଦ୍ଦଶୀରେ ଶିବରାତ୍ରି ଏବଂ ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ମହାଶିବରାତ୍ରି ରୂପପରେ ବର୍ଣ୍ଣିତ ହୋଇଛି । ଆଉ ଏକ ଉପାଖ୍ୟାନ ଦୃଷ୍ଟିଗୋଚର ହୁଏ, କୃଷ୍ଣଶର୍ମା ନାମ୍ନୀ ଜଣେ ବିପ୍ର ସରୋବର ତଟରେ ପଡ଼ିଥିବା ଏକ ଇଟାରେ ଗୋଡ଼ ଘଷି ସ୍ନାନ କରୁଥିଲା; ଯୋଉଟା କି ଶିବ ମନ୍ଦିରର ଇଟା ଥିଲା । ତହିଁ ଆରଦିନ ସ୍ନାନ ବେଳେ ସର୍ପ ଦଂଶନରେ ଶିବ ମନ୍ଦିରର ଇଟାରେ ଗୋଡ଼ ଘଷି ଥିବାରୁ ମୃତ୍ୟୁ ହେଲା ଏବଂ ତା'ର ସମସ୍ତ ପୁଣ୍ୟଫଳ ବିନିଷ୍ଟ ହେଲା । ତାକୁ ସରୋବର ତୀରସ୍ଥ ବଟବୃକ୍ଷରେ ପ୍ରେତ ରୂପେ ଏକ ଅୟୁତ ବର୍ଷ ଯାଏଁ ନିବାସ କରିବାକୁ ପଡ଼ିବ । ଯଦି କୌଣସି ପୁଣ୍ୟାତ୍ମା ଶିବରାତ୍ରି ବ୍ରତର ପୁଣ୍ୟ ଦାନ କରେ ତେବେ ସେ ପ୍ରେତ ଜନ୍ମରୁ ମୁକ୍ତି ପାଇବ ବୋଲି ଜନ୍ତୁପତି କହିଲେ କୃଷ୍ଣଶର୍ମାଙ୍କୁ । ସେ ଇଟା ଶିବ ମନ୍ଦିରର କିପରି ବୋଲି କୃଷ୍ଣଶର୍ମା ଯମଙ୍କୁ ପୁଚ୍ଛିବାରୁ ସେ କହିଲେ ପୂର୍ବେ ମାଘ ମାସରେ ତୀର୍ଥାଟନ ଲାଗି ପ୍ରୟାଗକୁ ଗମି ଥିଲେ କାଶ୍ମୀରର ଜଣେ ଶିବ ଭକ୍ତ ବ୍ରାହ୍ମଣ ; ସେଟାରେ ସେ ତ୍ରିବେଣୀ ସଙ୍ଗମରେ ପିତୃ ତର୍ପଣ କରିଥିଲେ । ସେଠାରେ ଉପସ୍ଥିତ ହେଲେ ଭଗମାଳୀ ନାମ୍ନୀ ଜଣେ ଶିବ ଭକ୍ତ ଏବଂ ତାଙ୍କୁ କାଶ୍ମୀର ବ୍ରାହ୍ମଣ ଭୋଜନାର୍ଥେ ନିମନ୍ତ୍ରଣ କରିବାରୁ ସେ ଶିବ ଦର୍ଶନ କରିନଥିବାରୁ ଭୋଜନକୁ ବାରଣ କଲେ ; ବ୍ରାହ୍ମଣଙ୍କ ଶିବ ଭକ୍ତି ଦେଖି ତାଙ୍କୁ ଅନେକ ପ୍ରଶ୍ନ କଲେ । ଅନେକ ପ୍ରସଙ୍ଗାଲୋଚନା ସରିଲା ପରେ ସେଦିନ ବାବାଜୀଙ୍କ ଆଶ୍ରମରେ ଅବସ୍ଥାନ କରି ରାତ୍ରିରେ ଶିବଲିଙ୍ଗାରଧନା କଲେ । ପରଦିନ ବ୍ରାହ୍ମଣ ସେ ସ୍ଥାନ ତ୍ୟାଗ କଲେ ଓ ସେହି ସ୍ଥାନରେ ବାବାଜୀ ଏକ ଶିବ ମନ୍ଦିର ନିର୍ମାଣ କଲେ । ଅନେକ ଦିନ ପରେ ମନ୍ଦିର ଭାଙ୍ଗି ଯାଇ ଇଟା ଖଣ୍ଡେ ଆସି ତୁଠରେ ପଡ଼ିଥିଲା, ତୁମେ ସେହି ଇଟାରେ ଗୋଡ଼ ଘଷି ମହାପାତକ ବରଣ କଲ ।

ସେଦିନଠୁ କୃଷ୍ଣଶର୍ମା ପ୍ରେତ ହୋଇ ସେ ଗଛରେ ରହି ତାଙ୍କର କୌଣସି ଶିଷ୍ୟକୁ ଅପେକ୍ଷା କଲେ । ସମୟ ଆଗତ , ତାଙ୍କର ଶିଷ୍ୟ 'ନିରଘ'କୁ ସର୍ବ ବାର୍ତ୍ତା ଜ୍ଞାତ କରାଇଲେ । ନିରଘ ଏବେ ଭାସ୍କରଙ୍କୁ ଜଳଦାନ ପୂର୍ବକ ସମସ୍ତ ଚତୁର୍ଦ୍ଦଶୀ କରି ସକଳ ପୁଣ୍ୟଫଳକୁ ଗୁରୁଙ୍କୁ ଦେବାରୁ କୃଷ୍ଣଶର୍ମା ଶିବ ଲୋକ ଯାତ୍ରା କଲେ । ତେବେ ଶିବରାତ୍ରିର ମହାତ୍ମ୍ୟ ଅନେକ, ସବୁଠି ଓ ସବୁ କାହାଣୀରେ ଭକ୍ତିଭାବ ଓ ସମର୍ପଣ ଭାବର ସଙ୍କେତ ପରିଦୃଷ୍ଟ ।

ଏ ମାସର ଶୁକ୍ଳପକ୍ଷ ଦଶମୀ ହେଉଛି ଫଗୁଦଶମୀ; ଏହି ଦିବସଠୁ ପୂର୍ଣ୍ଣମା ଯାଏଁ ଦୋଳ ଉତ୍ସବ ଲାଗି ରହିଥାଏ । ତେଣୁ ଏହାକୁ ବି 'ଦୋଳ ଦଶମୀ' କହନ୍ତି । ଏହି ତିଥିରୁ ଫଗୁ ଖେଳ ଓ ଦୋଳ ଗୋବିନ୍ଦଙ୍କ ଯାତ୍ରା ଆରମ୍ଭ ହୁଏ । ଠାକୁର ଗ୍ରାମ ଗ୍ରାମ ଭ୍ରମଣ କରି ଭୋଗ ଖାଇଥା'ନ୍ତି; ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକଙ୍କ ହାତରେ ଅର୍ପିତ ଭୋଗର ନାମ 'ଦ୍ୱାରୀ ଭୋଗ' । ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ଚାଚେରୀ ବେଶ ପାଇଁ ଫଗୁଣ ଶୁକ୍ଳ ଦଶମୀରୁ ପ୍ରବଳ ଜନସମାଗମ ହୁଏ । ଏ ବେଶ ମଧ୍ୟାହ୍ନ ଧୂପ ବଢ଼ିଲା ପରେ କରାଯାଇଥାଏ । ଏ ବେଶରେ ପ୍ରଥମେ ମେକାପ ସର୍ବାଙ୍ଗ ଓ ବୋଇରାଣୀ ମାଧାବଳି ଆଦି ନବ ବସ୍ତ୍ରମାନ ଲାଗି ହୋଇ ଶ୍ରୀଜୀଉଙ୍କୁ ୩୦ ମୂର୍ତ୍ତି ଅଳଙ୍କାର ଲାଗି ହୁଏ । ଏ ବେଶରେ ଠାକୁରଙ୍କର ସମସ୍ତ ବସ୍ତ୍ର ଲାଲ୍ ବର୍ଣ୍ଣର ଏବଂ ଏହା ସ୍ୱତନ୍ତ୍ର ଶୈଳୀରେ ପିନ୍ଧା ଯାଇଥାଏ । ତ୍ରି ଦିଅଁଙ୍କ ତ୍ରିମୁଣ୍ଡିରେ ଲାଲ୍ ରଙ୍ଗର ଶ୍ରୀ କପଡ଼ା ପଡ଼ିବା ସହ ମୁଖରେ ଲାଗି ହୁଏ ବଳା । ବଡ଼ ଠାକୁର ଓ ଶ୍ରୀ ଜଗନ୍ନାଥଙ୍କ ହସ୍ତରେ ଶୋଭା ବଢ଼ାଏ ସ୍ୱର୍ଣ୍ଣ ନାଲି ଭୁଜ ଦୁଇଟି ଏବଂ ବହୁ ମାଳ ଲାଗି ହୁଏ; ମସ୍ତକରେ ଶୋହେ ଟୋପର ଏବଂ ଟୋପର ଉପରେ ଚନ୍ଦ୍ରିକା ଶୋଭା ବର୍ଦ୍ଧନ କରେ । ଶ୍ରୀ ମୁଖରେ ପଡ଼ିଥିବା ବଳାରେ ଆଡ଼କାନୀ ଓ ତଦଗୀ ଶୋହୁଥାଏ । ଏଥି ସହ ଚନ୍ଦ୍ର-ସୂର୍ଯ୍ୟ ତିଳକ, କୁଣ୍ଡଳ ଓ ଓଡ଼ିଆଣୀ ଆଦି ସୁବର୍ଣ୍ଣାଲଙ୍କାର ଲାଗି କରାଯାଏ । ଚାଚେରୀର ଦ୍ୱିତୀୟ ଦିନରେ ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଜଗନ୍ନାଥ ବଲ୍ଲଭକୁ ବିଜେ କରନ୍ତି । (କ୍ରମଶଃ)


ସମ୍ପାଦକ - ଉଦୟ ଭାନୁ
ଭାଟପଡ଼ା, ନିରାକାରପୁର,
କଣାସ, ପୁରୀ
ମୋ: ୮୯୧୭୪୮୦୫୩୬







## ଦୁଃଖ ୨

**ତରୁଣ କୁମାର ଦାସ**

ଦୁଃଖ ମୋ ନିଜ ଲୋକ
ଦୁଃଖ ମୋର ଅତି ଆପଣାର
ଦୁଃଖ ରେ ମୋ ଜନ୍ମ
ଦୁଃଖ ମୋର ତେଣୁ ଚିର ସହଚର
ତମେ କେହି ଦୁଃଖକୁ ଦେଖିଛ
କିନା ମୁଁ ଜାଣିନି
ଅଥଚ ମୁଁ ଦେଖିଚି ଦୁଃଖକୁ
ସକାଳୁ ଭୋକର ତାଡ଼ନାରେ
ପିଲାଙ୍କ ବୋବାଳିରେ
ଔଷଧ ଅଭାବରେ ହରି ସାହୁର
ଜୀବନ ଖାତା ବନ୍ଦ ହବାପରେ !
ମୁଁ ଦେଖିଚି ଦୁଃଖକୁ
ରାସ୍ତା ଘାଟରେ
ପାଣି ଜମିଥିବା ଗନ୍ଧ ବସ୍ତିରେ
ନେତାଙ୍କ ଗରିବୀ ହଟାଓ
ସ୍ଲୋଗାନରେ, ପୁଣି
ଭୋକର ତାଡ଼ନାରେ
ପିଲାକୁ ତା ମା
ବିକ୍ରି କରିଦେବା ପରେ !

ମୁଁ ଦେଖିଚି ଦୁଃଖକୁ ଭଉଣୀ ମୋ
ଯୌତୁକ ଯନ୍ତ୍ରଣାରୁ ମୁକ୍ତି ପାଇଁ
ନିଜକୁ ଆତ୍ମାହୁତି ଦବା ପରେ
ଅଧା ମାସରେ ବାପାଙ୍କର
ପେନଶନ ଟଙ୍କା ଶେଷ ହବା ପରେ
ପୁଣି ବୋଉର ଫଟା ପଣତ କାନିରେ

ଦୁଃଖ ସତେ ଯିମିତି ଲଟକି ପଡିଛି
କୃଷବିଧ ଯୀଶୁ ପରି
ସମୟର ସୁଅରେ
ବାରମ୍ବାର କଡା ନାଡୁଛି
ପ୍ରତି ଘର ଦାଣ୍ଡ ଦୁଆରେ
କିଏ କହିବ ତମ ଦୁଃଖ
ମୋ ଦୁଃଖ ଏକା ବି ତ
ହୋଇପାରେ ।


♥ ପାଳୁସିଆ, ଦେହୁରଡ଼ା
ବାଲେଶ୍ୱର-୩୬


## ଭାବର ଅଭାବ ବେଳେ

**ଅକିଞ୍ଚନ ଅନିକେତ ବୃନ୍ଦାବନ ଦାଶ**



ମୋତେ ମନେକର ନାହିଁ
ମୁଁ ପିତାମହ ଭୀଷ୍ମ
ଶପଥ ଢାଲ ତଳେ
ଅନ୍ୟାୟକୁ ନୀରବ
ସମର୍ଥନ କରି
ପାପ ଅନ୍ନ ଭୋଜନରେ
ଶରୀରକୁ କରୁଥିବି ପୁଷ୍ଟ
ନୁହେଁ ମୁଁ ବୃହନ୍ନଳା
ଛଦ୍ମବେଶ ଧରି
ବର୍ଷଟିଏ ଅଜ୍ଞାତ ବାସରେ
ରହିବି ପର ଓଳି ତଳେ
ନା ମୁଁ ରାଜନେତା
ମିଛ ପ୍ରତିଶ୍ରୁତି ଦେଇ
ନିରୀହ ମତଦାତାଙ୍କ
ସରଳ ମନର
ସାଜି ସୌଦାଗର
ନିର୍ବାଚନ ବୈତରଣୀ
ସହଜରେ ହୋଇଯିବି ପାର
ମୁଁ ତ ଜଣେ ନିଆରା
ନିରୁତା ସିଧାସାଧା
ମଣିଷଟେ ମାତ୍ର
ଛଳନା କରେନା
ଛନ୍ଦକପଟ ମୋ ନାହିଁ
ଆନ ମନ ଜିଣିବାକୁ
ମିଠା ମିଛର ଆଶ୍ରୟ ନିଏନା
ପର ତଣ୍ଟିକାଟି
ଅର୍ଥ ଅର୍ଜନ କରେନା
ସଞ୍ଚୟ ତ ବହୁ ଦୂର କଥା
ସାହାଯ୍ୟର ପାପୁଲି ମୋ
ବଢ଼େଇ ଦେଇ ମୁଁ
ଆନନ୍ଦରେ ଆତ୍ମହରା ହୁଏ
ମୋତେ ମୁଁ ପାସୋରି ଯାଏ
ଅତି ସହଜରେ
ବିନା ସାଧନାରେ
ନିର୍ଲିପ୍ତ ମୁଁ ନିର୍ମୋହ ମୁଁ
ଲୋଭ ତିଳେ ନାହିଁ
ନିର୍ମୋକ ନୁହେଁ
ପରିଚ୍ଛଦ ମୋର
ନା ମୁଁ ଶରୀର
ନା ବିଦ୍ୟାବୁଦ୍ଧି
ମୁଁ ତ ନିର୍ବିକାର ଜୀବଟିଏ
ଈଶ୍ୱରଙ୍କ ବିପୁଳା ବିଶ୍ୱରେ

ଭାବର ଅଭାବ ବେଳେ
କେତେ ନାହିଁ କେତେ କଥା
ମନରେ ମୋ ଉଙ୍କି ମାରେ
ମୋ ସହିତ ଲୁଚକାଳି ଖେଳେ
ସମୟର ସୁଅ ବହିଯାଏ
ବେଗବତୀ ସିଏ
ତା ସ୍ରୋତରେ
ଭସେଇ ସେ ନିଏ
ମୋତେ ବିରକ୍ତ କରେନା
ସିଦ୍ଧାର୍ଥଙ୍କ ପୂର୍ବାବସ୍ଥା ଭଳି
ଅଥବା
ଅନୁରକ୍ତ କରେନାହିଁ
ଅନ୍ଧ ଧୃତରାଷ୍ଟ୍ର ପରି ।


♥ ଭୁଗୁଡ଼ାକଟା(ୱାର୍ଡ ନଂ - ୨୬)
ଭଞ୍ଜପୁର -୭୫୭୦୦୨
ବାରିପଦା, ମୟୂରଭଞ୍ଜ


## ବସନ୍ତ ବିରାଜ

**ମୃତ୍ୟୁଞ୍ଜୟ ଡାକୁଆ**

ମହ ମହ ଏବେ ବଉଳ ବାସିଲା
ଗାଁ ଆମ୍ବ ତୋଟା ମାଳେ,
ସୁମଧୁର ସୁରେ କୋଇଲି ଗାଇଲା
ବସନ୍ତ ଆସିଛି କାଳେ ।

ଥମି ଆସିଲାଣି ଶୀତ ର ପ୍ରକୋପ
ମୃଦୁ ମଳୟ ବହିଲା,
ଫୁଲ ଫଳ ସାଥେ ନବ ପଲ୍ଲବରେ
ଧରଣୀ ଶୃଙ୍ଗାର ନାଇଲା ।

ନାଲି ସିନ୍ଦୂରକୁ ମଥାରେ ଲଗାଇ
ପଳାସ ହସୁଛି ଏବେ,
ଗୁଣୁ ଗୁଣୁ ହୋଇ ପାଗଳ ଭଅଁର
ଫୁଲର ପ୍ରେମରେ ହଜେ ।

କାମଦେବଙ୍କର ଫୁଲ ସର ଏବେ
ବାଜିଲା ପ୍ରତିଟି ପ୍ରାଣେ,
ପ୍ରେମ ପ୍ରଣୟର ଗୋପନ ପୀରତି
ଜାଗିଲା ସାଥୀଙ୍କ ମନେ ।

ଦୋଳ ବିମାନରେ ବିରାଜିତ ହେଲେ
ପ୍ରଭୁ ଶ୍ରୀ ରାଧା ମାଧବ
ଫଗୁ ରଙ୍ଗ ଖେଳି ଭକତ ଅଧିର
ସବୁଠି ଆନନ୍ଦ ଉତ୍ସବ ।

ବସନ୍ତ ବର୍ଣ୍ଣନା କରୁଥିଲେ ଏଠି
ପୋଥି ଟିଏ ହୋଇ ଯାଏ,
ଯେତେ କହିଲେ ବି ଶବ୍ଦ ଯେ ନିଅଣ୍ଟ
ଋତୁ ରାଜ କଥା ଇଏ ।


♥ ଖୋର୍ଦ୍ଧା,
ମୋ: ୯୭୭୭୬୦୧୪୬୬




## ତମେ ଆସ

**ବିଭୂତି ଭୂଷଣ ମହାପାତ୍ର**

ମୋ ମନର ବାତାୟନ ଦେଇ
ମନ୍ଦ ମନ୍ଦ ମଳୟରେ
ଭୁରୁ ଭୁରୁ ଚନ୍ଦନର ବାସ୍ନା ହୋଇ
କ୍ଳାନ୍ତ ମୋର ଅବଶ ଆଖି ପତା ଧାରେ
ମୃଦୁ ନିଦ୍ରା ହୋଇ
ଆଚ୍ଛନ୍ନ ମୁଁ ତୁମରି ସତ୍ତାରେ
ବିଭୋର ମୁଁ ତୁମରି ପ୍ରେମରେ
ପ୍ରାପ୍ତି ଆଉ ଅପ୍ରାପ୍ତିର ଯୋଗ ବିୟୋଗରେ
ଆଶା ଆଉ ନିରାଶାର ହସରେ ଲୁହରେ
ଅପୂର୍ଣ୍ଣରେ ପୂର୍ଣ୍ଣ ମୋ ଅସ୍ତିତ୍ୱ
ଶୂନ୍ୟତାର ସାମ୍ରାଜ୍ୟରେ ମୁଁ ଅଭିଷିକ୍ତ, ରିକ୍ତ
ଆସ ତମେ....
କର ମୋତେ ମୁକ୍ତ
ପୁନର୍ଜନ୍ମ ପ୍ରତୀକ୍ଷାରେ ମୁଁ ଯେ ଶାପଗ୍ରସ୍ତ ।


♥ ସୋମନାଥ ନଗର
ରଘୁନାଥପୁର
ଭୁବନେଶ୍ୱର -୭୫୧ ୦୨୪





## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

### ଭାଗ-୫୦

ମୁଣ୍ଡଟେକି ଉପରକୁ ଅନାଇଲି । ଅସ୍ତଗାମୀ ସୂର୍ଯ୍ୟଙ୍କର କିରଣ ଗଂଗାଜଳରେ ସୃଷ୍ଟି କରୁଥିଲା ଅପୂର୍ବ ବର୍ଣ୍ଣବିଭା । ହାତଯୋଡ଼ି ପ୍ରଣାମ କଲି ସୂର୍ଯ୍ୟଦେବଙ୍କୁ । ଏଇ ମୋର ପିତା ସମସ୍ତ ଶକ୍ତିର ଉତ୍ସ । ଯାହାଙ୍କ ଉଦୟ, ଅସ୍ତରେ କେବେବି ବ୍ୟତିକ୍ରମ ହୁଏନି । ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଯାହାର ଆଲୋକରେ ଆଲୋକିତ । ସେ ପୁଣି ନିଜ ଜନ୍ମିତ ସନ୍ତାନକୁ ଅନ୍ଧାରୀ ଗହ୍ୱର ମଧ୍ୟକୁ ଠେଲିଦେଇ ପାରିଲେ କେମିତି ? ଉଭୟ ପିତାମାତା ତ ମୋ ଜନ୍ମପାଇଁ ଦାୟୀ ? ମାତା ଯଦି ବିବଶ ହୋଇ ପଡ଼ିଥିଲେ, ତେବେ ପିତା ତ ତାଙ୍କୁ ସହାୟ କରିପାରିଥାନ୍ତେ । ସେମାନଙ୍କର ଯଦି ମୋ ପ୍ରତି ତିଳେହେଲେ ଦୟା ନାହିଁ, ଅନୁକମ୍ପା ନାହିଁ ଆନ୍ତରିକତା ନାହିଁ । ମୁଁ ତେବେ ସେମାନଙ୍କ ପାଇଁ ଏତେ ବିବ୍ରତ ହେବି କାହିଁକି ? ଯେଉଁ ଆତ୍ମ ପରିଚୟ ମୋର ହଜିଯାଇଛି, ତାକୁ ପୁନର୍ବାର ଖୋଜି ଲାଭ କ'ଣ ? ବରଂ ମୁଁ ସେଇ ସୂତପୁତ୍ରର ପରିଚୟ ନେଇ ଆଜୀବନ ରହିଯିବି । ମୋ ମୃତ୍ୟୁପରେ କେହି ଯଦି ମୋ ଜନ୍ମରହସ୍ୟ ଖୋଜିବସେ, ତେବେ ସେଦିନ ହୁଏତ କେହି ନା କେହି କହିବ, କର୍ଣ୍ଣ ଅଭାଗା ନୁହେଁ, ହତଭାଗା ନୁହେଁ, ଅଧର୍ମୀ ନୁହେଁ। ବରଂ କର୍ତ୍ତବ୍ୟର ଡାକରେ ସେ ପାଳନ କରିଛି ତାର ଧର୍ମ । ସୂର୍ଯ୍ୟଙ୍କର ଉପଯୁକ୍ତ ଦାୟାଦ ଭାବେ ପାଳନ କରିଛି ପିତାଧର୍ମ । ନିଜସ୍ୱ ଦିବ୍ୟଜ୍ୟୋତିରେ ସେ ଜ୍ୟୋତିସ୍ମାନ । ଅନ୍ଧାର ମଧ୍ୟରେ ସେ ଖୋଜିନେଇଛି ଜୀବନର ଆଲୋକରେଖା । ହର୍ଷବିଷାଦ, ସୁଖ ଦୁଃଖ, ଲାଞ୍ଛନା ଅପମାନ, ଘାତ ପ୍ରତିଘାତ, ନିନ୍ଦାପ୍ରଶଂସାର ଫେଣ୍ଟାଫେଣ୍ଟି ନିର୍ଯାସ ମଧ୍ୟରୁ ସେ ଖୋଜିପାଇଛି ଜିଇଁବାର ସମ୍ବଳ । ସେ ସୂର୍ଯ୍ୟ ସନ୍ତାନ ହେଉ ବା ଦ୍ୱିତୀୟ ସୂର୍ଯ୍ୟ ହେଉ । ଏକ ଭିନ୍ନ ଜୀବନଶୈଳୀକୁ ନେଇ ସେ ବଞ୍ଚି ରହିବାକୁ ଚାହେଁ ।

ଆମେ ଦୁହେଁ ଏବେ ଉଠିଲୁ । ଚାଲିଚାଲି କିଛିବାଟ ଗଲାପରେ ରଥ ନିକଟକୁ ଗଲୁ । ଉଭୟଥିଲୁ ନିରବ । ମୋ ମନରେ ପ୍ରବଳ ଝଡ଼ । ଘାତ ପ୍ରତିଘାତ ମଧ୍ୟରେ ନା ମୁଁ ନୂତନ ପରିଚୟକୁ ସ୍ୱାଗତ କରିପାରୁଛି, ନା ଅତୀତର ପରିଚୟକୁ ମନରୁ ପୋଛି ଦେଇ ପାରୁଛି । ଜାଣେନା, କୃଷ୍ଣଙ୍କ ମନରେ କିଭଳି ପ୍ରତିକ୍ରିୟା ହେଉଥିବ ।

ମୋ ଭବନ ସମ୍ମୁଖରେ ମୁଁ ରଥରୁ ଓହ୍ଲାଇଲି । କୃଷ୍ଣ ସେତେବେଳକୁ ମୋ ପାଖରୁ ବିଦାୟ ନେଇ ଚାଲିଗଲେଣି । ମୋତେ କିନ୍ତୁ ଲାଗୁଥିଲା ସେ ମୋରି ପାଖରେ ରହିଛନ୍ତି । ଆଉ କହୁଛନ୍ତି ରାଧେୟ, ତୁମେ ଯାହା ନିଷ୍ପତ୍ତି ନେଲ, ତାହା ଯୁଗଯୁଗ ପାଇଁ ସ୍ମରଣୀୟ ହୋଇ ରହିଯିବ । ତୁମେ ସତ୍ୟର ପଥିକ। ଧର୍ମମାର୍ଗରେ ଚାଲୁଥାଅ । କର୍ମ ଓ କର୍ତ୍ତବ୍ୟ ଅବହେଳା ନକରି ଆଗେଇ ଯାଅ । ନିଶ୍ଚୟ ଦିନେ ଯଶସ୍ୱୀ ହେବ ।

- ଚଉରାଳିଶ -

କୃଷ୍ଣ ଆସିଥିଲେ ଶାନ୍ତିର ଦୂତ ହୋଇ ଆଉ ଫେରିଗଲେ ଅଶାନ୍ତିର ବାର୍ତ୍ତା ନେଇ । ତାଙ୍କର ବିଦାୟ ପରେ ହସ୍ତିନା ଅସ୍ଥିର । ସମସ୍ତଙ୍କ ମନରେ ସଂଶୟ । ମୋ ମନରେ ମଧ୍ୟ ଅସମ୍ଭବ ଉଦ୍‌ବେଳନ। କାରଣ କୃଷ୍ଣ ମୋ ନିକଟକୁ ଏକାନ୍ତରେ ଆସିଥିଲେ ଆତ୍ମୀୟତାର ଭାଷା ନେଇ, ଅନ୍ତରଂଗତାର ସ୍ୱାକ୍ଷର ନେଇ । ଆଉ ଗଲାବେଳେ ମୋ ଉପରକୁ ଫିଙ୍ଗି ଦେଇଗଲେ କିଛି ବିସ୍ଫୋରକ ପଦାର୍ଥ, ଯାହାର ତୀବ୍ର ଜ୍ୱାଳାରେ ମୋର ସାରା ଅଂଗ ଜଳିଯାଉଛି । ନା ମୁଁ ଏ ବିଷୟରେ କାହାରି ସହ ମନଖୋଲା ଆଲୋଚନା କରିପାରୁଛି, ନା କାହାରି ସୁଖଦୁଃଖରେ ଭାଗ ନେଇପାରୁଛି ।

ସମଗ୍ର ହସ୍ତିନାପୁର ସ୍ତବ୍ଧ, ଚକିତ । ମହାରାଜ ନିଜେ ମଧ୍ୟ ଭୀତତ୍ରସ୍ତ । ପିତାମହ ଭୀଷ୍ମ, ମହାମନ୍ତ୍ରୀ ବିଦୁର, ଆଚାର୍ଯ୍ୟ ଦ୍ରୋଣ ଇତ୍ୟାଦିଙ୍କ ମନରେ ନୈରାଶ୍ୟ । ଏବେ ଆଉ ସନ୍ଧି ନୁହେଁ ଯୁଦ୍ଧ, କେବଳ ଯୁଦ୍ଧ । ଯୁଦ୍ଧଛଡ଼ା ଅନ୍ୟକିଛି ଗତି ନାହିଁ । ଉଭୟପକ୍ଷ ନିଜ ନିଜ ଦାବିରେ ଅଟଳ । ଏଠି ନୈତିକତା କିମ୍ବା ଯୌକ୍ତିକତାର ପ୍ରଶ୍ନ ନାହିଁ । ସବଳ, ଦୁର୍ବଳ ମଧ୍ୟରେ ଲଢ଼େଇ ହେବ, ଲଢ଼େଇ ।

ଓଃ କିଏ କହେ ପୁଣି ଜୀବଶ୍ରେଷ୍ଠ ମଣିଷ । ଯାହା ପାଖରେ ବୁଦ୍ଧି ଅଛି, ବିବେକ ଅଛି, ଅଛି ପୁଣି ଦିବ୍ୟଭାବ । ସବୁ ଥାଇ ମଧ୍ୟ ମଣିଷ ମଧ୍ୟରେ ଥିବା ସେଇ ଆଦିମ ହିଂସ୍ର ପ୍ରବୃତ୍ତିଟି ଏପର୍ଯ୍ୟନ୍ତ ଲୋପ ପାଇପାରି ନାହିଁ । ଏହାଠାରୁ ବଳି ଆଉ କ'ଣ ବିସ୍ମୟ ଥାଇପାରେ । ନାନାଦି ସମସ୍ୟାର ସମ୍ମୁଖୀନ ହୋଇ ମଧ୍ୟ ତାର ସମାଧାନର ପନ୍ଥା ଖୋଜିପାଏନା । ବରଂ ବଢ଼ିଚାଲେ ସମସ୍ୟା ପରେ ସମସ୍ୟା । ଯାହାର ଅନ୍ତିମ ଫଳଶ୍ରୁତି ହିଁ ଯୁଦ୍ଧ । ତେବେ, ଯୁଦ୍ଧ କ'ଣ କେବେ ହୋଇପାରେ ମାନବ କଲ୍ୟାଣକାରୀ ? ଯୁଦ୍ଧ କ'ଣ ଦେଇପାରେ ମାନସିକ ଶାନ୍ତି ? ବରଂ ମଣିଷ ରକ୍ତକୋଷରେ ଛାଡ଼ିଦେଇଯାଏ ଅହଂକାର, ଈର୍ଷା, କପଟତା, କ୍ରୋଧର କୀଟାଣୁ । ସବୁ ଜାଣି ମଧ୍ୟ ଯୁଦ୍ଧଲିପ୍ସୁ ମଣିଷ ଯୁଦ୍ଧକୁ ଆମନ୍ତ୍ରଣ କରେ ।

କୌରବ ପାଣ୍ଡବ ମଧ୍ୟରେ ଏବେ ଯୁଦ୍ଧ ହେବା ନିଶ୍ଚିତ । କାହାରି ଚାହିଁବା ନ ଚାହିଁବା ଉପରେ ନିର୍ଭର କରେନି ଏ ଯୁଦ୍ଧ । ବରଂ ଯାହା ଦୈବ ନିର୍ଦ୍ଦିଷ୍ଟ ତାକୁ ଉଲ୍ଲଙ୍ଘନ କରିବାର ସାହସ ବା କାହାର ଅଛି । ମୁଁ ନିଜେ ମଧ୍ୟ ଯୁଦ୍ଧ ପିପାସୁ । ମୋ ମନରେ ରହିଛି ଯୁଦ୍ଧର ଦୁର୍ବାର ନିଶା । ପ୍ରତିହିଂସା ପରାୟଣ ମଣିଷଟିଏ ହୋଇ ମୁଁ କେମିତି କହିବି ମୁଁ ଯୁଦ୍ଧ ଚାହେଁନା ବୋଲି । ଅର୍ଜୁନଙ୍କ ପ୍ରତିଦ୍ୱନ୍ଦ୍ୱୀ ଯୋଦ୍ଧା ହେବା ଦୁର୍ବାର ଅଭିପ୍ସା ମୋ ମନରେ ରହିଛି । ଏପର୍ଯ୍ୟନ୍ତ ମୋ ପ୍ରତି ଯେଉଁ ଅନ୍ୟାୟ, ଅପମାନ, ଲାଞ୍ଛନା ଆଦିର ଝଡ଼ ବୋହିଯାଇଛି । ତାର ପ୍ରତିଶୋଧ ନେବା କେବଳ ଯୁଦ୍ଧ ମାଧ୍ୟମରେ ହିଁ ସମ୍ଭବ । ମୁଁ ତେଣୁ ଆସନ୍ନ ଯୁଦ୍ଧକୁ ସ୍ୱାଗତ କରୁଥିଲି।

ପ୍ରତିବାଦର ସ୍ୱର ଉତ୍‌ଥାପନ କରିଥିଲେ ମହାମନ୍ତ୍ରୀ ବିଦୁର । ଧର୍ମଜ୍ଞ ସେ । କିନ୍ତୁ କେହି ବି ତାଙ୍କ ଯୁକ୍ତିକୁ ଗ୍ରହଣ କରିନାହାଁନ୍ତି । ବରଂ ଉଭୟପକ୍ଷ ଯୁଦ୍ଧର ପ୍ରସ୍ତୁତି ନିମନ୍ତେ ଜୋରଦାର ଲାଗି ପଡ଼ିଛନ୍ତି । କିଏ କେଉଁ ପକ୍ଷରେ, ରହିବେ ସେଥିପାଇଁ ଚାଲିଛି ଲମ୍ବା ପ୍ରସ୍ତୁତି ଫର୍ଦ୍ଦ ।

ସମଗ୍ର ଆର୍ଯ୍ୟାବର୍ତ୍ତରେ ଯୁଦ୍ଧର ଖବର ପ୍ରଚାରିତ ହୋଇଗଲାଣି । ପରସ୍ପର ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ରୂପ ନେଲାଣି । ପ୍ରସ୍ତୁତ ହୋଇଗଲାଣି ବିଭାଗ ବଣ୍ଟନ, ସୈନ୍ୟସଜ୍ଜା, ପଡ଼ୋଶୀ ରାଜାଙ୍କର ସହାୟତା । କିଏ କେଉଁ ରାଜାଙ୍କୁ ନିଜ ପକ୍ଷଭୁକ୍ତ କରିପାରିବ ସେ ନେଇ ତୁମୁଳ ପ୍ରତିଯୋଗିତା । ନହେବ ବା କେମିତି । ଏ ଯୁଦ୍ଧ ଯେ ସାଧାରଣ ଯୁଦ୍ଧ ନୁହେଁ । କେବଳ କୌରବ ପାଣ୍ଡବ ମଧ୍ୟରେ ନୁହେଁ, ଏ ଯୁଦ୍ଧ ହେବ ମହାଯୁଦ୍ଧ । ସମଗ୍ର ଭାରତବର୍ଷରେ ଏ ଯୁଦ୍ଧର ବିଭୀଷିକା ଏକ ବିରାଟ ରୂପନେବ । ଏଭଳି ଯୁଦ୍ଧ ଅତୀତରେ କେବେ ହୋଇଥିବାର ଦୃଷ୍ଟାନ୍ତ ନାହିଁ । ତେଣୁ ଏହା ଭିନ୍ନ ଏକ ସମର । ଯାହାର ନାମ ମହାଭାରତ । ଯଦିଓ ରାଜ୍ୟଭାଗ ଏହାର ମୁଖ୍ୟ କାରଣ । ତଥାପି ଏ ଯୁଦ୍ଧ ହେବ ନ୍ୟାୟ ଅନ୍ୟାୟର, ଧର୍ମ ଅଧର୍ମର, ପାପପୁଣ୍ୟର । ଆର୍ଯ୍ୟାବର୍ତ୍ତର କୋଣେ ଅନୁକୋଣେ ଏ ଯୁଦ୍ଧର ବାଦ୍ୟଧ୍ୱନି ପ୍ରତିଧ୍ୱନି ସୃଷ୍ଟି କରିବ । ଗଗନ ପବନରେ ପ୍ରକମ୍ପିତ ହେବ ଯୁଦ୍ଧର ନାଦ । ମହାକାଳ ବକ୍ଷରେ ଏ ଯୁଦ୍ଧ ଇତିହାସ ରଚିବ । ଏ ଯୁଦ୍ଧ ହେବ ମହାଯୁଦ୍ଧ ।

ପ୍ରତ୍ୟେକେ ନିଜନିଜ ସୈନ୍ୟସଂଖ୍ୟା ବୃଦ୍ଧି କରିବାରେ ଲାଗିଛନ୍ତି । ଏହା ଭିତରେ ଚତୁର କପଟୀ ଶକୁନିମାମୁଙ୍କ ସହାୟତାରେ ମଦ୍ରରାଜା ଶଲ୍ୟଙ୍କୁ କୌରବ ପକ୍ଷକୁ ନେଇଗଲେଣି । ଯଦିଓ ନକୁଳ, ସହଦେବ ତାଙ୍କର ନିଜ ଭଣଜା । ଷଡ଼ଯନ୍ତ୍ର କରି ତାଙ୍କୁ ପାଣ୍ଡବମାନଙ୍କ ଠାରୁ ଛଡ଼ାଇ ନେଇଛନ୍ତି ଦୁର୍ଯ୍ୟୋଧନ, ଏମିତି କି ପାଣ୍ଡବ ପକ୍ଷକୁ ଫେରିଯିବାର ବାଟ ମଧ୍ୟ ବନ୍ଦ କରିଦିଆଯାଇଛି । ପରେପରେ ଶୁଣିଲି, ଶଲ୍ୟରାଜଙ୍କୁ ନିଜ ସପକ୍ଷରେ ନ ପାଇ ଯୁଧିଷ୍ଠିର କୁଆଡ଼େ ତାଙ୍କୁ ମୋରି ରଥରେ ସାରଥି ସାଜି ମୋତେ ନିରୁତ୍ସାହପୂର୍ଣ୍ଣ ବାକ୍ୟବାଣ ପ୍ରୟୋଗ କରିବାକୁ ଅନୁରୋଧ କରିଛନ୍ତି ।

ଆର୍ଯ୍ୟାବର୍ତ୍ତର ପ୍ରାୟ ଅଧିକାଂଶ ରାଜାମାନେ ଏ ଯୁଦ୍ଧରେ କୌଣସି ନା କୌଣସି ପକ୍ଷକୁ ସହାୟତା କରୁଥାନ୍ତି । ବାକିରହିଲା ଦ୍ୱାରକାଧିପତି କୃଷ୍ଣଙ୍କ କଥା । ଉଭୟ ଦୁର୍ଯ୍ୟୋଧନ ଓ ଅର୍ଜୁନ ଦ୍ୱାରକାଧିପତିଙ୍କୁ ନିଜନିଜ ପକ୍ଷରେ ନେବାକୁ ଆପ୍ରାଣ ଉଦ୍ୟମ କରନ୍ତି । ଖୁବ୍ ସହଜରେ କୃଷ୍ଣ ଏହାର ଫଇସଲା କରି ତାଙ୍କ ନିଷ୍ପତ୍ତି ଶୁଣାଇ ଦିଅନ୍ତି। ନିଜ ପସନ୍ଦ ମୁତାବକ ବାଛିବାକୁ ଦୁହିଁଙ୍କୁ ଛାଡ଼ି ଦିଆଯାଏ । ଏ ଦୁହିଁଙ୍କ ମଧ୍ୟରେ ଦୁର୍ଯ୍ୟୋଧନକୁ ମିଳିଥାଏ ନାରାୟଣୀ ସେନା ଓ ଅର୍ଜୁନ ପାଆନ୍ତି ନିରସ୍ତ୍ର କୃଷ୍ଣଙ୍କୁ । ସଂଖ୍ୟାଧିକ ନାରାୟଣୀ ସେନାପାଇ ଦୁର୍ଯ୍ୟୋଧନ ବେଶ୍ ଉତ୍‌ଫୁଲ୍ଲିତ ହୋଇ ଭାବନ୍ତି ଅର୍ଜୁନ ଠକିଗଲେ । ନିରସ୍ତ୍ର କୃଷ୍ଣଙ୍କୁ ଏକୁଟିଆ ନେଇ ଲାଭ କ'ଣ ? କୃଷ୍ଣ ତ ଯୁଦ୍ଧ କରିବେ ନାହିଁ କି ଅସ୍ତ୍ର ଉଠାଇବେ ନାହିଁ । ନାରାୟଣୀ ସେନା ତାଙ୍କ ସୈନ୍ୟଦଳରେ ସାମିଲ୍ ହେବେ ଯୁଦ୍ଧ କରିବେ । ମୁଁ କିନ୍ତୁ ଜାଣିଥିଲି କୃଷ୍ଣ ଯେଉଁଠି ବିଜୟ ସେଇଠି । ଅସ୍ତ୍ର ସିନା ଉଠାଇବେ ନାହିଁ, କିନ୍ତୁ ନିଜର ପ୍ରିୟ ସଖା ଅର୍ଜୁନଙ୍କ ରଥରେ ହେବେ ସାରଥି । ଏହାଠାରୁ ବଳି ସୌଭାଗ୍ୟ ଆଉ କ'ଣ ଥାଇପାରେ। ଦୁର୍ଯ୍ୟୋଧନ କେମିତି ବୁଝିବେ, ଏକୁଟିଆ କୃଷ୍ଣଙ୍କ ବଳ କେତେ ?

ସମୟ ଯେତେଯେତେ ଅତିକ୍ରାନ୍ତ ହେଉଛି ଦୁଇପକ୍ଷର ସୈନ୍ୟସଂଗ୍ରହ ସେତେ ତୀବ୍ରତର ହେଉଛି। ପ୍ରତିଦ୍ୱନ୍ଦ୍ୱିତା ବଢୁଛି । କୌରବ ପକ୍ଷରେ ଯେଉଁଠି ଏଗାର ଅକ୍ଷୌହିଣୀ ସେନ୍ୟ, ପାଣ୍ଡବ ପକ୍ଷରେ ସେଠି ମାତ୍ର ସାତ ଅକ୍ଷୌହିଣୀ । କୌରବ ପକ୍ଷରେ ଅଛନ୍ତି ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ, ଅଶ୍ୱତ୍ଥାମା, ଶଲ୍ୟ, ଜୟଦ୍ରଥ, ଶକୁନି ଇତ୍ୟାଦି ଅନେକ ମହାବୀର । ପାଣ୍ଡବ ପକ୍ଷରେ ସେମିତି ରହିଛନ୍ତି ଦ୍ରୁପଦ, ବିରାଟ, ଧୃଷ୍ଟଦ୍ୟୁମ୍ନ, ଶିଖଣ୍ଡୀ, ସାତ୍ୟକୀ ଓ ପାଣ୍ଡବଭ୍ରାତା ଗଣ ।

ନିରୂପିତ ହୋଇପାରିଛି ଯୁଦ୍ଧର ସ୍ଥାନ । ନିର୍ଦ୍ଧାରିତ ହୋଇସାରିଛି ତିଥି । ବାକି ରହିଛି



କେବଳ ଯୁଦ୍ଧର ଆରମ୍ଭକୁ ।

ପୁଣ୍ୟଭୂମି, ଯୁଦ୍ଧଭୂମି, କୁରୁକ୍ଷେତ୍ର ମାଟି । ଯେଉଁଠି ସମବେତ ହେବେ ଦୁଇପକ୍ଷର ଯୋଦ୍ଧା । ଏହି ଭୂମିପରେ କେତେ କେତେ ବୀର, ମହାବୀର ସେମାନଙ୍କ ରଣକୌଶଳ ଦେଖାଇବେ, କିଏ ହାରିବ, କିଏ ଜିତିବ ସେ ତ ଭିନ୍ନ କଥା । ମାତ୍ର ଏ ମାଟି କେତେ ବୀରଙ୍କର ରକ୍ତପାନ କରିବ ତା କିଏ କହିପାରିବ ? ତେବେ ଏହା ନିଶ୍ଚିତ ଯେ, ଯୁଦ୍ଧର ଅର୍ଥ ତ ରକ୍ତପାତ ।

ଯୁଗେଯୁଗେ କେଉଁଠି ନା କେଉଁଠି ସଂଘଟିତ ହୋଇଛି ଯୁଦ୍ଧ, ହତ୍ୟା, ରକ୍ତପାତ । ତଥାପି ମଣିଷର ପିପାସା ମେଣ୍ଟିନାହିଁ । ଯୁଦ୍ଧର ବିଷମୟ ପରିଣତି ଜାଣି ମଧ୍ୟ ଯୁଦ୍ଧଠାରୁ ସେ ଦୂରେଇ ଯାଇନି। ବରଂ ଯୁଦ୍ଧ ଚାରିପଟେ ଘୁରି ବୁଲୁଥିବା ହିଂସା, ସ୍ୱାର୍ଥ, ଦ୍ୱେଷ, ପ୍ରତିଶୋଧକୁ ଆପଣେଇ ନେଇଛି । କ'ଣ ପାଇଛି । କଣ ହରାଇଛି ସେ ପ୍ରଶ୍ନ ତା ପାଇଁ ବଡ଼ ହୋଇନି । ବଡ଼ ହୋଇଛି ନିଜର ଜିଦି ଆଉ ଦାବି । ଏ ଯୁଦ୍ଧ କିନ୍ତୁ ଅନ୍ୟାନ୍ୟ ଯୁଦ୍ଧ ଠାରୁ ଭିନ୍ନ, ନିଆରା । ଏଥିରେ ନ୍ୟାଯ୍ୟଦାବି, ଅଧିକାର, ନ୍ୟାୟ ପାଇଁ ଲଢ଼େଇ ହେବ ସତ, ତଥାପି ଏ ମହାଯୁଦ୍ଧର ନାମ ଧର୍ମଯୁଦ୍ଧ । ଯେଉଁଥିପାଇଁ କୁରୁକ୍ଷେତ୍ର ପାଲଟି ଯାଇଛି ଧର୍ମକ୍ଷେତ୍ର । ଏ ମାଟିର ସ୍ୱତନ୍ତ୍ର ମହିମା ରହିଛି । ପବିତ୍ରତାର ସୁରଭି ରହିଛି । ବହୁ ଚିନ୍ତାକରି ଜ୍ଞାନୀ, ଗୁଣୀ, ବିଜ୍ଞ ଗୁରୁଜନମାନେ ଯୁଦ୍ଧପାଇଁ ଚିହ୍ନଟ କରିଛନ୍ତି କୁରୁକ୍ଷେତ୍ର ଭୂଇଁ । ଯୁଦ୍ଧ ପୂର୍ବରୁ ଉଭୟପକ୍ଷ କୁରୁକ୍ଷେତ୍ରଠାରେ ଶିବିର ପକାଇବେ, ସେଥିପାଇଁ ପ୍ରତ୍ୟେକଙ୍କ ପାଇଁ ଚିହ୍ନଟ ସରିଛି ନିର୍ଦ୍ଧାରିତ ସ୍ଥାନ । ଗୁରୁଜନମାନଙ୍କ ପରାମର୍ଶରେ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହୋଇସାରିଛି ଯୁଦ୍ଧନୀତିର ଫର୍ଦ୍ଦ । ତିଥି, ନକ୍ଷତ୍ର ଗଣନା ମଧ୍ୟ ସରିଛି । ସମଗ୍ର କୁରୁ ପରିବାରର ଶ୍ରେଷ୍ଠ ଅଗ୍ରଜ ପିତାମହ ଭୀଷ୍ମ ସ୍ୱୀକୃତି ଦେଇସାରିଛନ୍ତି ସେଇ ଅଲିଖିତ ଚୁକ୍ତିପତ୍ରରେ । ଯେପରି ବୀର ସହ ବୀରର, ରଥୀ ସହ ରଥୀର ଲଢ଼େଇ ହେବ । ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ସମୟ ସୀମା ମଧ୍ୟରେ ଯୁଦ୍ଧ ହେବ । ନିରସ୍ତ୍ର ଉପରେ କେହି ଆକ୍ରମଣ କରିବେନି । ଦିନାନ୍ତରେ ଶିବିର ମଧ୍ୟରେ ପରସ୍ପର ପ୍ରତି ସୁଖ ଦୁଃଖ ହେବେ । ଶତ୍ରୁପକ୍ଷ, ମିତ୍ରପକ୍ଷ ମଧ୍ୟରେ ସୌହାର୍ଦ୍ଦ୍ୟ ସ୍ଥାପନ କରିପାରିବେ । ଏମିତି ଅନେକ ନୀତିନିୟମ ଖସଡ଼ାରେ ଉଭୟପକ୍ଷ ସମ୍ମାନ ଦେବେ । ସବୁ ପ୍ରସ୍ତୁତି ପରେ ସମସ୍ତେ କେବଳ ଅପେକ୍ଷାରେ ରହିଛନ୍ତି, ସେଇ ମୁହୂର୍ତ୍ତଟିକୁ ଯାହା ଶୁଭ କି ଅଶୁଭ ତାହା କେବଳ ସମୟ କହିବ । ଆଗକୁ କିଏ ଜିଣିବ ଅବା କିଏ ହାରିବ, କିଏ ରହିବ ଅବା କିଏ ଯିବ ସେ ଚିନ୍ତା ସମସ୍ତଙ୍କୁ ସେତେଟା ବିବ୍ରତ କରୁନି, ତା ଠାରୁ ବେଶି ବିବ୍ରତ କରୁଛି ଯୁଦ୍ଧ ଆରମ୍ଭର ଦୃଶ୍ୟପଟ କିଭଳି ହେବ ? କେତେ ଭୟଙ୍କର ହେବ ? ସମସ୍ତଙ୍କ ମନରେ ଶଙ୍କା, ଚିନ୍ତା ଆଗକୁ ରହିଛି ଯୁଦ୍ଧର ବିଭୀଷିକା।

ଯୁଦ୍ଧପାଇଁ ମୋ ମନରେ ଯେ ଶଙ୍କା ଜାଗୁନି, ସେକଥା ମୁଁ କହୁନି । କିନ୍ତୁ ମୋ ମନରେ କ୍ଷୋଭ ଜାଗୁଛି ଏଇଥିପାଇଁ ଯେ, ମୁଁ କୌରବ ପକ୍ଷରେ ରହିଛି । ଅଥଚ ପିତାମହ ଭୀଷ୍ମ ସେନାପତି ଥିବା ପର୍ଯ୍ୟନ୍ତ ଯୁଦ୍ଧରେ ଭାଗ ନେଇ ପାରିବିନି। ଭାବୁଥିଲି ଇଏ ପୁଣି କି ପ୍ରକାର ନିଷ୍ପତ୍ତି । ଯୁଦ୍ଧର ନିୟମାବଳୀ ପ୍ରସ୍ତୁତ ବେଳେ ତ ଏମିତି କିଛି ଉଲ୍ଲେଖ କରାଯାଇ ନଥିଲା । କେବଳ ପିତାମହଙ୍କ ସର୍ତ୍ତ ପାଇଁ ମୋତେ ଏସବୁରୁ ବଞ୍ଚିତ କରାଗଲା । ବିରୋଧ କରୁଥିଲେ ଦୁର୍ଯ୍ୟୋଧନ। ହେଲେ ଗୁରୁଜନ ମାନଙ୍କୁ ମାନ୍ୟଦେବା ତ ଯୁଦ୍ଧର ନିୟମ । ତାଛଡ଼ା ପିତାମହ ଯେତେବେଳେ କୁରୁ ସେନାଙ୍କର ମୁଖ୍ୟ ସେନାପତି, ତାଙ୍କର ନିର୍ଦ୍ଦେଶକୁ ମାନିନେବା ଦଳ ପାଇଁ ଶୃଙ୍ଖଳା । ଏ ଶୃଙ୍ଖଳାକୁ ସମ୍ମାନ ଦେବା ମୋର ମଧ୍ୟ କର୍ତ୍ତବ୍ୟ । ତେଣୁ ମୁଁ ମୋ ନିଜଆଡୁ ନିରବଦ୍ରଷ୍ଟା ହୋଇ ଯୁଦ୍ଧକ୍ଷେତ୍ରରୁ ଦୂରେଇ ରହିଥିଲି । ଜଣେ ବୀର ପାଇଁ ଏହାଠାରୁ ବଳି ବେଶି ଦୁଃଖ ଆଉ କ'ଣ ଥାଇପାରେ ।

ପିତାମହ ଭୀଷ୍ମଙ୍କ ମୁଁ ଥିଲି ଚକ୍ଷୁଶୀଳ । ମୋତେ ସୂତପୁତ୍ର ଦୃଷ୍ଟିରେ ସେ ହେୟଜ୍ଞାନ କରୁଥିଲେ । ତେଣୁ ଦୁର୍ଯ୍ୟୋଧନ ଯେତେବେଳେ ତାଙ୍କୁ କୌରବପକ୍ଷର ସେନାପତି ଦାୟିତ୍ୱ ତୁଲାଇବା ପାଇଁ ଚାହିଁଥିଲେ ସେଦିନ ତାଙ୍କର ମୋରି ଉଦ୍ଦେଶ୍ୟରେ ଏକ ସର୍ତ୍ତ ଥିଲା । ଯାହାଫଳରେ କି ମୋତେ ଯୁଦ୍ଧଠାରୁ ଦୂରେଇ ରହିବାକୁ ପଡ଼ିଲା । ପିତାମହଙ୍କ ନିଷ୍ପତ୍ତି ମୋ ପାଇଁ କେବଳ ଯେ ଦାରୁଣ ଆଘାତ ଥିଲା ତା ନୁହେଁ ମୋ ଭାଗ୍ୟରେ ମଧ୍ୟ ଏକ ବିପର୍ଯ୍ୟୟ ଥିଲା । ଅବଶ୍ୟ ଦୁର୍ଯ୍ୟୋଧନ ଏ ନିଷ୍ପତ୍ତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ପିତାମହଙ୍କୁ ମତ ବଦଳାଇବା ପାଇଁ ଚେଷ୍ଟା କରିଥିଲେ । ମାତ୍ର ମୁଁ ମୋ ନିଜ ଆଡୁ ଏହାକୁ ସ୍ୱୀକାର କରି ପିତାମହଙ୍କ ସମ୍ମାନକୁ ରକ୍ଷା କରିଥିଲି । ଯିଏ ସାରାଜୀବନ ଅନେକ ଦୁଃଖକୁ ହୃଦୟ ମଧ୍ୟରେ ଚାପି ରଖିପାରିଛି । ତା ପାଇଁ ଏହା ତ ଅତି ନଗଣ୍ୟ। ଯୁଦ୍ଧକ୍ଷେତ୍ରରୁ ଦୂରରେ ରହିବା ମୋ ବୀରତ୍ୱ ପ୍ରତି ଥିଲା ପ୍ରଚଣ୍ଡ କୁଠାରଘାତ । ତଥାପି ମୋତେ ସେସବୁ ସହିବାକୁ ପଡ଼ିଥିଲା । କାରଣ ସାରାଜୀବନ କେବଳ ଆଘାତ ଉପରେ ଆଘାତ ପାଇବାପାଇଁ ତ କର୍ଣ୍ଣର ଜନ୍ମ । କିଏ ଜାଣେ ? ଆଗକୁ ଆହୁରି କେତେ ଦୁର୍ଦ୍ଦିନ ମୋ ଭାଗ୍ୟରେ ଲେଖାଅଛି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

## ଅକିଞ୍ଚନାର ପତ୍ର

ସନ୍ଦୀପା ମହାପାତ୍ର



ନବବର୍ଷର ଅନେକ ଅନେକ ଶୁଭେଚ୍ଛା
ଶୁଭକାମନା ଜଣାଉଛି କାଳିଆ ସାଆନ୍ତେଙ୍କୁ
ସବୁ ତୁମରି ମାୟାରେ ବାୟା
ହେ ପ୍ରଭୁ !!!
ନବବର୍ଷରେ ତୁମ ଶ୍ରୀ ମନ୍ଦିର ପୂରା ଝଲସୁଛି।

ଖୁସିରେ ଆଖି ଲାଖି ରହୁଛି
ମନରେ ପୂର୍ଣ୍ଣ ଆବେଗ
ଶ୍ରୀ ମନ୍ଦିର ଦର୍ଶନ କରିବାକୁ କେବେ
ଡୋରି ଲାଗିବ କେଜାଣି ।

ପ୍ରଭୁଙ୍କର ଅନାବିଳ କୃପା
ସତରେ କି ଝରିଯିବ ଶିରଙ୍ଗେ ମୋର
ହେ କାଳିଆ ସାଆନ୍ତେ !
ସଦାସର୍ବଦା ରଖିଥିବ ନଜର
ମୋ' ଘର ଆଉ ମୋ' ପରିବାର ଉପରେ
ସଦାସର୍ବଦା ତୁମ ଆଶୀର୍ବାଦ
ଆମର ଏକାନ୍ତ କାମ୍ୟ ।

ତୁମ ଆଶୀର୍ବାଦ ବିନା
କିଛି ହୋଇନାହିଁ ଏ ସଂସାରରେ
କିଛି ହେବ ହିଁ ନାହିଁ.....
ସଭିଙ୍କର କର ମଙ୍ଗଳ ତୁମେ
ସେଲାଗି ତୁମେ ମଙ୍ଗଳମୟ ଭଗବାନ
ସମସ୍ତଙ୍କ ମନ ଜାଣି ଫଳ ଦିଅ
ସଭିଙ୍କ ମନରେ ଭରିଦିଅ
ହସ ଆଉ ଖୁସିର ଲହରୀ ।

ସମସ୍ତେ ତୁମ ପାଦତଳେ ନିଜ ନିଜର
ଦୁଃଖ ମନାସୀ କାହିଁ କେତେ
ଅଭିଯୋଗ ବାଢ଼ନ୍ତି ଲୋତକ ନିଗାଡ଼ି ।

ଭକ୍ତକୁ କେବେ କର ପରୀକ୍ଷା
ପାରେ ନାହିଁ ସେ ଜାଣି
ସେ ଭାବିନିଏ
କରି କରାଉ ଥାଏ ସେହି
ତା' ବିନୁ ଅନ୍ୟ ଗତି ନାହିଁ ।

ପରୀକ୍ଷା ପରେ ପରୀକ୍ଷା ଦେଇ ଦେଇ
ନୟାନ୍ତ ହୋଇପଡ଼େ ଭକ୍ତ
ତଥାପି ସେ ହାର ମାନି ନଥାଏ
ଗିରି ଶିଖର ଛୁଇଁବା ପ୍ରୟାସ କରି ଚାଲିଥାଏ।

ଏମିତି ତାକୁ ସବଳ କରି ଗଢ଼ିଛ ଯେ
ପାରନ୍ତି ନାହିଁ କେହି ତାକୁ ଦୋହଲାଇ.....
ତୁମରି କରୁଣା ପାଇ
ଅନ୍ଧ ଚକ୍ଷୁ ଫେରି ପାଏ ତ
ଖଞ୍ଜ ବି ପଥ ଚାଲିପାରେ
ମୂକ ମୁହଁରୁ ବଚନ ବାହାରେ ।

ତୁମରି ଦୁଆରେ ନିତି
ଭକତ ମାନଙ୍କ ପାଇଁ ଜମୁଥାଏ ଭିଡ଼
ତୁମରି ପାଇଁ ହୋଇଛି ସବୁ
ଅସମ୍ଭବ ଏ ଦୁନିଆରେ
ସମ୍ଭବରେ ପରିବର୍ତ୍ତନ
ସଂସାରର ଚକ୍ର ବୁଲାଉଛ ବସି
ଆଖି ପିଛୁଳାକେ କରୁଛ ଖେଳ
ତୁମ ମାୟାକୁ କିଏ ପାରୁଛି ବା ବୁଝି !

ସମସ୍ତେ ଭାବନ୍ତି ବସି
ଏ କି ହେଲା ଏ କି ହେଲା
କିଏ ସେ କରିଲା ଏସବୁ
ତୁମେ ମାୟା ଲଗାଇ ଭ୍ରମିତ କର
ରତ୍ନାସନେ ବସି ସବୁ ଦେଖୁଥାଅ ।

କେବେ ତୁମ ଡୋରି ଲଗାଉଛ
ଶ୍ରୀ ମନ୍ଦିରକୁ ଡ଼କାଉଛ ?
ତୁମ କଳା ବଦନ ଦର୍ଶନ କରିବାକୁ
ମନ କାହିଁ ହୁଏ ଛଟ ପଟ....
ଏ ପତ୍ର ନୁହେଁ ମୋ ପ୍ରତୀକ୍ଷାରତ ମନ
ତୁମ ଉତ୍ତରର ପ୍ରତୀକ୍ଷାରେ
ପତ୍ର ପାଇ ପତ୍ର ଦେବ ଚକାନୟନ ।

ଆଶା ସୁଦୟା ବହିବ
ଇତି ତୁମର ଭକ୍ତ ଅକିଞ୍ଚନା ।

+କେନ୍ଦ୍ରାପଡା

## ଛଦ୍ମ ପାଠକର ଛଦ୍ମ ପ୍ରଶଂସା

### ସମ୍ପର୍କର ଗିଙ୍ଗ

ଶ୍ୱେତା ରାଉତ୍

ଏବେ ବିଭିନ୍ନ ପତ୍ର ପତ୍ରିକାରେ ଅନେକ କବି ଲେଖକଙ୍କର ଲେଖା ବାହାରୁଛି। ଆମେ ହୁଏତ ସବୁ ଲେଖା ପଢୁ ନାହାନ୍ତି। ମୁଖ୍ୟତଃ ଉପାଦେୟ ଲେଖାଗୁଡିକ ଛାଡି ଅଧିକାଂଶରେ ନକରାତ୍ମକ ସମ୍ବାଦ ଯଥା କିଏ ଚୋରି କରି ଗିରଫ ହେଲା, କେଉଁ ସ୍ତ୍ରୀ ଲୋକ ସ୍ୱାମୀ ପିଲାଙ୍କୁ ଛାଡି ପ୍ରେମିକ ସହ ପଳେଇଲା, କିଏ କାହା ବୋହୂକୁ ମାରିଦେଲା, କେଉଁଠି ପ୍ରେମୀ ଯୁଗଳ ଆତ୍ମହତ୍ୟା କଲେ,କେଉଁ ଲୋକ କେତେଟା ସ୍ତ୍ରୀ ରଖିଲା, ପ୍ରେମ, ଧୋକା, ହତ୍ୟା, ଧର୍ଷଣ, ଚୋରି ଡକାୟତି ଇତ୍ୟାଦି ଘଟଣା ପ୍ରତି ଅଧିକ ଆଗ୍ରହ ରଖି ଆମ ମସ୍ତିଷ୍କକୁ କେବଳ ନକରାତ୍ମକ ପୋଷଣ ହିଁ ଦେଇଥାନ୍ତି। ଏସବୁ ସମ୍ବାଦ ଆମ ମାନସିକ ସ୍ଥିତିକୁ ଦୁର୍ବଳ କରେ। ଆଗରୁ ସମ୍ବାଦପତ୍ରରେ ଛପା ହେଉଥିବା ଗଳ୍ପ, ଆଲେଖ୍ୟ, କବିତା, ଉପନ୍ୟାସ ଆଦିରେ ଲେଖକର ନାମ ରହୁଥିଲା, ଫଟୋ ଦିଆଯାଉନଥିଲା। ପାଠକମାନେ ଲେଖକର ଲେଖା ପଢି ତାଙ୍କୁ ମନେ ରଖୁଥିଲେ ଏବଂ ଲେଖାରୁ ନିଜର ଜ୍ଞାନବର୍ଦ୍ଧନ କରୁଥିଲେ। ଲେଖକ ଓ ପାଠକ ମଧ୍ୟରେ କୌଣସି ବ୍ୟକ୍ତିଗତ ଯୋଗାଯୋଗ ନଥିଲେ ମଧ୍ୟ ଲେଖକ ପ୍ରତି ପାଠକର ଓ ପାଠକ ପ୍ରତି ଲେଖକର ସମ୍ମାନ ରହୁଥିଲା। ଏବେ କିନ୍ତୁ ଅନେକ ବ୍ୟତିକ୍ରମ ଦେଖିବାକୁ ମିଳେ।

ଲେଖାର ମାନ ଥାଉ କି ନଥାଉ ଯଦି ଲେଖିକାଙ୍କର ସୁନ୍ଦର ଫଟୋଟିଏ ସେଥିରେ ଅଛି ଏବଂ ଫୋନ୍ ନମ୍ବର ଅଛି, ପାଠକ ଲେଖା ପଢନ୍ତୁ କି ନପଢନ୍ତୁ ହଜାର ଫୋନ୍ ଆସିବାଟା ଥୟ। ଲେଖା ଖୁବ୍ ଭଲ ହୋଇଛି ବୋଲି ମିଥ୍ୟା ପ୍ରସଂଶା ସହିତ 'ଆପଣ କେଉଁଠି ରୁହନ୍ତି, କଣ କରନ୍ତି, କଣ ପଢିଛନ୍ତି, କେତେ ଖଣ୍ଡ ବହି ବାହାରିଲାଣି, (ବିବାହିତା ହୋଇଥିଲେ)ସ୍ୱାମୀ କଣ କରନ୍ତି, ପିଲାଛୁଆ କେତେଟା ଏବଂ ଯଦି ପାଠକ ଭାବେ ଫୋନ୍ କରିଥିବା ବ୍ୟକ୍ତି କୌଣସି କମ୍ପାନୀ ବା କେଉଁଥିରେ ଏଜେଣ୍ଟ ଥିବେ, ତେବେ ନିଜ ଫାଇଦା ପାଇଁ ତୁରନ୍ତ ତାଙ୍କ ପାଖରେ କିଛି ସ୍କିମ୍ କରିବାକୁ ପ୍ରସ୍ତାବ ଦିଅନ୍ତି, ଆପଣଙ୍କ ଇଚ୍ଛା ଥାଉ ବା ନଥାଉ ହ୍ୱାଟ୍ସପ୍ ନମ୍ବର ମାଗି ଯୋଗାଯୋଗ ଠିକଣା ବି ଦେଇ ଦିଅନ୍ତି। ଯଦି କେହି ଗୀତ ଲେଖୁଥାନ୍ତି, ଆପଣ ଶୁଣନ୍ତୁ କି ନଶୁଣନ୍ତୁ, ମୁଁ ଅମୁକ ଗୀତ ଲେଖିଛି ସମୁକ ଗୀତ ଲେଖିଛି, ମୋତେ ଏତେ ଆୱାର୍ଡ ମିଳିଛି ଏମିତି ଗୁଡାଏ ଗପିବେ। ଆପଣ ଫୋନ୍ କାଟି ପାରିବେନି କି କିଛି କହି ପାରିବେନି, କାରଣ ଲେଖକମାନଙ୍କ ପାଇଁ ପାଠକ ପରା ଇଶ୍ୱର!!

ପାଠକମାନଙ୍କୁ ସମାଲୋଚନା କରିବା ଆଦୌ ମୋର ଉଦ୍ଦେଶ୍ୟ ନୁହେଁ। ଅନେକ ବିଜ୍ଞ ବିଚାରଶୀଳ ପାଠକ ଅଛନ୍ତି, ଯେଉଁମାନେ ପ୍ରକୃତରେ ଲେଖାଟି ପଢନ୍ତି ଏବଂ ଫୋନରେ ତାଙ୍କର ଭାବ ବ୍ୟକ୍ତ କରନ୍ତି। ଆଉ କଣ ଲେଖିଲେ ଭଲ ହୋଇଥାନ୍ତା, କେଉଁ ବହିଟି ପଢିଲେ ଜ୍ଞାନ ବୃଦ୍ଧି ହେବ ପରାମର୍ଶ ଦିଅନ୍ତି, କିନ୍ତୁ ଏଭଳି ପାଠକଙ୍କ ସଂଖ୍ୟା ଖୁବ୍ କମ୍। ଏଭଳି ପାଠକଙ୍କ ଆଶୀର୍ବାଦ ପ୍ରତିଟି ଲେଖକକୁ ଆଗକୁ ବଢିବାକୁ ଅନୁପ୍ରାଣିତ କରେ। କିନ୍ତୁ ଯେଉଁ ପାଠକମାନେ ଲେଖା ସମ୍ବନ୍ଧୀୟ ଆଲୋଚନା କମ୍ ବ୍ୟକ୍ତିଗତ ଜୀବନ ଉପରେ ପ୍ରଶ୍ନ ପଚାରି ବିରକ୍ତ କରନ୍ତି, ନା ସେମାନଙ୍କୁ କିଛି କହିହୁଏ ନା ସହିହୁଏ। ଅନିଚ୍ଛା ସତ୍ତ୍ୱେ ସମୟର ଅପଚୟ କରିବାକୁ ଲେଖକ ବାଧ୍ୟ। ଆପଣଙ୍କ ଲେଖା ପଢି ପ୍ରଶଂସା ଜଣାଉଥିବା ବ୍ୟକ୍ତିଙ୍କୁ, ସେ ଲେଖାରେ କଣ ପଢିଛନ୍ତି, କେଉଁ ପଂକ୍ତିଟି ଭଲ ଲାଗିଲା ପଚାରିଲେ ସେ ଥଙ୍ଗ ଥଙ୍ଗ ହୁଅନ୍ତି, କହି ପାରନ୍ତିନାହିଁ। କାରଣ ସେ ପଢିନଥାନ୍ତି, କେବଳ ମୁହଁ ଦେଖି ନମ୍ବରଟି ରଖିଥାନ୍ତି ପ୍ରଶଂସା ଆଳରେ ଆପଣଙ୍କ ସମୟ ବରବାଦ କରିବା ପାଇଁ।

ମୁଁ ବି ଜଣେ ଲେଖିକା, ମୋତେ ବି ଏମିତି ଅନେକ ଫୋନ୍ ଆସେ। ମୋର ବ୍ୟସ୍ତ ବହୁଳ ଜୀବନ ଭିତରେ ଥାଇ ମଧ୍ୟ ପାଠକଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଫୋନ୍ ଉଠାଇ କଥାହୁଏ, ମୋ ଲେଖା ପଢିଥିବାରୁ ଧନ୍ୟବାଦ ଜଣାଏ। କିନ୍ତୁ ଅବଶୋସର କଥା ମୁଁ କେତେଜଣଙ୍କୁ ପଚାରିଛି ଆପଣ କେଉଁ ଲେଖା ପଢିଛନ୍ତି ଏବଂ ଭଲଲାଗିଛି ? ଅନେକ କହିପାରନ୍ତି ନାହିଁ। ମୋତେ ହସ ଲାଗେ। ଆମ ଓଡିଶାରେ



ନବେ ବର୍ଷର ବୃଦ୍ଧାଙ୍କ ଲେଖାରେ ଯଦି ତାଙ୍କ ଯୁବାବସ୍ଥାର ଫଟୋଟିଏ ଥାଏ, ତାଙ୍କୁ ମଧ୍ୟ ଛଦ୍ମ ପ୍ରଶଂସାର ଆଳରେ ଏଭଳି ହଇରାଣ ହେବାକୁ ପଡିବ ଏବଂ କେହି କେହି ପ୍ରେମ ନିବେଦନ ବି କରିପାରନ୍ତି। ପାଠକମାନେ ଲେଖକମାନଙ୍କୁ ମତାମତ ଜଣାଇବା ବହୁତ ଭଲ କଥା, ଲେଖକ ପାଠକ ଭିତରେ କେବଳ ପଢାଲେଖାର ସମ୍ପର୍କ ରହୁ। ଲେଖକର ବ୍ୟକ୍ତିଗତ ଜୀବନ ସମ୍ପର୍କରେ ତନ୍ନ ତନ୍ନ କରି ପଚାରିବା ଅଭଦ୍ରାମୀର ପରିଚୟ। ଜଣେ ଅଜଣା ଅଚିହ୍ନା ବ୍ୟକ୍ତିଙ୍କୁ କିଏ କାହିଁକି ତା ନିଜ ସମ୍ପର୍କରେ ବଖାଣିବ ! ଏଭଳି ଅଯାଚିତ ପ୍ରଶ୍ନ କରିବା ଶୋଭନୀୟ ନୁହେଁ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର

# ଆଇଏମ୍‌ଡିର ପୂର୍ବାନୁମାନ: ଏବର୍ଷ କଲବଲ କରିବନି ଖରା

ଭୁବନେଶ୍ୱର,୦୨/୦୩ (ନି.ପ୍ର): ଚଳିତ ବର୍ଷ ଗ୍ରୀଷ୍ମ ଋତୁ ଓଡ଼ିଶା ପାଇଁ ଆଶ୍ୱସ୍ତିକର ରହିବ। ଖରା କଲବଲ କରିବନି। ମାର୍ଚ୍ଚରୁ ମେ’ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନର ତାପମାତ୍ରା ସ୍ୱାଭାବିକଠାରୁ କମ୍ ରହିବ। ବିଶେଷକରି, ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ନୟାଗଡ଼ ଓ ବୌଦ୍ଧ ଆଦି ଜିଲ୍ଲାରେ ଗ୍ରୀଷ୍ମ ୩ ମାସରେ ଦିନ ଓ ରାତିର ତାପମାତ୍ରା ସ୍ୱାଭାବିକଠାରୁ କମ୍ ରହିବ। ଅବଶିଷ୍ଟ ଓଡ଼ିଶାର ତାପମାତ୍ରା ସ୍ୱାଭାବିକ ରହିପାରେ। ଚଳିତ ମାର୍ଚ୍ଚରେ ଗଜପତି ସମେତ ଉତ୍ତର ଉପକୂଳ ଓଡ଼ିଶା ଓ ପାର୍ଶ୍ୱବର୍ତ୍ତୀ ଆଭ୍ୟନ୍ତରୀଣ ଜିଲ୍ଲାର ତାପମାତ୍ରା ସ୍ୱାଭାବିକଠାରୁ କମ୍ ରହିବ। କିନ୍ତୁ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଏଇ ମାସ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବା ଫଳରେ ପ୍ରବଳ ଗରମ ଅନୁଭୂତ ହେବ। ଓଡ଼ିଶାର ପାଣିପାଗକୁ ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏପରି ପୂର୍ବାନୁମାନ କରିଛି। ଏବେ ଓଡ଼ିଶା ଉପରେ ଲା-ନିନା ସକ୍ରିୟ ରହିଥିବାରୁ ମାର୍ଚ୍ଚରୁ ମେ’ ଓଡ଼ିଶା ତାପମାତ୍ରା ବିଶେଷ ବଢ଼ିବାର ସମ୍ଭାବନା ନାହିଁ। ଏହି ୩ ମାସରେ ରାଜ୍ୟରେ ଅଧିକ ବର୍ଷା ସମ୍ଭାବନା ରହିଛି ବୋଲି ଆଇଏମ୍‌ଡି କହିଛି। ଆଇଏମ୍‌ଡି ଆହୁରି କହିଛି, ଉତ୍ତର-ପଶ୍ଚିମ ଭାରତ ଓ ଉତ୍ତର-ପୂର୍ବ ଭାରତର ଅଧିକାଂଶ ସ୍ଥାନ, କେନ୍ଦ୍ର ଭାରତ ସମେତ ପୂର୍ବ-ଉପକୂଳ ଭାରତ ଓ ହିମାଳୟ ପାଦଦେଶର କିଛି କିଛି ଅଞ୍ଚଳରେ ରାତି ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ବା ତା’ଠାରୁ ଅଧିକ ରହିବ। ସେହିଭଳି କେନ୍ଦ୍ରୀୟ ଭାରତର ପଶ୍ଚିମ ଓ ସଂଲଗ୍ନ ଅଞ୍ଚଳ, ଉତ୍ତର-ପଶ୍ଚିମ ଭାରତ, ଉତ୍ତର-ପୂର୍ବ ଭାରତର ଉତ୍ତର ଉପାନ୍ତ ଅଞ୍ଚଳ ସର୍ବାଧିକ ଦିନ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ। କିନ୍ତୁ ଓଡ଼ିଶାରେ ତାପମାତ୍ରା ସ୍ୱାଭାବିକଠାରୁ କମ୍ ରହିବା ସହ ବର୍ଷା ସମ୍ଭାବନା ରହିଛି। ଏଣୁ ଚଳିତ ଗ୍ରୀଷ୍ମ ଓଡ଼ିଶାବାସୀଙ୍କ ପାଇଁ ଆଶ୍ୱସ୍ତିକର ରହି ବୋଲି ପ୍ରାରମ୍ଭିକ ଆକଳନରୁ ଜଣାପଡୁଛି।

ଅନ୍ୟପଟେ, ଉତ୍ତର ଓଡ଼ିଶା ଓ ଏହାର ସଂଲଗ୍ନ ଅଞ୍ଚଳ ଉପରେ ଏକ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୦.୯ କିମି ଉଚ୍ଚତାରେ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ଶୁଖିଲା ରହିଥିବା ବେଳେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, କନ୍ଧମାଳ, ଗଞ୍ଜାମ ଆଦି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି। ଏଥିସହ ଉପକୂଳ ଓଡ଼ିଶା ଯଥା ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲ୍ଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ପଡ଼ିଛି। ଜଗତ୍ ?ସିଂହପୁର ଓ ଖୋର୍ଦ୍ଧା ଜିଲ୍ଲା ?ର କିଛି କିଛି ସ୍ଥାନରେ ଘନକୁହୁଡ଼ି ମଧ୍ୟ ଦେଖିବାକୁ ମିଳିଛି। ଆଜି ରାଜ୍ୟର ସର୍ବାଧିକ ତାପମାତ୍ରା ଟିଟିଲାଗଡ଼ଠାରେ ୩୭.୨ ଡିଗ୍ରି ଓ ଛତ୍ରପୁରରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୬ଡିଗ୍ରି ରେକର୍ଡ ହୋଇଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ।

# ଭୁବନେଶ୍ୱର ବାର୍ ଆସୋସିଏସନ ତରଫରୁ ବାର୍ଷିକ ‘କାକର’ କବିତା ପାଠୋତ୍ସବ

ଭୁବନେଶ୍ୱର,୦୨/୦୩ (ନି.ପ୍ର): ଭୁବନେଶ୍ୱର ଓକିଲ ସଂଘର ସଭାଗୃହରେ ଆଇନଜୀବୀ ଶ୍ରୀଯୁକ୍ତ ଗୋବିନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ‘କାକର’ କବିତାର ବାର୍ଷିକ ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସାରସ୍ୱତ ଉତ୍ସବରରେ ଖୋର୍ଦ୍ଧା ଜିଲ୍ଲା ଦୌରାଜଜ୍ ଶ୍ରୀଯୁକ୍ତ ରାମଶଙ୍କର ହୋତା ମୁଖ୍ୟ ଅତିଥି, ଶ୍ରୀଯୁକ୍ତ ସତ୍ୟବ୍ରତ ତ୍ରିପାଠୀ (କୁନା) ମୁଖ୍ୟବକ୍ତା, କବି ଡଃ କୁଳାଙ୍ଗାର, କବୟିତ୍ରୀ ଶ୍ରୀମତୀ ଗୀତାଞ୍ଜଳି ପଣ୍ଡା, ଅଧ୍ୟାପିକା ଶ୍ରୀମତୀ ସଂଘମିତ୍ରା ଭଞ୍ଜ ଏବଂ କବି ଶ୍ରୀଯୁକ୍ତ ଭିକାରୀ ଧଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଉତ୍ସବରେ ଭୁବନେଶ୍ୱର ଓକିଲ ସଂଘର ସମ୍ପାଦକ ଶ୍ରୀଯୁକ୍ତ ରାଜ କିଶୋର ଦାସ ସବୁପ୍ରକାର ତତ୍ତ୍ୱାବଧାନ କରିଥିଲେ ଏବଂ ଓକିଲ ସଂଘର କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଲିଙ୍ଗରାଜ ମହାରଣାଙ୍କ ସହିତ ପରିଚାଳନା ସମିତି ସଭ୍ୟ ଶ୍ରୀଯୁକ୍ତ ସୁରେଶ କୁମାର ଦାସଙ୍କୁ ସହାୟତା କରିଥିଲେ। ଶତାଧିକ ଆଇନଜୀବୀ, କବି ଓ କବୟିତ୍ରୀ ଏହି ଉତ୍ସବରେ ସ୍ୱରଚିତ କବିତା ପାଠ କରିଥିଲେ। ‘କାକର’ ପରିବାର ତରଫରୁ ଡଃ ଶ୍ରୀମତୀ ସ୍ମିତା କାନୁନଗୋ, ଶ୍ରୀଯୁକ୍ତ ଶ୍ରୀମନ୍ତ ସାମନ୍ତରାୟ ଓ ଶ୍ରୀଯୁକ୍ତ ସୁଶିଲ କୁମାର ଛୁଆଳସିଂହ ଏଥିରେ ସଂଯୋଜନା କରିଥିଲେ। ଭୁବନେଶ୍ୱର ଓକିଲ ସଂଘ ତରଫରୁ ୧୫ଜଣ ନବନିଯୁକ୍ତ ସରକାରୀ ଓକିଲଙ୍କୁ ଖୋର୍ଦ୍ଧା ଜିଲ୍ଲା ଦୌରାଜଜ୍‌ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯୁଗ୍ମ ସମ୍ପାଦକ ଅଶୋକ ବଡ଼ପଣ୍ଡା, କାର୍ଯ୍ୟକାରୀ ସଦସ୍ୟ ଶ୍ରୀ ସୁରେଶ କୁମାର ଦାସ ସହାୟତା କରିଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘର ସମସ୍ତ ଆଇନଜୀବୀଙ୍କ ସମେତ ମାଧବାନନ୍ଦ ଜେନା, ଅରୁଣ ଚନ୍ଦ, ଶିତାଂଶୁ ମୋହନ ଦ୍ୱିବେଦୀ ଏବଂ ୫୦୦ରୁ ଉର୍ଦ୍ଧ୍ୱ ଆଇନଜୀବୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଓକିଲ ମହାସଂଘର ଉପସଭାପତି ଶ୍ରୀଯୁକ୍ତ ଦେବୀ ବାରିକ ସ୍ୱାଗତ ଭାଷଣ ଦେଇଥିଲା ବେଳେ ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ଦାତାରାମ ଅଶୋକ କୁମାର ମଙ୍ଗରାଜ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆକାଶଛୁଆଁ ପାମୋଲିନ୍ ଓ ସୂର୍ଯ୍ୟମୁଖୀ ତେଲ ଦର

ଭୁବନେଶ୍ୱର,୦୨/୦୩ (ନି.ପ୍ର): ରୁଷ୍-ୟୁକ୍ରେନ୍ ଯୁଦ୍ଧର ସିଧାସଳଖ ପ୍ରଭାବ ଖାଇବା ତେଲ ବଜାର ଉପରେ ପଡ଼ିଛି। ଯୁଦ୍ଧ କାରଣରୁ ଏହି ଦୁଇ ଦେଶରୁ ସୂର୍ଯ୍ୟମୁଖୀ ଓ ପାମୋଲିନ୍ ତେଲ ଆମଦାନୀ ବାଧାପ୍ରାପ୍ତ ହୋଇଛି। ଏକ ରିପୋର୍ଟ ମୁତାବକ, ଭାରତ ବାର୍ଷିକ ୨୫ ଲକ୍ଷ ଲିଟର ସୂର୍ଯ୍ୟମୁଖୀ ତେଲ ଆମଦାନୀ କରିଥାଏ। ଏଥିରୁ ୭୦ ପ୍ରତିଶତ ତେଲ ୟୁକ୍ରେନ୍‌ରୁ ଆସୁଥିବା ବେଳେ ୨୦ ପ୍ରତିଶତ ରୁଷ ଓ ଅବଶିଷ୍ଟ ୧୦ ପ୍ରତିଶତ ଆର୍ଜେଣ୍ଟିନାରୁ ଆସିଥାଏ। କିନ୍ତୁ ଏବେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲିଥିବାରୁ ପରିବହନ ସମସ୍ୟା ସୃଷ୍ଟି ହୋଇଛି ଓ ଭାରତକୁ ଆସୁଥିବା ୩ ଲକ୍ଷ ୫୦ହଜାର ଟନ୍ ଖାଇବା ତେଲ ଅଟକି ରହିଛି। ଏହାର ପ୍ରଭାବ ଓଡ଼ିଶା ବଜାର ଉପରେ ମଧ୍ୟ ପଡ଼ିଛି। ଓଡ଼ିଶା ବଜାରରେ ସୂର୍ଯ୍ୟମୁଖୀ, ପାମୋଲିନ୍ ତେଲ ଦର ଆକାଶଛୁଆଁ ହୋଇ ଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ତେଲର କୃତ୍ରିମ ସଂକଟ କରି କଳାବଜାର କରାଯାଉଥିବା ଅଭିଯୋଗ ଆସିଲାଣି। କିନ୍ତୁ ଏପରି ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଓ ଆଭିମୁଖ୍ୟ ନେଇ କୌଣସି ସ୍ପଷ୍ଟ ଚିତ୍ର ବର୍ତ୍ତମାନ ସୁଦ୍ଧା ଆସିନାହିଁ।

ଓଡ଼ିଶା ବ୍ୟବସାୟୀ ସଂଘର ସୂଚନା ଅନୁସାରେ, ରାଜ୍ୟରେ ପ୍ରତିଦିନ ଦେଢ଼ରୁ ୨ହଜାର ଟନ୍ ତେଲର ଚାହିଦା ରହିଥାଏ। ବାର୍ଷିକ ଏଠାରେ ୫ ଲକ୍ଷ ଟନ୍‌ରୁ ୬ ଲକ୍ଷ ଟନ୍ ତେଲ କାରବାର ହୋଇଥାଏ। ଏଥିରୁ ପ୍ରାୟ ୨୫ପ୍ରତିଶତ ସୂର୍ଯ୍ୟମୁଖୀ ଏବଂ ୧୫ରୁ ୨୦ପ୍ରତିଶତ ପାମୋଲିନ୍ ତେଲ। ୟୁକ୍ରେନରେ ଯୁଦ୍ଧ ଯୋଗୁଁ ଯୋଗାଣ ବନ୍ଦ ରହିଛି। ରୁଷ୍‌ରେ ପରିବହନ ସମସ୍ୟା ଯୋଗୁଁ ଆବଶ୍ୟକତାଠାରୁ ଖୁବ୍ କମ୍ ତେଲ ଆସୁଛି। ଏହି ଖାଦ୍ୟ ତେଲ ସଂକଟ କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ରହିଛି।

ସୂଚନା ଅନୁସାରେ, ଦେଶରେ ଖାଇବା ତେଲର ସମୁଦାୟ ଚାହିଦାର ୬୦ପ୍ରତିଶତ ସୂର୍ଯ୍ୟମୁଖୀ ତେଲ ପୂରଣ କରିଥାଏ। ସମୁଦାୟ ଆବଶ୍ୟକତାର ୨ରୁ ୪ପ୍ରତିଶତ ଭାରତ ଯୋଗାଇଥାଏ। ରୁଷିଆ, ୟୁକ୍ରେନ୍‌ର ସୂର୍ଯ୍ୟମୁଖୀ ତେଲ ବ୍ୟବସାୟର ସବୁଠାରୁ ବଡ଼ ଗ୍ରାହକ ଭାରତ। ପାମ୍ ଏବଂ ସୋୟାବିନ୍ ତେଲର ମଧ୍ୟ ଭାରତ ଏକ ବଡ଼ କ୍ରେତା। ଓଡ଼ିଶାରେ ଚିନାବାଦାମ ଏବଂ ସୂର୍ଯ୍ୟମୁଖୀ ଚାଷ ହେଉଥିଲେ ମଧ୍ୟ ତେଲ ଉତ୍ପାଦନ ରାଜ୍ୟରେ ନାହିଁ। ତେଣୁ ସ୍ୱାଭାବିକ ଭାବେ ସମଗ୍ର ଦେଶରେ ଖାଇବା ତେଲ ଯୋଗାଣ ସଂକଟର ପ୍ରଭାବ ଓଡ଼ିଶାରେ ପଡୁଛି।



ଜଣେ ବ୍ୟବସାୟୀଙ୍କ କହିବାନୁସାରେ, ଖାଇବା ତେଲର ଦର ଅଚାନକ ଲିଟର ପ୍ରତି ୫୦ରୁ ୬୦ଟଙ୍କା ବୃଦ୍ଧି ପାଇଛି। ଫର୍ଚ୍ୟୁନ୍ ତେଲକୁ ବ୍ୟବସାୟୀ ମାନଙ୍କୁ ଏମ୍‌ଆରପିରେ କିଣିବାକୁ କୁହାଯାଉଛି। ଯଦି ବ୍ୟବସାୟୀ ଏମ୍‌ଆରପିରେ କିଣିଲେ, ଗ୍ରାହକଙ୍କୁ ଏମ୍‌ଆରପିଠାରୁ ଅଧିକ ଦରରେ ଦେବାକୁ ବାଧ ହେବେ। ଏହି କ୍ରମରେ ଡାଲଡା ସନଫ୍ଲାୱାର ଲିଟର ପ୍ରତି ଦର ୧୪୦ରୁ ୧୯୦(ଏମଆରପି-୨୧୫)ଟଙ୍କା, ପାମ ଅଏଲ ୧୧୦ରୁ ୧୪୨(ଏମଆରପି-୧୫୬), ଆଧାର ସନଫ୍ଲାୱାର ୧୩୦ରୁ ୧୬୦, ହେଲୋ ଲେଗ ୧୩୦ରୁ ୧୬୦ ଟଙ୍କାକୁ ବୃଦ୍ଧି ପାଇଛି।

ଏହାର ପ୍ରଭାବ ସିଧାସଳଖ ଗ୍ରାହକଙ୍କ ଉପରେ ପଡୁଛି। ମାତ୍ରାଧିକ ଦରବୃଦ୍ଧି ସେମାନଙ୍କ ଦୁଃଖ ବଢ଼ାଇ ଦେଇଛି। ବେଳ ଥାଉଥାଉ ସରକାର ଏ ଦିଗରେ ପଦକ୍ଷେପ ନନେଲେ ଆଗାମୀ ଦିନରେ ଏହା ଆହୁରି ଜଟିଳ ହେବା ନେଇ ଆଶଙ୍କା ରହିଛି। ରାଜ୍ୟ ବ୍ୟବସାୟୀ ସଂଘର ସୁଧାକର ପଣ୍ଡାଙ୍କ ଅନୁସାରେ, ରାଜ୍ୟରେ ଖାଦ୍ୟ ତେଲ ଦର ବୃଦ୍ଧି ଏବଂ ସଙ୍କଟ ନେଇ ଯୋଗାଣ ମନ୍ତ୍ରୀ ଏବଂ ସଚିବଙ୍କ ସହିତ ଆଲୋଚନା କରିବା ପାଇଁ ଦୁଇ ଦିନ ହେଲା ପ୍ରସ୍ତାବ ଦିଆଯାଇଛି। ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ସମୟ ମିଳିପାରି ନାହିଁ।

# ବିଜୁ ଜୟନ୍ତୀ ଓ ମହିଳା ଦିବସରେ ବିଜେଡି ପାଳିବ ‘ବିଜୟ ଉତ୍ସବ’

ଭୁବନେଶ୍ୱର,୦୨/୦୩ (ନି.ପ୍ର): ପଂଚାୟତ ନିର୍ବାଚନରେ ଏକତରଫା ବିଜୟକୁ ନେଇ ଉତ୍ସାହିତ ବିଜେଡି ଆସନ୍ତା ୫ ଓ ୮ତାରିଖରେ ନିର୍ବାଚନ ମଣ୍ଡଳୀସ୍ତରରେ ବିଶାଳ ସମାବେଶର ଆୟୋଜନ କରିବ। ମାର୍ଚ୍ଚ ୫ରେ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ଓ ମାର୍ଚ୍ଚ ୮ରେ ଆନ୍ତର୍ଜାତିକ ମହିଳା ଦିବସକୁ ନିର୍ବାଚନମଣ୍ଡଳୀସ୍ତରରେ ସାଧାରଣ ସଭା ଓ ମହିଳା ସମାବେଶ ମାଧ୍ୟମରେ ପାଳନ କରିବ। ଏହି ଦୁଇଟି କାର୍ଯ୍ୟକ୍ରମ ମାଧ୍ୟମରେ ବିଜେଡି ସବୁ ନିର୍ବାଚନମଣ୍ଡଳୀରେ ତା’ର ବିଜୟ ଉତ୍ସବ ପାଳିବ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ଦଳୀୟ କର୍ମକର୍ତ୍ତା ଓ ପଦାଧିକାରୀଙ୍କୁ ଚିଠି ଲେଖି ଆସନ୍ତା ମାର୍ଚ୍ଚ ୫ତାରିଖରେ ଦଳ ପକ୍ଷରୁ ସମସ୍ତ ନିର୍ବାଚନ ମଣ୍ଡଳୀରେ ବିଜୁବାବୁଙ୍କ ୧୦୬ତମ ଜୟନ୍ତୀ ପାଳନ ନିମନ୍ତେ ସାଧାରଣ ସଭାର ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ମାର୍ଚ୍ଚ ୮ତରେ ଆନ୍ତର୍ଜାତିକ ମହିଳା ଦିବସ ଥିବାରୁ ମହିଳା ବିଜେଡି ପକ୍ଷରୁ ସମସ୍ତ ନିର୍ବାଚନମଣ୍ଡଳୀରେ ମହିଳା ସମାବେଶ କରି ‘ମହିଳା ସଶକ୍ତିକରଣରେ ବିଜୁବାବୁଙ୍କ ଅବଦାନ ଓ ମହିଳା ସଶକ୍ତିକରଣ ପାଇଁ ବିଜେଡି ସରକାରଙ୍କ ପ୍ରତିବଦ୍ଧତା ଓ ନିଆଯାଇଥିବା ବିଭିନ୍ନ ପଦକ୍ଷେପ’ ସମ୍ପର୍କରେ ଆଲୋଚନା କରିବାକୁ ପରାମର୍ଶ ଦେଇଛନ୍ତି। ଏହାସହିତ ନବୀନ ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ଦଳୀୟ ଏକତା, ଶୃଙ୍ଖଳା ଓ ଅନୁଶାସନ ପାଳନ କରିବା ନିମନ୍ତେ ପ୍ରତିବଦ୍ଧ ହେବାକୁ ଆହ୍ୱାନ ଦେଇଥିବା ସୂଚନା ମିଳିଛି। ତେବେ ପଂଚାୟତ ନିର୍ବାଚନରେ କ୍ଲିନ୍ ସୁଇପ୍ କରିଥିବା ବିଜେଡି ଏବେ ନିଜର ବିଜୟକୁ ନେଇ ଉତ୍ସାହିତ ଥିବାବେଳେ ନବୀନଙ୍କ ଏହି ଚିଠିକୁ ବିଜେଡି ମହଲରେ ବେଶ୍ ଗୁରୁତ୍ୱ ଦିଆଯାଉଛି। ପଂଚାୟତ ନିର୍ବାଚନ ପରେ ଦଳ ପ୍ରଥମଥର ପାଇଁ ନିର୍ବାଚନମଣ୍ଡଳୀସ୍ତରରେ ୨ଟି ସମାବେଶ ଓ ସାଧାରଣ ସଭାର ଆୟୋଜନ କରି ବିଜୟ ଉତ୍ସବ ପାଳିବ। ଏହାସହିତ ଦଳ ଭିତରେ ହାତଗଣତି ୨-୩ଜଣଙ୍କର ଏକଚାଟିଆ କାରବାର ଚାଲିଥିବାରୁ ଅନ୍ୟ ନେତାମାନେ ନିଜକୁ ଗୌଣ ଓ ଅଲୋଡ଼ା ଆଶଙ୍କା କରୁଛନ୍ତି। କାଳେ ଏହି ନେତାମାନେ ଏକଜୁଟ ହେବେ ସେହି ଆଶଙ୍କାରେ ନବୀନ ବିଗତ କିଛି ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଦଳୀୟ ନେତାମାନଙ୍କୁ ଦଳୀୟ ଏକତା, ଶୃଙ୍ଖଳା ଓ ଅନୁଶାସନ ପାଳିବାକୁ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ, ଚଳିତ ପଂଚାୟତ ନିର୍ବାଚନରେ ବିଜେଡି ମୋଟ ୮୫୨ଟି ଜିଲ୍ଲା ପରିଷଦ ଆସନ ମଧ୍ୟରୁ ୭୬୬ଟି ଜିତିଥିବାବେଳେ ଦୁଇ ବିରୋଧୀ ବିଜେପି ଓ କଂଗ୍ରେସ ଯଥାକ୍ରମେ ମାତ୍ର ୪୨ ଓ ୩୭ରେ ସୀମିତ ରହିଛନ୍ତି। ବିଜେଡି ଖାତାରେ ୮୯.୯୦% ଜିଲ୍ଲା ପରିଷଦ ସିଟ୍ ଯାଇଥିବାବେଳେ ବିଜେପିକୁ ମାତ୍ର ୪.୯୨%, କଂଗ୍ରେସକୁ ୪.୩୪% ସିଟ୍ ଯାଇଛି। ସେହିପରି ବିଜେଡି ସପକ୍ଷରେ ସର୍ବାଧିକ ୧.୧୦କୋଟି ଭୋଟ୍ ପଡ଼ିଛି ଓ ଯାହାକି ମୋଟ ଭୋଟର ୫୨.୭୩%। ଗତ ୨୫ବର୍ଷ ମଧ୍ୟରେ ବିଜେଡି ପ୍ରଥମଥର ପାଇଁ ଏତେ ସଂଖ୍ୟକ ସିଟ୍ ହାସଲ କରିଥିବାରୁ ଅଧିକ ଉତ୍ସାହିତ ହୋଇପଡ଼ିଛି।

# କୋଭିଡ ମୃତକଙ୍କୁ କ୍ଷତିପୂରଣ ୧୫ ହଜାର ଟପିଲା

ଭୁବନେଶ୍ୱର,୦୨/୦୩(ନି.ପ୍ର): ରାଜ୍ୟରେ କୋଭିଡ ମୃତକଙ୍କ ସଂପର୍କୀୟଙ୍କୁ ଦିଆଯାଉଥିବା କ୍ଷତିପୂରଣ ରାଶି ସଂଖ୍ୟା ୧୫ହଜାର ଟପିଯାଇଛି। କରୋନାର ଚଳିତ ତୃତୀୟ ଲହରରେ ମଧ୍ୟ ମୃତ୍ୟୁ ସଂଖ୍ୟା ଜାରି ରହିଥିବାରୁ ଏହି ସଂଖ୍ୟାରେ ବୃଦ୍ଧି ଦେଖିବାକୁ ମିଳିଛି। ଖୋର୍ଦ୍ଧା, କଟକ, ସୁନ୍ଦରଗଡ଼ ଓ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ସଂଖ୍ୟକ ମୃତକଙ୍କ ସଂପର୍କୀୟଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ରାଜ୍ୟ ସରକାର କରୋନାର ଏ ପର୍ଯ୍ୟନ୍ତ ୩ଟି ଲହରକୁ ମିଶାଇ ଯେତିକି କୋଭିଡ ମୃତ୍ୟୁ ଘୋଷଣା କରିଛନ୍ତି ତା’ଠାରୁ ଦେଢ଼ଗୁଣା ମୃତକଙ୍କ ସଂପର୍କୀୟଙ୍କୁ ଅନୁକମ୍ପା ରାଶି ପ୍ରଦାନ କରାଗଲାଣି।

ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟରେ କୋଭିଡ କ୍ଷତିପୂରଣ ପାଇଁ ବର୍ତ୍ତମାନ ସୁଦ୍ଧା ୧୬,୭୫୫ ଆବେଦନ ପତ୍ର ଆସିଛି। ତହିଁରୁ ୧୫,୭୬୫ ଆବେଦନକୁ ଅନୁମୋଦନ କରାଯାଇଥିବା ବେଳେ ୪୨୦ ଆବେଦନକୁ ଖାରଜ କରି ଦିଆଯାଇଛି। ୫୭୦ ଆବେଦନ ପତ୍ରର ଅନୁମୋଦନ ପ୍ରକ୍ରିୟା ଜାରି ରହିଛି। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୧୯୫, କଟକ ୧୩୫୩, ସୁନ୍ଦରଗଡ଼ ୧୨୨୫, ଗଞ୍ଜାମ ୧୦୬୪ଜଣଙ୍କୁ ଅନୁକମ୍ପା ରାଶି ପାଇଁ ଅନୁମୋଦନ ଦିଆଯାଇଛି। ଦେବଗଡ଼, ମାଲକାନଗିରି ଜିଲ୍ଲାରୁ ସର୍ବନିମ୍ନ ୧୦୧ଟି ଆବେଦନ ପତ୍ର ଆସିଛି। ଉଲ୍ଲେଖନୀୟ ବିଷୟ ହେଉଛି ବରଗଡ଼, ଝାରସୁଗୁଡ଼ାରୁ ଗୋଟିଏ ଲେଖାଏ ଅନୁକମ୍ପା ରାଶି ଫେରସ୍ତ ଆସିଛି। ରାଜ୍ୟରେ ଆଉ ୭ଜଣ କରୋନାରେ ପ୍ରାଣ ହରାଇଥିବା ନେଇ ଆଜି ସରକାର ଘୋଷଣା କରିଛନ୍ତି। ଏହି ସଂଖ୍ୟାକୁ ମିଶାଇ ରାଜ୍ୟରେ ୯୦୭୧ଜଣ କରୋନାରେ ପ୍ରାଣ ହରାଇଥିବା ନେଇ ସରକାରୀ ଘୋଷଣା କରାଯାଇଛି।

ତେବେ ଓଡ଼ିଶା ସମେତ ଦେଶବ୍ୟାପୀ କରୋନାର ତୃତୀୟ ଲହର ସଂପୂର୍ଣ୍ଣ ଥମି ଆସିଥିବା ବେଳେ ଏବେ ଚତୁର୍ଥ ଲହରର ଭୟ ଦେଖାଇଛନ୍ତି ଆଇଆଇଟି କାନପୁରର ୩ ଜଣିଆ ଗବେଷକ। ଆସନ୍ତା ଜୁନ୍ ୨୨ତାରିଖ ବେଳକୁ ଦେଶରେ ଚତୁର୍ଥ ଲହର ଆସିପାରେ ବୋଲି ସେମାନେ ଆକଳନ କରିଛନ୍ତି। ଏହି ଲହର ୪ମାସ ପର୍ଯ୍ୟନ୍ତ ଲମ୍ବିବ। ଅଗଷ୍ଟ ୨୩ ଆଡ଼କୁ ସଂକ୍ରମଣ ଶୀର୍ଷକୁ ଛୁଇଁବା ସହିତ ଅକ୍ଟୋବର ୨୪ ବେଳକୁ କମି ଆସିବ। ଆଇଆଇଟି କାନପୁରର ଗଣିତ ଓ ପରିସଂଖ୍ୟାନ ବିଭାଗର ଏସ୍.ପି ରାଜେଶଭାଇ, ଏସ୍‌ଏସ୍ ଧର ଓ ଶଲାଭ୍ ଏହି ଆକଳନ କରିଛନ୍ତି। ପୂର୍ବରୁ ଆଇଆଇଟି କାନପୁର ଏକାଧିକ ଲହରର ଆକଳନ କରିଥିବା ବେଳେ ତୃତୀୟ ଲହରର ଆକଳନ ପ୍ରାୟତଃ ଠିକ୍ ରହିଥିଲା।

ପୂର୍ବରୁ ଏକାଧିକ ଆକଳନରେ ସଂପୃକ୍ତ ରହିଥିବା ପ୍ରଫେସର ମନୀନ୍ଦ୍ର ଅଗ୍ରୱାଲ କହିଛନ୍ତି ଯେ ହୁଏତ ଏହି ଆକଳନ ଠିକ୍ ହୋଇପାରେ କିମ୍ବା ନ ହୋଇପାରେ। କେବଳ ଯେ କରୋନାର ନୂଆ ପ୍ରଜାତି ଆସିଲେ ଏଭଳି ଲହର ଆସିବ ବୋଲି କହିବା ଠିକ୍ ହେବନାହିଁ। ତେଣୁ ଯଦିବା ଚୁତର୍ଥ ଲହର ଆସିବ ଏହା ବହୁତ କମ୍ ତୀବ୍ରତାର ହୋଇପାରେ। ଏହି ଆକଳନ ଟିମ୍‌ରେ ନ ଥିବାରୁ ଆକଳନ ସଂପର୍କରେ ଅଧିକ ତଥ୍ୟ ରଖିପାରିବି ନାହିଁ ବୋଲି ପ୍ରଫେସର ଅଗ୍ରୱାଲ କହିଥିଲେ।

ଅପରପକ୍ଷରେ ରାଜ୍ୟରେ ୨ମାସର ବ୍ୟବଧାନ ପରେ ଦୈନିକ ସଂକ୍ରମଣ ଶହେକୁ ଖସି ଆସିଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ୧୭୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ‘ନାକ୍’ ମାନ୍ୟତା ହାତେଇବାକୁ ଶିକ୍ଷାନୁଷ୍ଠାନଙ୍କ ଚକ୍ରାନ୍ତ: ରାତାରାତି ବଦଳୁଛି କ୍ୟାମ୍ପସ ଚେହେରା

ଭୁବନେଶ୍ୱର ,୦୨/୦୩ (ନି.ପ୍ର): ନ୍ୟାସନାଲ ଆସେସ୍‌ମେଣ୍ଟ ଆଣ୍ଡ୍ ଆକ୍ରିଡେସନ୍ କାଉନସିଲ୍(ନାକ୍) ଟିମ୍ ଗସ୍ତ ବେଳେ ଉଚ୍ଚଶିକ୍ଷା ବିଭାଗ ଅଧୀନ ଶିକ୍ଷାନୁଷ୍ଠାନକୁ ମନେ ପଡୁଛି କ୍ୟାମ୍ପସର ସୌନ୍ଦର୍ଯ୍ୟୀକରଣ କଥା। ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ଡିଗ୍ରି କଲେଜ ପର୍ଯ୍ୟନ୍ତ, ସବୁ ଶିକ୍ଷାନୁଷ୍ଠାନରେ ସମାନ ଅବସ୍ଥା। କ୍ୟାମ୍ପସରେ ସ୍ୱଚ୍ଛତା ରହୁନି। ଆବର୍ଜନାର ପାହାଡ଼ ଛିଡ଼ା ହେଉଛି। ପ୍ରବେଶପଥରୁ ପ୍ରସ୍ଥାନ ଯାଏ ମାଳମାଳ ସମସ୍ୟା। କେଉଁଠି ହଷ୍ଟେଲରୁ ପାଣି ଗଳୁଛି ତ ଆଉ କେଉଁଠି ରାସ୍ତା ଖାଲଖମାରେ ଭର୍ତ୍ତି। ମାତ୍ର ନାକ୍ ଟିମ୍ ଗସ୍ତ ବେଳକୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ତରବରିଆ ରଙ୍ଗବୋଳି କ୍ୟାମ୍ପସର ଭିତ୍ତିଭୂମି ସଜାଡୁଛନ୍ତି। ଏଥିପାଇଁ ପ୍ରଚୁର ଅର୍ଥ ଖର୍ଚ୍ଚ କରୁଛନ୍ତି। ଏଭଳି ଗୋଟିଏ ଦୁଇଟି କଲେଜ ଘଟଣା ସାମ୍ନାକୁ ଆସିବା ପରେ ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ଅସନ୍ତୋଷ ପ୍ରକାଶ କରିବା ସହ ବର୍ଷତମାମ କ୍ୟାମ୍ପସର ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦେଇଛନ୍ତି।

ବିଭାଗୀୟ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି ଯେ ୟୁଜିସି କିମ୍ବା ନାକ୍ ଟିମ୍ ଆସିବା ବେଳେ କ୍ୟାମ୍ପସ ସଫେଇ ନ କରନ୍ତୁ ନାହିଁ, ବରଂ ନିୟମିତ ବ୍ୟବଧାନରେ କ୍ୟାମ୍ପସର ସଫେଇ କରାଯାଉ। ନାକ୍ ଟିମ୍ ଆସିବା ସମୟରେ ଯେତେ ଅର୍ଥ ଖର୍ଚ୍ଚ କରି କ୍ୟାମ୍ପସକୁ ସଜେଇଲେ ମଧ୍ୟ ଯଦି ଶୈକ୍ଷିକ କାର୍ଯ୍ୟକଳାପ ଭଲ ନ ଥିବ, ତେବେ ନାକ୍/ୟୁଜିସି ଟିମ୍‌କୁ ଆପଣ ସନ୍ତୁଷ୍ଟ କରିପାରିବେ ନାହିଁ। କାରଣ ଟିମ୍‌ର ସଦସ୍ୟ ଅଭିଜ୍ଞତାସଂପନ୍ନ ହୋଇଥିବାରୁ କଲେଜ କର୍ତ୍ତୃପକ୍ଷଙ୍କ ଗେମ୍ ପ୍ଲାନ୍‌କୁ ଭଲ ଭାବେ ଜାଣିପାରିବେ। ଯେଉଁ କଲେଜର ଶୈକ୍ଷିକ କାର୍ଯ୍ୟକଳାପ ଭଲ ରହିଥିବ, ସେମାନେ କ୍ୟାମ୍ପସକୁ ସୌନ୍ଦର୍ଯ୍ୟୀକରଣ କରିବା ସହ ମାନ୍ୟତା ପାଇଁ ଆବେଦନ କରନ୍ତୁ।

ସୂଚନା ଅନୁଯାୟୀ, ୨୦୨୨ ସୁଦ୍ଧା ଉଚ୍ଚଶିକ୍ଷା ବିଭାଗ ଅଧୀନ ସମସ୍ତ ଶିକ୍ଷାନୁଷ୍ଠାନ ନାକ୍ ମାନ୍ୟତା ହାସଲ କରିବାକୁ ରୂପରେଖ ପ୍ରସ୍ତୁତ ହୋଇଥିଲା। ମେଣ୍ଟରିଂ ବ୍ୟବସ୍ଥା କରାଯିବା ସହ ନାକ୍‌ରେ ଭଲ ଗ୍ରେଡ୍ ପାଇଥିବା ଶିକ୍ଷାନୁଷ୍ଠାନ ଅଧୀନରେ ୧୦ରୁ ୨୦ କଲେଜକୁ ରଖାଯାଇଥିଲା। ମେଣ୍ଟର ଶିକ୍ଷାନୁଷ୍ଠାନ ନାକ୍ ମାନ୍ୟତା ଲାଗି ଆବେଦନ କରୁଥିବା କଲେଜଙ୍କୁ ଦିଗ୍‌ଦର୍ଶନ ଦେଇଥା’ନ୍ତେ। ଉଚ୍ଚଶିକ୍ଷା ସଚିବ ଶ୍ରୀ ମିଶ୍ର ଏନେଇ ଘନଘନ ବୈଠକ କରି ମାନସମନ୍ବୟ କରୁଥିଲେ। ତା’ପରେ ବି ଫଳ ଶୂନ। ୨୦୨୨ ଫେବୃଆରି ସୁଦ୍ଧା ରାଜ୍ୟର ମାତ୍ର ୧୫୩ଟି ଶିକ୍ଷାନୁଷ୍ଠାନ ନାକ୍ ମାନ୍ୟତା ହାସଲ କରିବାରେ ସକ୍ଷମ ହୋଇଛନ୍ତି। ବିଭାଗ ଅଧୀନ ୧୦୬୩ ଶିକ୍ଷାନୁଷ୍ଠାନ ମଧ୍ୟରୁ ୯୦୦ରୁ ଅଧିକ ଶିକ୍ଷାନୁଷ୍ଠାନର ନାକ୍ ମାନ୍ୟତା ନାହିଁ। ୫ଟି ସରକାରୀ ବିଶ୍ୱବିଦ୍ୟାଳୟ ନାକ୍ ମାନ୍ୟତା ପାଇ ନାହାନ୍ତି। ନୂଆ କରି ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ମାନ୍ୟତା ହାସଲ କରିଥିବା ୬ଟି ଶିକ୍ଷାନୁଷ୍ଠାନର ବି ନାକ୍ ମାନ୍ୟତା ନାହିଁ। କେତେକ ବିଶ୍ୱବିଦ୍ୟାଳୟର ମାନ୍ୟତା ୨୦୨୧ ସୁଦ୍ଧା ଶେଷ ହୋଇଯାଇଛି। ଡିଗ୍ରି କଲେଜଗୁଡ଼ିକ କଥା ନ କହିବା ଭଲ। ଆଜି ସୁଦ୍ଧା ୬୦% ଡିଗ୍ରି କଲେଜର ଭିତ୍ତିଭୂମି ନାକ୍ ମାନ୍ୟତା ଲାଗି ନ ଥିବା ଜଣାପଡ଼ିଛି।

# କଟକ ଜିଲ୍ଲାରେ ବଦଳିଲା ୬ ହଜାର ପୁରୁଣା ଖୁଣ୍ଟ, ୬୭ ନୂଆ ୧୧କେଭି ଏବି ସ୍ୱିଚ୍

ଭୁବନେଶ୍ୱର,୦୨/୦୩ (ନି.ପ୍ର): : ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପୁରୁଣା ବିଦ୍ୟୁତ ବିତରଣ ଭିତ୍ତିଭୂମିର ଉନ୍ନତୀକରଣ କାର୍ଯ୍ୟ ଜାରି ରଖିଛି। କଟକ ବିଦ୍ୟୁତ ସର୍କଲ୍ ଅଞ୍ଚଳରେ ଥିବା ୫ଟି ଡିଭିଜନର କମ୍ ଉଚ୍ଚତା ବିଶିଷ୍ଟ, ପୁରୁଣା ଓ ତ୍ରୁଟିପୂର୍ଣ୍ଣ ୬ ହଜାର ବିଦ୍ୟୁତ ଖୁଣ୍ଟକୁ ବଦଳାଇ ନୂଆ ସ୍ଥାପନ କରାଯାଇଛି। ବିଦ୍ୟୁତ ଯୋଗାଣର ଏକ ସୁରକ୍ଷିତ ନେଟୱର୍କ ନିଶ୍ଚିତ କରିବା ଲାଗି ପ୍ରାୟ ୩୭୦୦ଟି ବଙ୍କା ହୋଇଯାଇଥିବା ଖୁଣ୍ଟକୁ ସିଧା କରାଯାଇଛି। ୫୦୦ରୁ ଅଧିକ ଦ୍ୱୈତ ଖୁଣ୍ଟ ଢାଞ୍ଚା ସ୍ଥାପନ କରାଯାଇଛି। ୧୬୯ଟି ଫିଡରରେ ବିଦ୍ୟୁତ ନେଟ୍‌ୱର୍କ ସୁଦୃଢ଼ୀକରଣ କରାଯାଇଛି। ବିଭିନ୍ନ ଡିଭିଜନ୍ ଅଧୀନରେ ଥିବା ନହଲପୁର, ରାମକୁମାରପୁର ଓ ଆୟାଦପୁର ଫିଡର ଏହି ଅଞ୍ଚଳରେ ଜଳସେଚନ ଓ କୃଷି କାର୍ଯ୍ୟ ପାଇଁ ବଡ଼ ଧରଣରେ ଉପଯୁକ୍ତ ବିଦ୍ୟୁତ ଯୋଗାଣ କରିବାରେ ସହାୟକ ହୋଇପାରିଛି। ଟିପିସିଓଡିଏଲ୍ ପକ୍ଷରୁ ୯୬ ବିତରଣ ସବଷ୍ଟେସନକୁ ମରାମତି କରାଯାଇଛି। ଏହି ସର୍କଲର ବିଭିନ୍ନ ସ୍ଥାନରେ ୬୭ ନୂଆ ୧୧ କେଭି ଏବି ସ୍ୱିଚ୍ ସ୍ଥାପନ କରାଯାଇଛି। ଲୋକମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଆଧାରରେ ଖୋଲା ଟ୍ରାନ୍ସଫର୍ମର ଷ୍ଟେସନର ୨୪୦ଟି ସ୍ଥାନରେ ବାଡ଼ ଦିଆଯାଇଥିବା ସଂସ୍ଥା ପକ୍ଷରୁ ସୂଚନା ମିଳିଛି।

# ରାଜ୍ୟରେ ୧୫୦ ତଳକୁ ଖସିଲା ପଜିଟିଭଙ୍କ ସଂଖ୍ୟା

ଭୁବନେଶ୍ୱର,୦୨/୦୩ (ନି.ପ୍ର): ରାଜ୍ୟରେ କରୋନା ମାମଲାରେ ହ୍ରାସ ଦେଖିବାକୁ ମିଳିଛି। ଗତ ୨୪ ଘଣ୍ଟା ମଧ୍ୟରେ ସାରା ରାଜ୍ୟରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ୧୫୦ ତଳକୁ ଖସିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୪୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୦ରୁ ୧୮ ବର୍ଷ ମଧ୍ୟରେ ୨୮ ଜଣ ଥିବାବେଳେ ସଙ୍ଗରୋଧରେ ୮୬ ଜଣ ଓ ସ୍ଥାନୀୟ ସଂକ୍ରମଣ ଭାବେ ୫୭ ଜଣ ଅଛନ୍ତି। ସେହିପରି ଗଜପତିରୁ ସର୍ବାଧିକ ୨୦, ବାଲେଶ୍ୱରରୁ ୧୧, କେନ୍ଦ୍ରାପଡ଼ାରୁ ୧୩, ସମ୍ବଲପୁରରୁ ୧୧, ସୁନ୍ଦରଗଡ଼ରୁ ୯, ଖୋର୍ଦ୍ଧାରୁ ୮ ଜଣ ଚିହ୍ନଟ ହୋଇଛନ୍ତି। ଏହି ନୂଆ ପଜିଟିଭଙ୍କୁ ମିଶାଇ ରାଜ୍ୟରେ ମୋଟ ପଜିଟିଭଙ୍କ ସଂଖ୍ୟା ୧୨ ଲକ୍ଷ ୮୫ ହଜାର ୩୪୯ରେ ପହଞ୍ଚିଥିବାବେଳେ ୧୨ ଲକ୍ଷ ୭୪ ହଜାର ୦୪୮ ଜଣ ସୁସ୍ଥ ହୋଇଛନ୍ତି। ଏବେ ରାଜ୍ୟରେ ସମୁଦାୟ ୨୧୬୩ଟି ସକ୍ରିୟ ମାମଲା ରହିଛି।



# ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଶୈବପୀଠରେ ମହା ଶିବରାତ୍ରି ପାଳିତ

ବାରିପଦା, ୦୨/୦୩ (ନି.ପ୍ର): ଶିବ ଆରାଧନା ନିମନ୍ତେ ମହାଶିବ ରାତ୍ରି ଚତୁର୍ଦ୍ଦଶୀ କିମ୍ଵା କୁମ୍ଭ ମାସ କୃଷ୍ଣ ପକ୍ଷର ଚତୁର୍ଦ୍ଦଶୀ ତିଥି ବେଶ ତାତ୍ପର୍ଯ୍ୟପୂର୍ଣ । ଶିବ ରାତ୍ରୀରେ ଭକ୍ତି ଭାବରେ ମାନସିକ କଲେ ତାହା ପୂରଣ ହେଉଥିବାର ବିଶ୍ୱାସ ରହିଆସିଛି । ଆଜି ମହାଶିବ ରାତ୍ରି ଉପଲକ୍ଷେ ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ଥିବା ସମସ୍ତ ଶୈବପୀଠ ଗୁଡ଼ିକ ବହୁଭକ୍ତଙ୍କ ସମାଗମ ହେବା ସାଙ୍ଗକୁ ଶିବ ଆରାଧନାରେ ପ୍ରକମ୍ପିତ ଓ ଆଲୋକମୟ ହୋଇ ଉଠିଛି ଶୈବ କ୍ଷେତ୍ର ଗୁଡିକ । ମହିଳା ଭକ୍ତମାନେ ସୁରୁଖୁରୁରେ ଜାଗର ଜାଳି ପାରିବା ନିମନ୍ତେ ସଦର ମହକୁମା ବାରିପଦା ସହ ଜିଲ୍ଲାର ସମସ୍ତ ଶୈବ ପୀଠ ସମ୍ମୁଖରେ ଛାମୁଡ଼ିଆ ମାନ ନିର୍ମାଣ କରାଯାଇଥିବାର ପରିଲକ୍ଷିତ ହୋଇଛି । ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ମହାରାଜା ମାନଙ୍କ ଶାସନ ସମୟରେ ନିର୍ମିତ ବାରିପଦା ସହରର ବାରୁଣୀଘାଟ ସ୍ଥିତ ବାରୁଣେଶ୍ୱର ଶୈବପୀଠରେ ଶୁକ୍ରବାର ପ୍ରତ୍ୟୁଷରୁ ମହିଳା ଓ ପୁରୁଷ ଭକ୍ତମାନଙ୍କର ଲମ୍ବା ଧାଡ଼ି ଲାଗିଥିଲା । ବାରିପଦା ବାସୀଙ୍କ ସହ ଜିଲ୍ଲାକୁ ସଂଯୋଗ କରୁଥିବା ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ



ରାଜ୍ୟରୁ ବହୁ ସଂଖ୍ୟାରେ ଶୈବ ଭକ୍ତମାନେ ଏହି ମନ୍ଦିରକୁ ପୂଜାର୍ଚ୍ଚନା ନିମନ୍ତେ ଆସିଥିବାର ଦେଖିବାକୁ ମିଳିଥାଏ । ସନ୍ଧ୍ୟାରେ ମନ୍ଦିର ପରିସରରେ ହଜାର ହଜାର ସଂଖ୍ୟାରେ ଜନ ସମାଗମ ହୋଇଥିଲା । ଶୈବପୀଠର ବାହାରେ ଜାଗର ଉପଲକ୍ଷେ ଶତାଧିକ ଉଠା ଦୋକାନୀ ମାନଙ୍କ ଭିଡ଼ ଜମି ଥିଲା । ଜନଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହିତ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା । ସେହିପରି ବାରିପଦା ସହର ଉପକଣ୍ଠରେ ବୁଢ଼ାବଳଙ୍ଗ, ଚିପଟ ଓ ଇଟାଯୋଡ଼ି ନଦୀର ସଂଗମ ସ୍ଥଳୀରେ ଅବସ୍ଥିତ ଓ ଦକ୍ଷିଣାବର୍ତ୍ତ ତନ୍ତ୍ରପୀଠ ଭାବରେ ପରିଚିତ ବାରିପଦାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ବୁଢ଼ାରାଉଳ ମହାଦେବ ଏବଂ ଧୂନୀ ମଠରେ ମହାଶିବ ରାତ୍ରି ଉପଲକ୍ଷେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା, ଯଜ୍ଞ ଓ ହୋମ ଆଦି ଆୟୋଜିତ ହୋଇଛି । ଜାଗର ଉପଲକ୍ଷେ ଭକ୍ତମାନଙ୍କ ନିମନ୍ତେ ସମସ୍ତ ପ୍ରକାରର ସୁବିଧା ସୁଯୋଗର ବ୍ୟବସ୍ଥା ଉପଲବ୍ଧ କାରଣରୁ ଏଠାରେ ମହିଳା ଭକ୍ତମାନଙ୍କର ଅଧିକ ଭିଡ଼ ଜମିଥିଲା । ଏହାବ୍ୟତୀତ ରାତିରେ ସହରର ଟ୍ରାଫିକ ଛକ ନିକଟସ୍ଥ ତ୍ରିବିକ୍ରମେଶ୍ୱର ମନ୍ଦିର, ବେଲଗଡ଼ିଆ ପଞ୍ଚାନନ ଶିବ ମନ୍ଦିର, ପୁଲିସ ଲାଇନ ମହାଦେବ ମନ୍ଦିର, ତକତପୁର ପାତାଳେଶ୍ୱର ଶିବ ମନ୍ଦିର, ବାଘଡ଼ାରୋଡ଼ ଓ ଭଞ୍ଜପୁରସ୍ଥିତ ଭଞ୍ଜେଶ୍ୱର ମନ୍ଦିର, ଶ୍ରୀ ଅମ୍ବିକେଶ୍ୱର ମହାଦେବ, ଝିଞ୍ଜିରୀବନ୍ଧର ଶ୍ରୀ ଲୋକେଶ୍ୱର ମନ୍ଦିର, ମୁର୍ଗାବାଡ଼ି ମହାଦେବ ମନ୍ଦିର, ଭୁଗୁଡ଼ାକଟାର ଆଖଣ୍ଡଳ ମନ୍ଦିର, କାଳୀ ମନ୍ଦିର ସାହି ଶ୍ମଶାନେଶ୍ୱର ଶିବ ମନ୍ଦିର, ଧବଳେଶ୍ୱର, କାମେଶ୍ୱର, ପାତାଳେଶ୍ୱର, ଯଜ୍ଞେଶ୍ୱର ମନ୍ଦିର, କପାଳଲୋଚନ, ବଟେଶ୍ୱର, ଚମ୍ପକେଶ୍ୱର ମନ୍ଦିର, ଅଷ୍ଟ ଲିଙ୍ଗେଶ୍ୱର, ଷ୍ଟେସନ ବଜାର, କେ.ସି.ସାର୍କଲ, ଚାପଲ ପୋଖରୀ, ହେମସାଗର ପୋଖରୀ ଓ ରାଜପ୍ରାସାଦ ପରିସରରେ ଥିବା ସମସ୍ତ ଶୈବପୀଠ ସହିତ ମା ଅମ୍ବିକା ମନ୍ଦିର, ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ବାରିପଦାକଙ୍କ ମନ୍ଦିର, ରାଣୀ ସତୀ, ଶୀତଳା ମନ୍ଦିର, ରାଧାମୋହନ ଓ ବାବା ଶିରିଡ଼ି ସାଇ ଆଦି ବିଭିନ୍ନ ମନ୍ଦିର ଗୁଡ଼ିକରେ ଲକ୍ଷାଧିକ ମହିଳା ଭକ୍ତ ସାରା ରାତ୍ରି ଉଜାଗର ରହି ଜାଗର ଦୀପ ଜାଳିଥିବାର ଦେଖା ଯାଇଛି । ଏହି ପବିତ୍ର ଦିନରେ ସମଗ୍ର ମୟୂରଭଞ୍ଜ ଶିବ ଓ ଦୀପମୟ ହେବା ସାଙ୍ଗକୁ ଶିବଙ୍କ ଆରାଧନା ପରିବେଶକୁ ଏକ ଧାର୍ମିକ ଭାବନାରେ ଉତ୍ସବ ମୁଖରିତ ହୋଇଯାଇଥିଲା । ସେହିପରି ମୟୂରଭଞ୍ଜ ଜିଲ୍ଲାର ଖିଚିଂ, ମାଣଡ୍ରିର ବାବା କଖାରୁଆ ବୈଦ୍ୟନାଥ ପୀଠ, କପ୍ତିପଦା ଅଂଚଳରେ ଥିବା ଝିଙ୍କପଦାର ବାବା ଝିଙ୍କେଶ୍ୱର, ବାଙ୍ଗିରିପୋଷି ସିମିଳାର ସିମେଳେଶ୍ୱର, ଝାରପୋଖରୀଆର ଲୋକନାଥ ମହାଦେବ ପୀଠ, କାଲାଝିନେଇର ଶୈବପୀଠ, ଚିତ୍ରଡ଼ା, କୋହି, ଗଡ଼ିଆ, ଚଡ଼େଇଗାଁ, ମୋରଡ଼ା, ଛୋଟରାୟପୁର, ପାରିଆକୁଳି, ପଳାସମୁଣ୍ଡଳି, କମାରଡ଼ିହା, ଜାମଶୋଳ, ଶୀର୍ଷା ଓ ଦେବଶୋଳ ଆଦି ବିଭିନ୍ନ ପ୍ରସିଦ୍ଧ ଶୈବପୀଠମାନଙ୍କରେ ଅନୁଷ୍ଠିତ ଜାଗର ମେଳାରେ ଲକ୍ଷାଧିକ ଭକ୍ତମାନେ ଶିବଙ୍କୁ ଜାଗର ଜାଳି ଆରାଧନା କରୁଥିବା ଜଣା ଯାଇଛି । ତେବେ ଚଳିତ ବର୍ଷ କରୋନା କଟକଣାକୁ ଦୃଷ୍ଟିରେ ରଖି ଭକ୍ତଙ୍କ ଭିଡକୁ କମ କରିବା ପାଇଁ ପୋଲିସ ପ୍ରସାଶନ ଓ ମନ୍ଦିର କମିଟି ପକ୍ଷରୁ ପ୍ରୟାସ କରାଯାଉଥିବାର ଦେଖିବାକୁ ମିଳିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଉଗ୍ର ହେବାରେ ଲାଗିଛି ....

ସହାୟତା ମିଳିବାରେ ଲାଗିଛି । ଆମେରିକା, ୟୁରୋପୀୟ ଦେଶ ଗୁଡିକ ନିଜ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ୟୁକ୍ରେନ ପଠାଉଛନ୍ତି । ଆଉ ଯାହାକୁ ବ୍ୟବହାର କରି ଶକ୍ତିଶାଳୀ ପୁଟିନ୍ ବାହିନୀକୁ ଟକ୍କର ଦେବାରେ ସଫଳ ହୋଇଛି ୟୁକ୍ରେନ । ସେପଟେ ଅନ୍ତର୍ଜାତୀୟ ସ୍ତରରେ ରୁଷିଆ ଉପରେ ଲଗାଯାଉଛି ବ୍ୟାପକ କଟକଣା । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମଧ୍ୟ ପୁଣିଥରେ ରୁଷ ରାଷ୍ଟ୍ରପତିଙ୍କୁ ୟୁକ୍ରେନରୁ ସେନା ଫେରାଇ ନେବାକୁ ଚେତାବନୀ ଦେଇଛନ୍ତି । ଷ୍ଟେଟ୍ ଅଫ୍ ୟୁନିଅନକୁ ସମ୍ବୋଧନ କରିବା ସମୟରେ ରାଷ୍ଟ୍ରପତି ପୁଟିନଙ୍କୁ ଚେତାଇ ଦେଇଛନ୍ତି ବାଇଡେନ୍ । ବାଇଡେନ୍ କହିଛନ୍ତି, 'ୟୁକ୍ରେନ ଉପରେ ରୁଷ ଏକତରଫା ଆକ୍ରମଣ କରିଛି । ସେ ଭାବୁଛନ୍ତି ପାଶ୍ଚାତ୍ୟ ନାଟୋ ମଧ୍ୟ ପ୍ରତିକ୍ରିଆ ଦେଖାଇବ । ସେ ଭାବିଛନ୍ତି ଆମ ଘରକୁ ଭାଙ୍ଗିଦେବେ, ଆମ ଏକତାକୁ ଭାଙ୍ଗିଦେବେ ଆଉ ସେ ଭାବୁଛନ୍ତି ୟୁରୋପକୁ ବି ସେ ଭାଙ୍ଗିଦେବେ । ହେଲେ ପୁଟିନ ଭୁଲ ଭାବୁଛନ୍ତି । ଆମ ଏକତା ଏବେ ବି ଅଖଣ୍ଡ ଅଛି । ଆମେ ପ୍ରସ୍ତୁତ ଅଛୁ । ୟୁରୋପ ପ୍ରସ୍ତୁତ ଅଛି ରୁଷକୁ ଉଚିତ ଜବାବ ଦେବାକୁ । ବର୍ତ୍ତମାନ ରୁଷ ଯୁଦ୍ଧ କ୍ଷେତ୍ରରେ ବିଜୟ ହାସଲ କରିପାରେ । କିନ୍ତୁ ତାଙ୍କର ଏଭଳି ଆଚରଣ ପାଇଁ ଦୀର୍ଘ ମିଆଦି କ୍ଷେତ୍ରରେ ଅନେକ କିଛି ହରାଇବାକୁ ପଡିବ । ଏନେଇ ଅନେକ ଯୋଜନା ରହିଛି ଆମର । ଆଗକୁ ଯାହା ଘଟିବ ତାହା ରାଷ୍ଟ୍ରପତି ପୁଟିନ୍ କେବେ ବି କଳ୍ପନା କରି ନଥିବେ ।' ରାଷ୍ଟ୍ରପତି ବାଇଡେନଙ୍କ ଏହି ଧମକ ପରେ ପ୍ରତିକ୍ରିଆ ରଖିଛି କ୍ରେମଲିନ୍ । ରୁଷ ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭରୋଭ କହିଛନ୍ତି, 'ଯଦି ତୃତୀୟ ବିଶ୍ୱଯୁଦ୍ଧ ହେବ ତାହାଲେ ଏଥିରେ ନିଶ୍ଚିତ ପରମାଣୁ ବୋମାର ବ୍ୟବହାର ହେବ । ଯାହାଦ୍ୱାରା ସମଗ୍ର ବିଶ୍ୱରେ ଧ୍ୱଂସର ତାଣ୍ଡବଲୀଳା ଦେଖାଯିବ ।'

### ଗୁଟଖା କମ୍ପାନୀ ଉପରେ....

ମଧ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି । ଆୟକର ବିଭାଗ କିଶୋର ଏବଂ ରାଷ୍ଟ୍ରୀୟ ଗୁଟଖା ମାଲିକ ସୁଧିର ଅବସ୍ଥି ଏବଂ ପ୍ରବୀଣ ଅବସ୍ଥିଙ୍କ ଉପରେ ଚଢ଼ାଉ ଆରମ୍ଭ କରିଛି । ଗୁଟଖା ବ୍ୟବସାୟୀଙ୍କ ଘର, ଗୋଦାମ, କାରଖାନା, ବିବାହ ହଲ୍ ସମେତ ୧୦ରୁ ଅଧିକ ପ୍ରତିଷ୍ଠାନରେ ଚଢ଼ାଉ ଚାଲିଛି । ଘରେ ଏବଂ ବ୍ୟବସାୟୀଙ୍କ କର୍ମଚାରୀ ଏବଂ ପରିବାର ସଦସ୍ୟଙ୍କ ଠାରୁ ସମସ୍ତ ପ୍ରତିଷ୍ଠାନରେ ପଚରା ଉଚୁରା ଚାଲିଛି ।

### ଗିରିବାଳା ବେହେରାଙ୍କୁ ....

ଭୁବନେଶ୍ୱର ଓ ବ୍ରହ୍ମପୁର ଭଳି ତିନି ମହାନଗର ନିଗମ ପାଇଁ ପ୍ରାର୍ଥୀ ଚୟନ କରିବାକୁ ଆଜି ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧକ୍ଷତାରେ ଗଠନ ହୋଇଥିବା କମିଟିର ପ୍ରଥମ ବୈଠକ ଆଜି ବସିଥିଲା । ଏଥିରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳଙ୍କ ସମେତ ୨୦ ଜଣ ସଦସ୍ୟ ଯୋଗ ଦେଇଥିଲେ । ଆଉ ବୈଠକରେ କଟକ ମେୟର ପାଇଁ କଂଗ୍ରେସ ପକ୍ଷରୁ ନେତ୍ରୀ ଗିରିବାଳା ବେହେରାଙ୍କୁ ପ୍ରାର୍ଥୀ କରାଯାଇଛି ।

### ବିଜେଡିର ପୌର ନିର୍ବାଚନ....

ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, " ଏହିସବୁ କାର୍ଯ୍ୟକ୍ରମକୁ ଆମକୁ ଲୋକଙ୍କ ପାଖକୁ ନେଇଯିବାକୁ ହେବ । ବିରୋଧୀ ଦଳଙ୍କର ମିଛ ତଥା ନେଗେଟିଭ୍ ପଲିଟିକ୍ସକୁ ଆମର ସକରାତ୍ମକ ତଥା ସତ୍ ଉଦ୍ୟମ ଜରିଆରେ ହିଁ ମୁକାବିଲା କରିବାକୁ ପଡିବ । ମୋର ପୁରା ବିଶ୍ୱାସ, ଏହି ପଂଚାୟତ ନିର୍ବାଚନରେ ଆପଣମାନେ ଯେପରି କଠିନ ପରିଶ୍ରମ କରିଥିଲେ, ପୌର ନିର୍ବାଚନରେ ମଧ ସେହିପରି ଉଦ୍ୟମ ଜାରି ରଖିବେ । ଆମେ ପୁଣି ଥରେ ଲୋକଙ୍କ ଆସ୍ଥା ଓ ଆଶୀର୍ବାଦ ଲାଭ କରିପାରିବା ଏବଂ ବିରୋଧୀ ଦଳଙ୍କୁ ଦେଖାଇ ଦେବା ମିଛ ଓ ଛଳନାର ରାଜନୀତି ଓଡିଶାରେ କାମ କରିବ ନାହିଁ ।" ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜନୀତିର ଅର୍ଥ କେବଳ କ୍ଷମତା ନୁହେଁ। ଗୋଟିଏ ଗଣତନ୍ତ୍ରରେ ଲୋକମାନେ ହିଁ ହେଉଛନ୍ତି, କ୍ଷମତାର ସ୍ରୋତ। ରାଜ୍ୟର ସବୁଠାରୁ ଦୁର୍ଗମ ଅଂଚଳରେ ରହୁଥିବା ସାଧାରଣ ଲୋକଟିର ବିଶ୍ୱାସ ହେବା ଦରକାର ଯେ ବିଜୁ ଜନତା ଦଳ ସବୁବେଳେ ତାର କଲ୍ୟାଣ ଏବଂ ତାର ସଶକ୍ତିକରଣ ପାଇଁ କାମ କରୁଛି । ଏହି ବାର୍ତ୍ତାକୁ ଲୋକମାନଙ୍କ ପାଖରେ ପହଂଚାଇବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ପରିଶେଷରେ ଏହି ଅଭୂତପୂର୍ବ ଜନାଦେଶ ପାଇଁ ଓଡିଶାର ଜନସାଧାରଣଙ୍କୁ ଓ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ପୁଣି ଥରେ ଧନ୍ୟବାଦ ଜଣାଇଥିଲେ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ : ୬ ଗିରଫ ୭୩୭ ବାହନ ଜବତ

ଭୁବନେଶ୍ୱର, ୦୨/୦୩ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ୫ ଜଣଙ୍କୁ ଗିରଫ କରିଥିବା ବେଳେ ୭୩୭ ବାହନକୁ ଜବତ କରିଛି । ଏହି ସମୟ ମଧ୍ୟରେ ୭୫,୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଜମକୁଣ୍ଡାକୁ ହରାଇ ଭୋଗରାଇ ଟିମ୍ ଚମ୍ପିୟାନ

ଲଙ୍ଗଳେଶ୍ୱର, ୦୨/୦୩ (ନି.ପ୍ର): ବାଲିଆପାଳ ବ୍ଲକ ବଳରାମପୁର ପଞ୍ଚାୟତ କାଳନ୍ଦା ଗୋପାଳ ଜୀଉ ଷ୍ଟାଡିୟମରେ ୬ ଦିନ ଧରି ଚାଲିଥିବା କ୍ରିକେଟ ଟୋର୍ନାମେଣ୍ଟର ଆଜି ଉଦଯାପନୀ ଦିବସରେ ଜାମକୁଣ୍ଡା କ୍ରିକେଟ ଟିମ୍ ଓ ଭୋଗରାଇ କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା । ସକାଳେ ଜାମକୁଣ୍ଡା ଟସ ଜିତି ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ବିପକ୍ଷ ଟିମ୍ ଭୋଗରାଇକୁ ଫିଲ୍ଡିଂ ପାଇଁ ଆମନ୍ତ୍ରଣ ଦେଇଥିଲେ । ପ୍ରଥମେ ଜାମକୁଣ୍ଡା ଟିମ୍ ବ୍ୟାଟିଂ କରି ୧୮.୧ ବଲ ରେ ସମସ୍ତ ୱିକେଟ ହରାଇ ୧୧୩ ରନ କରିବାରେ ସମର୍ଥ ହୋଇଥିଲା । ଜିତିବାର ଲକ୍ଷ୍ୟ ୧୧୪ ରନ କୁ ପିଛାକରି ଭୋଗରାଇ ୧୯.୪ ରେ ୯ ଟି ୱିକେଟ ହରାଇ ବିଜୟୀ ହାସଲ କରିଥିଲେ । ଏହି ଫାଇନାଲ ମ୍ୟାଚ ରେ ସୁନୀଲ ପାତ୍ର ଙ୍କୁ ମ୍ୟାନ ଅଫ ଦା ମ୍ୟାଚ ଓ ସରୋଜ ଙ୍କୁ ମ୍ୟାନ ଅଫ ଦା ସିରିଜ ବିବେଚିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟ ମୀନକେତନ ଦାସ ମହାପାତ୍ର, ଶିବନାରାୟଣ ପଟନାୟକ, ସଂଜୀବ କୁମାର ଗିରି, ଦୈତାରୀ ନାୟକ, ବାବୁରାମ ନାୟକ ଓ ଗିରିଜା ଶଙ୍କର ଚନ୍ଦ୍ ଉପସ୍ଥିତ ରହି ଉଭୟ ବିଜେତା ଟିମକୁ ନଗଦ ୯ ହଜାର ଟଙ୍କା ସହ ଟ୍ରଫି ଓ ଉପ ବିଜେତା ଟିମକୁ ନଗଦ ୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟ କୁ ଗୌରହରୀ ପାତ୍ର, ପ୍ରମୋଦ କୁମାର ସେନାପତି, ଲକ୍ଷ୍ମୀଧର ପ୍ରଧାନ, ଉତ୍ତମ ଜେନା, ଦେବାଶିଷ ଦତ୍ତ, ରାକେଶ ବାରିକ, ଜୟଦେବ ନାୟକ, ସୁବ୍ରତ ବାରିକ, ତନ୍ମୟ ଦତ୍ତ ଆଦି ସମସ୍ତ ମେୟରଏହି ଟୁର୍ଣ୍ଣାମେଣ୍ଟ ରେ ସହଯୋଗ କରିଥିଲେ ।

## ଗରିବ ପାଇଁ ସପା, ବସପା, କଂଗ୍ରେସ କିଛି କରିନାହାନ୍ତି : ଅମିତ ଶାହ

ଚନ୍ଦୌଲି/ବାରାଣସୀ, ୦୨/୦୩ (ନି.ପ୍ର): ଭାଜପାର ବରିଷ୍ଠ ନେତା ଏବଂ କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ବୁଧବାର ଦିନ ଏକ ନିର୍ବାଚନୀ ଜନସଭାରେ ସପା, ବସପା ଏବଂ କଂଗ୍ରେସ ଉପରେ ଖୁବ୍ ବର୍ଷିଛନ୍ତି। ସେ କହିଛନ୍ତି ଯେ ଏହି ଦଳ ଗରିବଙ୍କ କଲ୍ୟାଣ ପାଇଁ ଏବେ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ କରିନଥିଲେ। ଶାହ ଦାବି କରିଛନ୍ତି ଯେ ବିଧାନସଭା ନିର୍ବାଚନରେ ପାଂଚ ପର୍ଯ୍ୟାୟର ମତଦାନରେ ସପା ଏବଂ ବସପା ସଫା ହୋଇଯିବେ। ଷଷ୍ଠ ଏବଂ ସପ୍ତମ ପର୍ଯ୍ୟାୟରେ ଭାଜପାକୁ ୩୦୦ ପାର୍ ଯିବାର ଅଛି। ଜନତା ଭାଜପାର ସରକାର ବନାଇବାର କାମ ପୂର୍ଣ୍ଣ କରିଛନ୍ତି। ଅମିତ ଶାହ ଚନ୍ଦୌଲି ଜେଲ୍ର ବଲୁଆର ନିର୍ବାଚନ ଜନସଭାରେ କହିଛନ୍ତି ଯେ ସପା ସରକାରରେ ଉତର ପ୍ରଦେଶରେ କେବଳ ବନ୍ଧୁକ ବନୁଥିଲା। କିନ୍ତୁ ଏବେ ମୋଦୀ ଯୁଗରେ ତୋପ ଏବଂ ମିଶାଇଲ ବନୁଛି। ବିଶ୍ୱରେ ଆମର ଗୌରବ ବଢ଼ାଉଛି। ପାକିସ୍ଥାନ ମଧ୍ୟ ଆମ ପରାକ୍ରମରେ ଡରୁଛି। ସେ ଚନ୍ଦୌଲିର ସକଲଡିହା ବିଧାନସଭା ଅଂଚଳରେ ୨୦୧୭ ସମ୍ପର୍କରେ କହିଛନ୍ତି ଯେ ସେତେବେଳେ ମୁଁ କହିଥିଲି ଯେ ମାଫିଆଙ୍କୁ ଭାଜପା ସରକାର ବନିବା ଉପରେ ବାଛି ବାଛି କରି ସମାପ୍ତ କରିବେ।

## ୟୁକ୍ରେନର ରାଷ୍ଟ୍ରପତିଙ୍କ ଦାବି : ୬ ଦିନରେ ୬ ହଜାର ରୁଷ ସୈନିକ ମୃତ୍ୟୁବରଣ କରିଛନ୍ତି

କିବ, ୦୨/୦୩ (ନି.ପ୍ର): ୟୁକ୍ରେନ ଉପରେ ରୁଷ ଆକ୍ରମଣର ସପ୍ତମ ଦିନରେ ୟୁକ୍ରେନ ରାଷ୍ଟ୍ରପତି ଭ୍ଲାଦିମିର ଜେଲେନସ୍କି ଏକ ବଡ଼ ଦାବି କରିଛନ୍ତି । ୟୁକ୍ରେନବାସୀଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ୟୁକ୍ରେନ ସେନା ୬ ଦିନରେ ୬୦୦୦ରୁ ଅଧିକ ରୁଷି ସୈନିକଙ୍କୁ ହତ୍ୟା କରିଛି । ରୁଷ ଆକ୍ରମଣ ପରେ ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କି ଦୃଢ଼ ଭାବରେ ଠିଆ ହୋଇଛନ୍ତି । ଆକ୍ରମଣର ସପ୍ତମ ଦିନ ବୁଧବାର ଦିନ ସେ କହିଛନ୍ତି ଯେ, ରୁଷ ଯେତେ ଚେଷ୍ଟା କଲେ ମଧ୍ୟ ବୋମା ଏବଂ ଏୟାର ଷ୍ଟ୍ରାଇକ୍ ମାଧ୍ୟମରେ ୟୁକ୍ରେନକୁ କାବୁ କରିପାରିବ ନାହିଁ । ୬ ଦିନରେ ୬ ହଜାର ରୁଷ ସୈନିକ ମୃତ୍ୟୁବରଣ କରିଛନ୍ତି । ବାବିନିଆର ଉପରେ ରୁଷର ଆକ୍ରମଣ ସମ୍ପର୍କରେ ୟୁକ୍ରେନ ରାଷ୍ଟ୍ରପତି କହିଛନ୍ତି ଯେ, ଏଠାରେ ହୋଇଥିବା ଆକ୍ରମଣ ପ୍ରମାଣ କରୁଛି ଯେ, ରୁଷର ଅନେକ ଲୋକଙ୍କ ପାଇଁ ଆମର କିବ୍ ଏକ ବିଦେଶୀ ଅଂଶ ପରି ।

## ପି.ସି. ଏବଂ ପି.ଏନ୍.ଡ଼ି.ଟି ପାଇଁ ଜିଲ୍ଲା ଉପଦେଷ୍ଟା କମିଟି ବୈଠକ

ଭଦ୍ରକ, ୦୨/୦୩ (ନି.ପ୍ର): ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧକ୍ଷତାରେ ସାଳନ୍ଦୀ ସଭାଗୃହରେ ଆଜି ଜିଲ୍ଲା ସଦର ଚିକିତ୍ସାଳୟର ପି.ସି. ଏବଂ ପି.ଏନ୍.ଡ଼ି.ଟି ପାଇଁ ଜିଲ୍ଲା ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି ଘରୋଇ ଭାବେ କାର୍ଯ୍ୟକରୁଥିବା କେତୋଟି ଅଲଟ୍ରା ସାଉଣ୍ଡ ୟୁନିଟ୍ର ପଞ୍ଜିକରଣକୁ ନବୀକରଣ କରାଯିବା ଓ ନୂତନ ଭାବେ ପଞ୍ଜିକରଣ ପାଇଁ କରିଥିବା ଆବେଦନ ଗୁଡ଼ିକୁ ବୈଠକର ଅନୁମୋଦନ ପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ସମୀକ୍ଷା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଜେ.ଜେ. ଅଲଟ୍ରା ସାଉଣ୍ଡ ଭଦ୍ରକ ଓ ସୋନୋକେୟାର ଅଲଟ୍ରା ସାଉଣ୍ଡ ଭଦ୍ରକର କାଗଜ ପତ୍ର ଠିକ୍ ଥିବା ସଂପୃକ୍ତ କମିଟି ଦ୍ୱାରା ତଦାରଖ କରାଯାଇଥିବାରୁ ଏ ଦୁଇଟିର ପଞ୍ଜିକରଣ ପାଇଁ କରାଯାଇଥିବା ଆବେଦନ ପତ୍ରକୁ ବୈଠକରେ ଅନୁମୋଦନ କରାଯାଇଥିଲା । ମାତ୍ର ଭଦ୍ରକ ଅଲଟ୍ରା ସାଉଣ୍ଡ ୟୁନିଟ୍ର ପଞ୍ଜିକରଣ ନବୀକରଣ ପାଇଁ ଆବଶ୍ୟକ କାଗଜାଦିରେ କମି ଥିବାରୁ ତାହା ଦାଖଲ ପାଇଁ କିଛି ଦିନ ସମୟ ଦିଆଯାଇଥିବା ବୈଠକରେ ପ୍ରକାଶ କରାଯାଇଥିଲା । ନୂତନ ଭାବେ ପଞ୍ଜିକରଣ ପାଇଁ ଆବେଦନ କରିଥିବା ସାଳନ୍ଦୀ ଅଲଟ୍ରା ସାଉଣ୍ଡ ୟୁନିଟ୍ ଓ ସାବିତ୍ରୀ ଅଲଟ୍ରା ସାଉଣ୍ଡ ୟୁନିଟ୍ ପାଇଁ ଆବଶ୍ୟକ ସମସ୍ତ ସର୍ତ୍ତାବଳୀ ଠିକ୍ ଥିବାରୁ ଦୁଇଟି ଯାକ ୟୁନିଟ୍ ନିମିତ୍ତ ଅନୁମତି ପ୍ରଦାନ କରାଯିବାକୁ ବୈଠକରେ ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା । ଜିଲ୍ଲା ସଦର ଚିକିତ୍ସାଳୟରେ ମଧ ବ୍ୟବସ୍ଥା କରାଯାଇଥିବା ଅଲଟ୍ରା ସାଉଣ୍ଡ ୟୁନିଟ୍ ବୈଠକରେ ଅନୁମୋଦନ ଲାଭ କରିଥିଲା । ମାର୍ଗଦର୍ଶିକା ଅନୁଯାୟୀ ବୈଠକରେ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ କମିଟି ସଦସ୍ୟ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଜିଲ୍ଲାର ସମସ୍ତ ଅଲଟ୍ରାସାଉଣ୍ଡ ୟୁନିଟ୍ର ତଦନ୍ତ ପାଇଁ ଏକ କମିଟି ଗଢ଼ାଯାଇଥିଲା । ଏହି କମିଟି ମାସରେ ଅତି କମ୍ରେ ଥରେ ସମସ୍ତ ୟୁନିଟ୍କୁ ପରିଦର୍ଶନ କରି ଆନୁସଙ୍ଗିକ ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରକାଶ ଥାଉକି ଜିଲ୍ଲାରେ ବର୍ତ୍ତମାନ ସମୁଦାୟ ୧୩ଟି ଅଲଟ୍ରା ସାଉଣ୍ଡ ୟୁନିଟ୍ କାର୍ଯ୍ୟ କରୁଛି । ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ସଦର ଚିକିତ୍ସାଳୟରେ ୧ଟି ଲେଖାଏଁ ଓ ଘରୋଇ ଭାବେ ବାସୁଦେବପୁର, ଚାନ୍ଦବାଲି, ଭଣ୍ଡାରିପୋଖରୀରେ ୧ଟି ଲେଖାଏଁ ଜିଲ୍ଲା ସଦର ମହକୁମାରେ ୭ଟି ଚରମ୍ପାରେ ୧ଟି ୟୁନିଟ୍ ବର୍ତ୍ତମାନ କାର୍ଯ୍ୟକ୍ଷମ ଅଛି । ୨ଟି ନୂଆ ଅନୁମତି ପ୍ରାପ୍ତ ହେଲେ ଏହି ସଂଖ୍ୟା ୧୫ ରେ ପହଞ୍ଚିବ । ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର , ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ସନ୍ତୋଷ କୁମାର ପାତ୍ର, ଏ.ଡ଼ି.ଏମ୍. ଓ. (ଏଫ୍.ଡ଼ବ୍ଲ୍ୟୁ) ଜୟନ୍ତ କୁମାର ପଣ୍ଡା, ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ । ସହକାରୀ ପରିଚାଳକ ସୁଶାନ୍ତ କୁମାର ରାଉତରାୟ ଅଲଟ୍ରା ସାଉଣ୍ଡ ୟୁନିଟ୍ ବ୍ୟବସ୍ଥା ପାଇଁ ଉଦ୍ଦିଷ୍ଟ ଆଇନ୍‌ଗତ ଦିଗ ବିଷୟରେ ଉପସ୍ଥାପନ କରିଥିଲେ ।

## ଭଦ୍ରକ ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ସର୍ବଧର୍ମ ସମ୍ମିଳନୀ

ଭଦ୍ରକ, ୦୨/୦୩ (ନି.ପ୍ର): ୮୬ ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ଅବସରରେ ଏକ ସର୍ବ ଧର୍ମ ସମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ସେବାକେନ୍ଦ୍ର ଭଦ୍ରକର ମୁଖ୍ୟ ସଂଚାଳିକା ମଞ୍ଜୁ ଭଉଣୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାମକୃଷ୍ଣ ମିଶନର ଆଶ୍ରୟା ନନ୍ଦ ମହାରାଜ , ଶ୍ରୀ ଚୈତନ୍ୟ ଆଶ୍ରମ ର ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ରାଷ୍ଟ୍ରପତି ପୁରସ୍କୃତ ପଣ୍ଡିତ ଦୟାନିଧି ଦାଶ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ଲକ୍ଷ୍ମୀଧର ରାଉତ, ବାରିପଦା ରୁ ବ୍ରହ୍ମାକୁମାର ଅନନ୍ତ , ବାଲିଆ ପାଳ ରୁ ଅଧ୍ୟାପିକା ବ୍ରହ୍ମା କୁମାରୀ ପ୍ରତିଭା ବିଶିଷ୍ଟ ଶିକ୍ଷାବିତ୍ ବ୍ରହ୍ମା କୁମାର ଶାନ୍ତନୁ ରାଉତ ପ୍ରମୁଖ ଉକ୍ତ ସଭାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ରେ ସମସ୍ତ ଭାଇ ଭଉଣୀ ମାନଙ୍କ ଉପସ୍ଥିତ ରେ ପରମ ପିତା ଶିବ ପରମାତ୍ମା ଙ୍କର ଧ୍ୱଜ ଉତୋଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ବକ୍ତା ମାନେ ସହମତି ପ୍ରକାଶ କରିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ପରମାତ୍ମାଙ୍କର ଜ୍ଞାନାଲୋକ ରେ ନିଜର ଆତ୍ମା ର ଶକ୍ତି କୁ ଜାଗ୍ରତ କଲେ। ସମସ୍ତ ଙ୍କ ମଧ୍ୟରେ ଏକତା ଓ ସଦ୍‌ଭାବନା ସ୍ଥାପନ ହୋଇପାରିବ। ସମସ୍ତ ଙ୍କ ର ପିତା ନିରାକାର ଶିବ ପରମାତ୍ମା ପତିବ୍ରତା ଓ ସତ୍ୟତା ଆଜି ଦିବ୍ୟ ଗୁଣର ଆଧାରରେ ସଂସାର ପରିବର୍ତ୍ତନ କରୁଛନ୍ତି। ଶିବ ଜୟନ୍ତୀ ଅବସରରେ ଦ୍ୱୀପ ପ୍ରଜ୍ୱଳନ ଓ କେକ କଟା ଯାଇ ଥିଲା। ସମସ୍ତେ ପ୍ରସାଦ ସେବନ କରିଥିଲେ। କାର୍ଯ୍ୟକ୍ରମରେ ମଂଚ ପରିଚାଳନା ବ୍ରହ୍ମ କୁମାର ସୌଭାଗ୍ୟ କରିଥିଲେ।

## ଗୋଟିଏ ଦିନରେ ୧୪୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୨/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୪୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୫୩୪୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୪୦୪୮ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୧୬୩ ରହିଛି । ଆଜି ଚିହ୍ନଟ ହୋଇଥିବା ୧୪୩ ଜଣଙ୍କ ମଧ୍ୟରୁ ୮୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଜପତି ସବୁଠାରୁ ଅଧିକ ୨୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୮, ବାଲେଶ୍ୱର ଜିଲ୍ଲାରୁ ୧୧ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୧, ଭଦ୍ରକ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀର ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୩, କଟକରୁ ୮ ସଂକ୍ରମିତ ହୋଇଛନ୍ତି। ଦେବଗଡ ଓ ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୨୦, ଗଂଜାମ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧, ଯାଜପୁରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହନ୍ତି । କନ୍ଧମାଳ ଜିଲ୍ଲାରୁ ୧, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହନ୍ତି । ଖୋର୍ଦ୍ଧାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୬ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହନ୍ତି । ପୁରୀ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୯, ଷ୍ଟେଟ୍ ପୁଲରୁ ୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଗତ ୨୪ ଘଂଟାରେ ଦେଶରେ ୭ ହଜାର ଅଧିକ ନୂଆ ରୋଗୀ

ନୂଆଦିଲ୍ଲୀ, ୦୨/୦୩: ଦେଶରେ କେତେ ମାସପରେ କରୋନାର ନୂଆ ମାମଲା ଲଗାତର ଭାବେ କମି ଚାଲିଛି । ଗତ ୨୪ ଘଂଟାରେ ପୁରା ଦେଶରେ ସମୁଦାୟ ୭ ହଜାର ୫୫୪ ଜଣ ନୂଆ ରୋଗୀ ସାମନାକୁ ଆସିଥିବା ବେଳେ ଏହି ସମୟ ମଧ୍ୟରେ କରୋନାରୁ ଆରୋଗ୍ୟ ହୋଇ ଫେରିଥିବା ଲୋକଙ୍କ ସଂଖ୍ୟା ୧୪ ହଜାର ୧୨୩ ଜଣ ରେକର୍ଡକୁ ଆସିଛି । ସେହିଭଳି ଗତ ୨୪ ଘଂଟାରେ ଦେଶରେ ସମୁଦାୟ ୨୨୩ ଜଣଙ୍କର କରୋନାରେ ମୃତ୍ୟ ଘଟିଛି । କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁସାରେ ବୁଧବାର ସକାଳ ସୁଦ୍ଧା କରୋନାରୁ ସମୁଦାୟ ଦେଶରେ ୪ କୋଟି ୨୩ ଲକ୍ଷ ୩୮ ହଜାର ୬୭୩ ଜଣ ଲୋକ ସୁସ୍ଥ ହୋଇସାରିଛନ୍ତି । କରୋନାର ରିକଭରି ରେଟ ୯୮.୬୦ ପ୍ରତିଶତ ଅଛି ।

## ନାସା ଫାଉଣ୍ଡେସନ ତରଫରୁ ଜାତୀୟ ଆଲୋଚନା ଚକ୍ର

ବାରିପଦା, ୦୨/୦୩ (ନି.ପ୍ର): ନାସା ଫାଉଣ୍ଡେସନ ତରଫରୁ ଜାତୀୟ ବିଜ୍ଞାନ ଦିବସ ପାଳନ ପରିପ୍ରେକ୍ଷୀରେ ଏକ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ନାସା ଫାଉଣ୍ଡେସନର ସଭାପତି ଡ଼ଃ ସରୋଜ ନାୟକଙ୍କ ଅଧକ୍ଷତାରେ 'ଆସନ୍ତା କାଲି ର କୃତ୍ରିମ ବୁଦ୍ଧିମତା' ବିଷୟ ବସ୍ତୁ ଉପରେ ଉଭୟ ଅନଲାଇନ ଓ ଅଫ ଲାଇନ ମାଧ୍ୟମରେ ଏହି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଇଂ ମାନସ ରଞ୍ଜନ ପୁଷ୍ଟି, ମୁଖ୍ୟ ବକ୍ତା ଭାବେ ପ୍ରୋଡିଜି ଏକାଡେମୀ ଅଫ ସାଇନ୍ସର ନିର୍ଦ୍ଦେଶକ ଡ଼ଃ ଶକ୍ତି ଆଚାର୍ଯ୍ୟ , ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ସୁଦର୍ଶନ




ପଣ୍ଡା, ସମ୍ମାନିତ ବକ୍ତାଭାବେ ମୟୂରଭଞ୍ଜ ସାଇନ୍ସ ଫୋରମ ସଭାପତି ଅମିତାଭ ମିଶ୍ର, ଅଲୋଚକ ଭାବେ ଅଧ୍ୟାପକ ଅଶୋକ ପୁଷ୍ଟି, ଶିକ୍ଷାବିତ କୁଞ୍ଜବିହାରୀ ସେଠୀ, ଘନଶ୍ୟାମ ମହାନ୍ତ, ଶିକ୍ଷକ ଦୀପକ ରାମ ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତି ରେ ଆଜିର ଆଲୋଚ୍ୟ ବିଷୟ ବସ୍ତୁର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଏମପିସି କଲେଜର ଅଧ୍ୟାପକ ବିଶ୍ୱାମିତ୍ର ରଣା, ସୀମାନ୍ତ ଇଂଜିନିୟରିଂ କଲେଜର ପ୍ରଫେସର ମନୋଜ କୁମାର ନାୟକ, ଗୋଆ ରୁ ଅଜୟ କୁମାର ପଣ୍ଡା, ବେଙ୍ଗାଲୁରୁ ରୁ ଶ୍ରୀରାଧା ପୁଷ୍ଟି ଓ ଇଂ ମନୋଜ କୁମାର ନାୟକ, କରଞ୍ଜିଆ ରୁ ପରମେଶ୍ୱର ଗିରି , ଅନ୍ନପୂର୍ଣ୍ଣା ଧଳ ଓ ଜେସି ବେହେରା ପ୍ରମୁଖ ଅନ ଲାଇନରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏସପି ଜ୍ୟୋତି ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରୀତିପର୍ଣ୍ଣକ୍ଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ଅର୍ଜୁନ କୁମାର ଜେନା ଓ ଚିତରଞ୍ଜନ ଗିରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଅଖିଳ ଭାରତୀୟ ଘୋଷ ଦିବସ ଅବସରରେ ଲିଙ୍ଗରାଜ ମନ୍ଦିର ପରିକ୍ରମା

ଭୁବନେଶ୍ୱର, ୦୨/୦୩ (ନି.ପ୍ର): ମହାଶିବ ରାତ୍ରୀର ମହାପର୍ବ ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଅଖିଳ ଭାରତୀୟ ଘୋଷ ଦିବସ ଅନୁଷ୍ଠିତ ହୋଇଯାଇଛି । ଭଗବାନ ଶିବଙ୍କ ଅତିପ୍ରିୟ କ୍ଷେତ୍ର ଲିଙ୍ଗରାଜ, ମଙ୍ଗଳବାର ଦିନ ହର ହର ମହାଦେବ ଧ୍ୱନୀରେ ପ୍ରକମ୍ପିତ ହେଉଥିବା ବେଳେ, ସଂଘର ଭୁବନେଶ୍ୱର ମହାନଗର ତରଫରୁ ୧୬୦ରୁ ଉର୍ଦ୍ଧ୍ୱ ଘୋଷବାଦକ ଘୋଷ ବଜାଇ ଲିଙ୍ଗରାଜ ମନ୍ଦିର ପରିକ୍ରମା କରିଥିଲେ । ସ୍ୱରର ଅଧିଷ୍ଠାତା ଭଗବାନ ଶିବଙ୍କୁ ଶିବରଂଜନୀ, ସୋନଭଦ୍ର, କିରଣ, ଶ୍ରୀରାମ, ଚେତକ ଆଦି ରଚନା ବାଦନ ଦ୍ୱାରା ସ୍ୱରାଜଂଳୀ ମାଧ୍ୟମରେ ସ୍ୱୟଂସେବକମାନେ ନିଜର ଭକ୍ତିପୂତ ନୈବେଦ୍ୟ ଅର୍ପଣ କରିଥିଲେ । କରୋନା ଗାଇଡ ଲାଇନ ପାଳନ ପୂର୍ବକ ଓଲଡଟାଉନ ଠାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ସଂଘର ସ୍ୱୟଂସେବକମାନେ ପୂର୍ଣ୍ଣ ଗଣବେଶରେ ସାଇଡ୍ରମ (ଆନକ), ବେଗୁଲ, ଟ୍ରମ୍ପେଡ, ପଣବ, ଶଙ୍ଖ ଓ ବଂଶୀ ଆଦି ଘୋଷବାଦ୍ୟ ବଜାଇ ପାଦକୁ ପାଦ ମିଳାଇ ସଂଚଳନ କରିଥିଲେ । ଏହି ଭବ୍ୟ ପଥ ସଂଚଳନ ଡାକବଙ୍ଗଳା ଛକ ଠାରୁ ଆରମ୍ଭ ହୋଇ ବଡେଇବାଙ୍କ ଛକ, ଲିଙ୍ଗରାଜ ମନ୍ଦିର, ଆନି ହାଉସ ଛକ, ତାରାସୁନ୍ଦର ରୋଡ, ମହତାବ ରୋଡ ଦେଇ ପୁଣି ଡାକବଙ୍ଗଳା ନିକଟରେ ପହଁଚିଥିଲା । ପଥ ମଧ୍ୟରେ ମାଆ, ଭଉଣୀମାନେ ପଥ ସଂଚଳନରେ ଯାଉଥିବା ସ୍ୱୟଂସେବକ ଓ ସଂଘର ଗୁରୁ 'ଗୈରୀକ ପତାକା'କୁ ବନ୍ଧାପନା କରିବା ସହିତ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗରର କେଦାରଗୌରୀ ନଗର, ବୁଦ୍ଧେଶ୍ୱରୀ ନଗର, ରାଜାରାଣୀ ନଗର, ମୈତ୍ରୀ ନଗର, ପଟିଆ ନଗର, ଶିଖରଚଣ୍ଡି ନଗର, ବାଣୀବିହାର ନଗର, ଲକ୍ଷେଶ୍ୱର ନଗର, ଝାରପଡା ନଗର, ଖାରବେଳ ନଗର, ନୟାପଲ୍ଲୀ ନଗର,ବନଦୁର୍ଗା ନଗର, ଡୁମଡୁମା ନଗର , ବରମୁଣ୍ଡା ନଗର,କଳିଙ୍ଗ ନଗରରୁ ପ୍ରାୟ ୧୬୦ରୁ ଉର୍ଦ୍ଧ୍ୱ ଘୋଷବାଦକ ଯୋଗଦେଇ ଘୋଷବାଦନ କରିଥିଲେ । ମହାନଗର ଶାରୀରିକ ପ୍ରମୁଖ କ୍ଷିରୋଦ କୁମାର ବିହାରୀ ଏହି କାର୍ଯ୍ୟକ୍ରମରେ ସଂଚାଳନ, ଗିରିଜା ପ୍ରସାଦ ମହାପାତ୍ର ଓ ନିଳମଣୀ ମହାପାତ୍ର ସଂଯୋଜନା କରିଥିଲେ ।

# ନୂଆ ଓଡିଆ ଚଳଚ୍ଚିତ୍ର କିସ୍ ମିସ୍‌ର ଶୁଭ ମହୁରତ



ଭୁବନେଶ୍ୱର, ୦୧/୦୩ (ନି.ପ୍ର): ଝିଲିକ୍ ମୋସନ୍ ପିକ୍ଚର୍ସ ବ୍ୟାନରରେ ନିର୍ମାଣ ହେବାକୁ ଯାଉଛି ଫିଲ୍ମ କିସ୍ ମିସ୍ । ଭୁବନେଶ୍ୱରର ଏକ ତାରକା ହୋଟେଲରେ ଅନୁଷ୍ଠିତ ହୋଇଯାଇଛି ଏହାର ଶୁଭ ମହୁରତ୍ । ପ୍ରଥମେ ଦିବଙ୍ଗତ ଅଭିନେତା ମିହିର ଦାସଙ୍କ ବିୟୋଗରେ ଏକ ଶୋକ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ପରେ ପରେ ସମାଜସେବୀ ପ୍ରତିମା ଘଡେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ଅବସରରେ ପ୍ରଯୋଜିକା ଝିଲିକ୍ ଭଟ୍ଟାଚାର୍ଯ୍ୟ, ନିର୍ଦ୍ଦେଶକ ସୁଶାନ୍ତ ମଣି, ସଂଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର, ସଂଳାପ ଲେଖକ ସଞ୍ଜିତ ରଥ, କ୍ୟାମେରା ମ୍ୟାନ୍ କୁମାରୀ କୁହୁ, ଉପଦେଷ୍ଟା ଟୁଟୁ ନାୟକ ପ୍ରମୁଖ ଉପସ୍ଥିତ ରହି ଚଳଚ୍ଚିତ୍ରକୁ କ୍ଲାପ୍ ଦେଇ ଶୁଭାରମ୍ଭ କରିଥିଲେ । ଝିଲିକ୍ ମୋସନ୍ ପିକ୍ଚର୍ସର ପ୍ରଥମ ଅବଦାନ ରୁଦ୍ରାଣୀ ପରେ କିସ୍ ମିସ୍ ହେଉଛି ଦ୍ୱିତୀୟ ଫିଲ୍ମ । ଏଥିରେ ସ୍ୱରାଜ ବାରିକ, ଶିବାନୀ ସଂଗୀତା, ପ୍ରିତିରାଜ, ନିତୁ ସିଂ, ଟୁଟୁ ନାୟକ,ଧରିତ୍ରୀ ଖଣ୍ଡୁଆଳ ପ୍ରମୁଖ ଅଭିନୟ କରୁଛନ୍ତି । ସଂପାଦନା ଦାୟିତ୍ୱରେ ସୁକୁମାର ପାଣି, ନୃତ୍ୟ ନିର୍ଦ୍ଦେଶନା ଦାୟିତ୍ୱରେ ଲୁବୁନ୍ ଟୁବୁନ୍ ଥିବା ବେଳେ କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ଓ କାର୍ଯ୍ୟକାରୀ ପ୍ରଯୋଜକ ଭାବେ ଅରୁଣ ସ୍ୱାଇଁ ଓ ରତୁରାଜ ଖଟୁଆ ଉପସ୍ଥିତ ଥିଲେ । ଚଳଚ୍ଚିତ୍ରଟି ପ୍ରେମ ଭିତ୍ତିକ କାହାଣୀ ଉପରେ ଆଧାରିତ ବୋଲି ପ୍ରଯୋଜନା ସଂସ୍ଥା ସୂତ୍ରରୁ ପ୍ରକାଶ । ମହୁରତ ପରେ ସୁଟିଂ ଭୁବନେଶ୍ୱର ରେ ଆରମ୍ଭ ହୋଇସାରିଛି ।

# କରୋନା ବିରୋଧି ଟିକାକରଣ ଅଭିଯାନରେ ଦିଆଗଲାଣି ୧୭୭.୭୯ କୋଟି ଟିକା

ନୂଆଦିଲ୍ଲୀ, ୦୨/୦୩ (ନି.ପ୍ର): କରୋନା ବିରୋଧି ଟୀକାକରଣ ଅଭିଯାନରେ ଦେଶରେ ଗତ ୨୪ ଘଂଟା ମଧ୍ୟରେ ସମୁଦାୟ ୮ ଲକ୍ଷ ରୁ ଅଧିକ ଟୀକା ଦିଆଯାଇଛି । ଏହା ସହିତ ଦେଶରେ ଆଜି ସୁଦ୍ଧା ୧୭୭.୭୯ କୋଟି ଟୀକା ଦେବା ସଂଖ୍ୟା ପାରି କରିସାରିଛି । କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁସାରେ ବୁଧବାର ସକାଳ ସୁଦ୍ଧା ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ମାନଙ୍କରେ ୧୭୭.୭୦ କୋଟି ଟିକା ନିଶୁଳ୍କ ଭାବରେ ଯୋଗାଇ ଦିଆଯାଇଅଛି । ରାଜ୍ୟ ମାନଙ୍କ ପାଖରେ ଆଜି ସୁଦ୍ଧା ୧୪.୪୫ କୋଟି ଟୀକା ମହଜୁତ ଥିବା ଖବର ମିଳିଛି ।

# କଂଗ୍ରେସର ରାଜନୈତିକ ଭବିଷ୍ୟତ ଆଉ ନାହିଁ : ସୁବ୍ରମଣ୍ୟମ ସ୍ୱାମୀ

ନାଗପୁର, ୦୨/୦୩ (ନି.ପ୍ର): ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଡକ୍ଟର ସୁବ୍ରବଣ୍ୟମ ସ୍ୱାମୀ କହିଛନ୍ତି ଯେ, କଂଗ୍ରେସର ବିଶ୍ୱସନୀୟତା ନଷ୍ଟ ହୋଇଯାଇଛି ।ଏହି କାରଣରୁ ତାଙ୍କର କୌଣସି ରାଜନୈତିକ ଭବିଷ୍ୟତ ଆଉ ନାହିଁ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଗଠନର ସର ସଂଘଚାଳକ ମୋହନ ଭାଗବତଙ୍କୁ ଭେଟିବା ପାଇଁ ବୁଧବାର ଦିନ ନାଗପୁରରେ ପହଂଚିବା ପରେ ଡକ୍ଟର ସ୍ୱାମୀ ବିମାନ ବନ୍ଦରରେ ସାମ୍ବାଦିକ ମାନଙ୍କୁ କହିଛନ୍ତି ଯେ, ଦେଶର ଅନ୍ୟ ରାଜ୍ୟ ତଥା ଉତର ପ୍ରଦେଶ ପାଇଁ କଂଗ୍ରେସ କିଛି କରିନାହିଁ । ଯଦି ପ୍ରିୟଙ୍କା ଗାନ୍ଧୀ ଭଦ୍ରା କିଛି କୁହନ୍ତି, ତେବେ ଲୋକମାନେ ତାଙ୍କୁ ବିଶ୍ୱାସ କରିବେ ନାହିଁ । ଗାନ୍ଧୀ-ଭଦ୍ରା ପରିବାର ମାଧ୍ୟମରେ କଂଗ୍ରେସର କଛି ହେବ ନାହିଁ । ସେ ସମଗ୍ର ଦେଶରେ ଜଣେ ବିଦେଶୀ ଭାବରେ ପରିଗଣିତ ହୁଅନ୍ତି ଏବଂ ସେ ମଧ୍ୟ ବିଦେଶୀ ପରି ଦେଖାଯାନ୍ତି । ସମସ୍ତ ପାଂଚଟି ରାଜ୍ୟରେ ବିଜେପି ବିଜୟୀ ହେବ ବୋଲି ଡକ୍ଟର ସ୍ୱାମୀ ଆଶା ପ୍ରକଟ କରିଛନ୍ତି ।

# ୟୁକ୍ରେନରେ ଫସି ରହିଥିବା ଓଡ଼ିଆଙ୍କ ପାଇଁ ହେଲ୍ପ ଲାଇନ ଜାରି କଲା ବିଜେପି

ଭୁବନେଶ୍ୱର, ୦୨/୦୩ (ନି.ପ୍ର): ୟୁକ୍ରେନ ଏବଂ ପଡୋଶୀ ରାଷ୍ଟ୍ରରେ ଫସି ରହିଥିବା ରାଜ୍ୟର ବିଭିନ୍ନ ଜିଲ୍ଲାର ଶତାଧିକ ଛାତ୍ରଛାତ୍ରୀଙ୍କ ପାଇଁ ଚିନ୍ତା ପ୍ରକଟ କରିବା ସହିତ ସେମାନଙ୍କୁ ଓଡିଶାକୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତି ଓଡିଶା ଦାୟୀତ୍ୱରେ ଥିବା ବିଜେପି ରାଷ୍ଟ୍ରୀୟ ସଂପାଦକ ବିନୋଦ ତାବଡେଙ୍କ ସମେତ ଅନ୍ୟାନ୍ୟ ରାଷ୍ଟ୍ରୀୟ ବିଜେପି ନେତୃବୃନ୍ଦଙ୍କ ସହ ଆଲୋଚନା କରିଛନ୍ତି । ଓଡିଆ ଛାତ୍ରଛାତ୍ରୀମାନେ ସୁରକ୍ଷିତ ଭାବେ ଓଡିଶାକୁ ଫେରାଇ ଆଣିବା ପାଇଁ ରାଜ୍ୟ ବିଜେପି ସମସ୍ତ ପ୍ରକାରର ପ୍ରଚେଷ୍ଟା ଜାରି ରଖିଛି ଏବଂ ଅଭିଭାବକମାନେ ଆଶ୍ୱସ୍ତ ରହିବାକୁ କହିଛନ୍ତି । ଏଥି ସହ ପ୍ରବାସୀ ଓଡିଆ ଛାତ୍ରଛାତ୍ରୀ ଏବଂ ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟ କାର୍ଯ୍ୟାଳୟରେ ଗୋଟିଏ ହେଲ୍ପ ଡେସ୍କ ଖୋଲାଯାଇଛି । ଫସିଥିବା ଛାତ୍ରଛାତ୍ରୀ ଏବଂ ତାଙ୍କ ପରିବାର ସଦସ୍ୟମାନେ ସହାୟତା ପାଇଁ (+୯୧)୬୭୪-୨୩୯୩୯୫୫ କୁ ଡାଏଲ କରି ଏବଂ ହ୍ୱାଟ୍ସଆପ୍ ନମ୍ବର +୯୧-୬୩୭୦୯୫୪୨୦୩ ରେ ଦାୟୀତ୍ୱରେ ଥିବା ରଶ୍ମୀରଂଜନ କାନୁନଗୋ ଏବଂ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ସହିତ ଯୋଗାଯୋଗ କରିବାକୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି । ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଜାରୀ ରହିଛି । ଏହି ଯୁଦ୍ଧ କାରଣରୁ ବହୁ ସଂଖ୍ୟାରେ ଓଡିଆଙ୍କ ସମେତ ଭାରତୀୟ ଛାତ୍ରଛାତ୍ରୀମାନେ ୟୁକ୍ରେନର ବିଭିନ୍ନ ସହରରେ ଫସିରହିଛନ୍ତି । ଯୁଦ୍ଧ କାରଣରୁ ଭୟଭୀତ ହୋଇ ଭାରତୀୟମାନେ ବର୍ତମାନ ସୀମା ପାର ହୋଇ ରୋମାନିଆ, ହଙ୍ଗେରୀ ଭଳି ଦେଶର ସୀମାବର୍ତୀ ଅଂଚଳରେ ଲୁଚି ରହିଛନ୍ତି । ୟୁକ୍ରେନଠାରେ ଫସି ରହିଥିବା ଭାରତୀୟଙ୍କ ସୁରକ୍ଷା ଏବଂ ସେମାନଙ୍କୁ ସୁରକ୍ଷିତ ଭାବେ ଦେଶକୁ ଫେରାଇ ଆଣିବା ପାଇଁ ମୋଦି ସରକାର ସମସ୍ତ ପ୍ରକାରର ପ୍ରଚେଷ୍ଟା ଜାରୀ ରଖିଛନ୍ତି ।

# ଆରମ୍ଭ ହେବ ଦିବାରାତ୍ର କ୍ରିକେଟ ମ୍ୟାଚ ସିପିଏଲ ସିଜନ-୬




ବାରିପଦା, ୦୨/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନ ଓ କଲେଜ ଫିଲଡ ବୋଏଜର ମିଳିତ ଆନୁକୂଲ୍ୟରେ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିପିଏଲ ସିଜନ-୬ ଆଗାମୀ ମାର୍ଚ୍ଚ ୨ରୁ ୧୩ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସାଙ୍ଗଠନିକ ସମ୍ପାଦକ ସତ୍ୟନାରାୟଣ ଜୀଉ ଜଣାଇଛନ୍ତି । ୧୦ ଟି ଦଳକୁ ନେଇ ଆରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଂଟରେ ପ୍ରତ୍ୟେକ ଦିନ ୪ଟି ଲେଖାଏଁ ମ୍ୟାଚ ଅନୁଷ୍ଠିତ ହେବ ଓ ୧୦ - ୧୦ ଓଭର ବିଶିଷ୍ଟ ମ୍ୟାଚରେ ଟୁର୍ଣ୍ଣାମେଣ୍ଟର ଚମ୍ପିୟାନ ଦଳକୁ ୫୦ ହଜାର ଓ ରନର୍ସ ଅପ ଦଳକୁ ୪୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଆୟୋଜକ ଦେବଜୀତ ପଟ୍ଟନାୟକ ଜଣାଇଛନ୍ତି । ପ୍ରକାଶ ଥାଉକି ୧୦ ଟି ଦଳର ମାଲିକ ନିଜ ନିଜ ଟିମ ପାଇଁ ନିଲାମୀ ପ୍ରକ୍ରିୟାରେ ଖେଳାଳି କ୍ରୟ କରିଛନ୍ତି ଓ ସର୍ବାଧିକ ଦାମରେ ଆଦିତ୍ୟ ବସା ୮ ହଜାର ଟଙ୍କାରେ ବିକ୍ରି ହୋଇଥିବାବେଳେ ଅମିତ ମହାନ୍ତି ୭ହଜାର ୫ଶହ ଓ ସୁଧାକର ନାୟକ ୭ହଜାର ୩ଶହ ଟଙ୍କାରେ ବିକ୍ରି ହୋଇଛନ୍ତି ବୋଲି ଆୟୋଜକ ସନ୍ଦୀପ୍ତ ମଲ୍ଲିକ ଏବଂ ଆଭାସ ଦେ ଜଣାଇଛନ୍ତି । ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ପ୍ରୟାସରେ ଏହି ଟୁର୍ଣ୍ଣାମେଣ୍ଟରେ ବ୍ୟବହୃତ ହେବାକୁ ଯାଉଥିବା ଜେନେରେଟର ଓଡ଼ିଶା କ୍ରିକେଟ ଆସୋସିଏସନର ତରଫରୁ ଯୋଗାଇ ଦିଆଯାଉଥିବାରୁ ଆୟୋଜକ ବେଶ ଆନନ୍ଦିତ ଥିବାର ଜଣାଯାଇଛି । ସଭାପତି ଗିରିଶ ଚନ୍ଦ୍ର ଦାସ, ଉପ ସଭାପତି ସଂଜୀବ ଦ୍ୱିବେଦୀ ଏବଂ ସମ୍ପାଦକ କୃଷ୍ଣଓନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି ।

# ୩୦,୦୦୦ କର୍ମଚାରୀଙ୍କୁ ନିଯୁକ୍ତି ଦେବ ରିଲାଏନ୍ସ

ଭୁବନେଶ୍ୱର, ୦୨/୦୩ (ନି.ପ୍ର): କଠିନ ଆର୍ଥିକ ପରିସ୍ଥିତି ଦେଇ ଗତି କରୁଥିବା ଫ୍ୟୁଚର୍ ରିଟେଲ୍ ପକ୍ଷରୁ ଷ୍ଟୋର୍ ଲିଜ୍ ଦେୟ ପ୍ରଦାନ କରାଯାଇନଥିବା କେତେକ ଷ୍ଟୋର୍ ରିଲାଏନ୍ସ ନିଜ ନିୟନ୍ତ୍ରଣକୁ ନେବା ପରେ ସେହି ଷ୍ଟୋର୍‌ଗୁଡ଼ିକ ସହିତ ସାମିଲ୍ ରହିଥିବା ବ୍ୟବସାୟ ସହଯୋଗୀ, ଗୃହ / କୋଠା ମାଲିକ, ସାମଗ୍ରୀ ଓ ସେବା ଯୋଗାଣକାରୀ ଏବଂ କର୍ମଚାରୀମାନେ ଆଶ୍ୱସ୍ତ ହୋଇଛନ୍ତି। ଏହିସବୁ ଷ୍ଟୋର୍‌ରେ କାମ କରୁଥିବା ପ୍ରାୟ ୩୦ ହଜାର କର୍ମଚାରୀମାନଙ୍କୁ ରିଲାଏନ୍ସ ପକ୍ଷରୁ ନିଯୁକ୍ତି ପ୍ରସ୍ତାବ ଦିଆଯାଇଛି। ସେହିଭଳି ବ୍ୟବସାୟ ସହଯୋଗୀ ଏବଂ ସାମଗ୍ରୀ ଓ ସେବା ଯୋଗାଣକାରୀମାନେ ଆଶ୍ୱସ୍ତ ହୋଇଛନ୍ତି କାରଣ ବହୁ ଦିନ ଧରି ସେମାନଙ୍କର ଯେଉଁ ବକେୟା ରହିଥିଲା ତାହା ମିଳିଯିବାର ଆଶା ସଂଚାର ହୋଇଛି। ଫ୍ୟୁଚର ଗ୍ରୁପ୍ ନିୟମିତ ଭଡ଼ା ଦେଇପାରୁନଥିବାରୁ ଗତବର୍ଷ ଠାରୁ ଘର ମାଲିକ ବା ଷ୍ଟୋର ରହିଥିବା କୋଠା ମାଲିକମାନେ ରିଲାଏନ୍ସକୁ ଲିଜ୍ ସୂତ୍ରରେ ସେହି ସ୍ଥାନ ଦେଇଥିଲେ। ରିଲାଏନ୍ସ ସେମାନଙ୍କ ସବୁ ବକେୟା ପ୍ରଦାନ କରିବା ସହିତ ନିୟମିତ ଭଡ଼ା ଦେଉଛି। ସୂଚନାଯୋଗ୍ୟ ଯେ ରବିବାର ଠାରୁ ଫ୍ୟୁଚର ରିଟେଲ୍‌ର ଅଧିକାଂଶ ଷ୍ଟୋର୍‌ରେ ତାଲା ପଡ଼ିଛି, ଏବଂ ଅନ୍‌ଲାଇନ୍ କାରବାର ମଧ୍ୟ ବନ୍ଦ ରହିଛି, ଯାହା ଫଳରେ ଏଠାରେ କାମ କରୁଥିବା ହଜାର ହଜାର କର୍ମଚାରୀଙ୍କ ଚାକିରି ପ୍ରତି ସଙ୍କଟ ଦେଖାଦେଇଛି। ଏଭଳି ଏକ ଗମ୍ଭୀର ସମୟରେ ରିଲାଏନ୍ସ ନିଜ ନିୟନ୍ତ୍ରଣକୁ ନେଇଥିବା ଷ୍ଟୋର୍‌ଗୁଡ଼ିକର କର୍ମଚାରୀ ତଥା ବ୍ୟବସାୟ ସହଯୋଗୀ ମାନେ ଆଶ୍ୱସ୍ତ ହୋଇଛନ୍ତି। ସେହି ଷ୍ଟୋର୍‌ଗୁଡ଼ିକ ଆଗକୁ ରିଲାଏନ୍ସ ଦ୍ୱାରା ପରିଚାଳିତ ହେବ। ଫ୍ୟୁଚର ରିଟେଲ୍‌ରେ ଭୁବନେଶ୍ୱରରେ କାର୍ଯ୍ୟ କରୁଥିବା ଶାନ୍ତନୁ କର ମଧ୍ୟ ସମସ୍ତ କର୍ମଚାରୀଙ୍କ ଭଳି କିଛି ମାସ ଧରି ନିଜ ଚାକିରି ନେଇ ଆଶଙ୍କିତ ରହିଥିଲେ। ତେବେ ରିଲାଏନ୍ସର ନିଯୁକ୍ତି ପ୍ରସ୍ତାବ ଗ୍ରହଣ କରି ରିଲାଏନ୍ସ ରିଟେଲ୍ ପେ-ରୋଲ୍ ରେ ସଦ୍ୟ ଯୋଗ ଦେଇଥିବା ଶାନ୍ତନୁ କହିଛନ୍ତି ଯେ, "କିଛି ମାସ ଧରି ଚାକିରି ନେଇ ଅନିଶ୍ଚିତତା ଓ ମାନସିକ ଚାପ ଲାଗି ରହିଥିଲା ଏବଂ ଭବିଷ୍ୟତରେ କ'ଣ କରିବି କିଛି ଭାବି ପାରୁନଥିଲି। ତେବେ ହଠାତ ରିଲାଏନ୍ସ ରିଟେଲ୍ ଏହି ଷ୍ଟୋର ପରିଚାଳନା ଦାୟିତ୍ୱ ନିଜ ହାତକୁ ନେବା ସହ ସମସ୍ତ କର୍ମଚାରୀଙ୍କୁ ନିଯୁକ୍ତି ପ୍ରସ୍ତାବ ଦେବା ପରେ ଆମେ ସମସ୍ତେ ଏବେ ବେଶ୍ ଖୁସି ଓ ଆଶ୍ୱସ୍ତ ଅନୁଭବ କରୁଛୁ। ଅନେକ ସହକର୍ମୀ ଇତି ମଧ୍ୟରେ ରିଲାଏନ୍ସରେ ଯୋଗଦେଇ ସାରିଥିବା ବେଳେ, ଅନ୍ୟମାନଙ୍କର ଯୋଗଦେବା ପ୍ରକ୍ରିୟା ଜାରି ରହିଛି।'' ଫ୍ୟୁଚର ରିଟେଲ୍‌ରେ କାମ କରୁଥିବା କର୍ମଚାରୀଙ୍କ ଚାକିରିର ଭବିଷ୍ୟତ କ'ଣ ସେ ବିଷୟରେ କଂପାନି ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ବୟାନ ଦେଇନାହିଁ। ମାତ୍ର ରିଲାଏନ୍ସ ରିଟେଲ୍ ନିଜ ନିୟନ୍ତ୍ରଣକୁ ନେଇଥିବା ଷ୍ଟୋର୍‌ଗୁଡ଼ିକରେ କାମ କରୁଥିବା ପ୍ରାୟ ୩୦ ହଜାର କର୍ମଚାରୀଙ୍କୁ ନିଯୁକ୍ତି ପ୍ରସ୍ତାବ ଦେଇ ସେମାନଙ୍କ ଚାକିରି ପ୍ରତି ରହିଥିବା ବିପଦ ଓ ଅନିଶ୍ଚିତତା ଦୂର କରିଛି।

# ୟେସ ବ୍ୟାଙ୍କ ଘୋଟାଲା : ଅବନ୍ତା ଗ୍ରୁପ ପ୍ରତିଷ୍ଠାତା ଗୌତମ ଥାପରଙ୍କ ଜାମିନ ଆବେଦନ ଖାରଜ

ନୂଆଦିଲ୍ଲୀ, ୦୨/୦୩ : ଦିଲ୍ଲୀ ହାଇକୋର୍ଟ ଅବନ୍ତା ଗ୍ରୁପର ପ୍ରତିଷ୍ଠାତା ଗୌତମ ଥାପରଙ୍କ ଜାମିନ ଆବେଦନ ଖାରଜ କରିଦେଇଛି । ଥାପର ୟେସ ବ୍ୟାଙ୍କର ୪୬୬ କୋଟି ଟଙ୍କାର ହେରଫେର ଅଭିଯୋଗରେ ଜେଲ୍‌ରେ ଅଛନ୍ତି । ଜଷ୍ଟିସ୍ ମନୋଜ କୁମାର ଓହରୀଙ୍କ ବେଂଚ ଜାମିନ ଖାରଜ କରିବାର ଆଦେଶ ଦେଇଛନ୍ତି । କୋର୍ଟ ୧୧ ଫେବୃଆରୀ ଦିନ ଫଇସଲା ସୁରକ୍ଷିତ ରଖିଥିଲା । ୩୦ ନଭେମ୍ବର ୨୦୨୧ ଦିନ କୋର୍ଟ ଇଡିକୁ ନୋଟିସ୍ ଜାରି କରିଥିଲା । ଉଲ୍ଲେଖନୀୟ ଯେ ୨୦୨୦ରେ ସିବିଆଇ ୟେସ୍‌ବ୍ୟାଙ୍କର ପୂର୍ବ ଏମ୍‌ଡି ରାଣା କପୁର ଏବଂ ତାଙ୍କ ପରିବାରର ସଦସ୍ୟଙ୍କୁ ୩୦୭ କୋଟି ଟଙ୍କାର ଠକେଇ ମାମଲାରେ ଅବନ୍ତା ରିୟଲ୍ଟିରେ ଲାଂଚ ଭାବେ ଏକ ବଙ୍ଗଳା କିଣିବା ମାମଲାରେ କେସ୍ ରୁଜୁ କରିଥିଲା ।

# ଝାଡ଼ଖଣ୍ଡ ହାଇକୋର୍ଟରେ ଲାଲୁ ଯାଦବଙ୍କ ଜାମିନ ଆବେଦନର ଶୁଣାଣୀ ୪ରେ

ରାଂଚି, ୦୨/୦୩ (ନି.ପ୍ର): ଚାରା ଘୋଟାଲା ତଥା ଡୋରାଣ୍ଡ ଟ୍ରେଜେରୀ ମାମଲାରେ ଦଣ୍ଡାଦେଶ ଭୋଗୁଥିବା ଆରଜେଡ଼ି ସୁପ୍ରିମୋ ତଥା ପୂର୍ବତନ ବିହାର ମୁଖ୍ୟମନ୍ତ୍ରୀ ଲାଲୁ ଯାଦବଙ୍କ ଜାମିନ ସମ୍ପର୍କରେ ଶୁକ୍ରବାର ଦିନ ଝାଡ଼ଖଣ୍ଡ ହାଇକୋର୍ଟ ଶୁଣାଣୀ କରିବେ । ତାଙ୍କ ଓକିଲ ଦେବର୍ଷି ମଣ୍ଡଳ ଜାମିନ ଆବେଦନକୁ ସ୍ୱତନ୍ତ୍ର ବର୍ଗରେ ଅନ୍ତର୍ଭୁକ୍ତ କରି ଶୀଘ୍ର ଶୁଣାଣୀ କରିବାକୁ କୋର୍ଟଙ୍କୁ ଅନୁରୋଧ କରିଥିଲେ । ଏହି ଆବେଦନ ପତ୍ରରେ ଲାଲୁଙ୍କ ବୟସ ଏବଂ ଅସୁସ୍ଥତା ଦର୍ଶାଯାଇଛି । ଏହି ଆବେଦନକୁ ଗ୍ରହଣ କରି ହାଇକୋର୍ଟ ମାର୍ଚ୍ଚ ୪ ତାରିଖକୁ ଶୁଣାଣୀ ତାରିଖ ଭାବରେ ସ୍ଥିର କରିଛନ୍ତି ।

# ମା ଜଗଧାତ୍ରୀ ସାହିତ୍ୟ ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ସଭା




ଲଙ୍ଗଳେଶ୍ୱର, ୦୨/୦୩ (ନି.ପ୍ର): ବସ୍ତା ବ୍ଲକର କଇନଗରୀ ପଞ୍ଚାୟତର ପାହିଅଣ୍ଡି ଗ୍ରାମରେ ଥିବା ମା ଜଗଧାତ୍ରୀ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଆସର ସହିତ ନବ ନିର୍ବାଚିତ ସରପଞ୍ଚ, ସମିତି ସଦସ୍ୟ ଓ ୱାର୍ଡମେମ୍ବର ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଅନୁଷ୍ଠାନର ସ୍ଥାୟୀ ସଭାପତି ନିତ୍ୟାନନ୍ଦ ଦାସ ପୌରହିତ୍ୟ ରେ ଅନୁଷ୍ଠିତ ଏହି ସାହିତ୍ୟ ଆସର ରେ ସମ୍ପାଦକ ସୁବଳ ଚନ୍ଦ୍ର ମୈକାପ ଅତିଥି ପରିଚୟ ସହିତ ବିବରଣୀ ପାଠ କରିଥିଲେ ।ପ୍ରାଣ ପ୍ରତିଷ୍ଠାତା ଅନିରୁଦ୍ଧ ମଣ୍ଡଳ ସ୍ୱାଗତ ଭାଷାଣ ଦେଇଥିଲେ । ସ୍ଥାନୀୟ କଇନଗରୀ ପଞ୍ଚାୟତ ର ନବନିର୍ବାଚିତ ସରପଞ୍ଚ ରାଧା ବଲ୍ଲଭ ମଣ୍ଡଳ, ସମିତି ସଦସ୍ୟ ଅମିତା ମୈକାପଙ୍କୁ ଉତ୍ତରୀୟ ଓ ଫୁଲତୋଡା ଦେଇ ଇଂ ଶିବପ୍ରସାଦ ମଣ୍ଡଳ ସମ୍ବର୍ଦ୍ଧିତ କରିଥିଲେ ଏବଂ ବାର ଜଣ ୱାର୍ଡମେମ୍ବରଙ୍କୁ ମଧ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାଧ୍ୟାପକ ପିତାମ୍ବର ଜେନା, ପୂର୍ବତନ ସରପଞ୍ଚ ବିଜୟ କୁମାର ଭୂୟାଁ, ରବୀନ୍ଦ୍ର କୁମାର ମାନ୍ନା, ଯଦୁପତି ଦାସ, ଅମୂଲ୍ୟ କୁମାର ସାମନ୍ତରାୟ, ଗାୟକ, ପିତାମ୍ବର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସଂସଦର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହିତ ନିର୍ବାଚିତ ପ୍ରତିନିଧି ମାନେ ନିଃସ୍ୱାର୍ଥପର ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ ।

# କଳାପ୍ରେମୀ ବାଇଧର ପରିଡ଼ାଙ୍କ ଦଶମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, ୦୨/୦୩ (ନି.ପ୍ର): ପଳାଶୁଣି ଖଣ୍ଡେଶ୍ୱରୀ କଳାସଂସଦର ପ୍ରତିଷ୍ଠାତା, ବିଶିଷ୍ଟ କଳାକାର, ବାମପନ୍ଥୀ ଚିନ୍ତାଧାରାର ବ୍ୟକ୍ତିତ୍ୱ, ବିଶିଷ୍ଟ ସାମାଜିକ, ସାଂସ୍କୃତିକ, ଆଧାତ୍ମିକ ସଂଗଠକ ସ୍ୱର୍ଗତ ବାଇଧର ପରିଡ଼ାଙ୍କ ଦଶମ ବାର୍ଷିକ ଶ୍ରାଦ୍ଧୋତ୍ସବ ପବିତ୍ର ଶିବରାତ୍ରୀ ଅବସରରେ ଖଣ୍ଡେଶ୍ୱରୀ କଳାସଂସଦ ପରିସରରେ ପ୍ରାଧ୍ୟାପକ ଶରତ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ସଙ୍ଗୀତ ଗୁରୁ ପ୍ରଫୁଲ୍ଲ କୁମାର ବଳ, ଗାୟିକା କଳ୍ପନା ଓଝା, ସଙ୍ଗୀତଜ୍ଞ ବଶିଷ୍ଠ ନାୟକ, ସାମାଜିକ ସଙ୍ଗଠକ ସହଦେବ ତରାଇ, ଲକ୍ଷ୍ମୀଧର ନାୟକ, ଅକ୍ଷୟ କୁମାର ସାହୁ, ରଞ୍ଜନ କୁମାର ଜେନା, ମୁରଲୀଧର ମହାପାତ୍ର ପ୍ରମୁଖ ସ୍ୱର୍ଗତ ପରିଡ଼ାଙ୍କ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ମୁରଲୀଧର ମହାପାତ୍ରଙ୍କୁ ବାଇଧର ପରିଡ଼ା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ପରିଡ଼ାଙ୍କ ନାତୁଣୀ ଲିଜା, ରଶ୍ମିରେଖା ସହଯୋଗ କରିଥିବା ବେଳେ ତାଙ୍କ ସୁପୁତ୍ର ଗୌରାଙ୍ଗ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦଳାରେ ହେବ ରାଜ୍ୟ ସ୍ତରୀୟ ଜନସାଥୀ ସମ୍ମିଳନୀ



ଉଦଳା, ୦୨/୦୩ (ନି.ପ୍ର): ଚଳିତ ମାର୍ଚ୍ଚ ୮ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସ୍ତରୀୟ ଜନସାଥୀ ସମ୍ମିଳନୀ ଉଦଳା ଠାରେ ଅନୁଷ୍ଠିତ ହେବ ବୋଲି ଜନ ଜାଗୃତି ମଞ୍ଚ, ମୟୂରଭଞ୍ଜର ଟିମ ଲିଡ଼ର ଗଦାଧର ଦାଶ ଗଣ ମାଧ୍ୟମକୁ ଜଣାଇଛନ୍ତି । ଉକ୍ତ ସମ୍ମିଳନୀରେ କୋରାପୁଟ, ମାଲକାନାଗିରି, କନ୍ଧମାଳ, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗିର, କଳାହାଣ୍ଡି, ଝାରସୁଗୁଡ଼ା, ବୌଦ୍ଧ , ନୂଆପଡ଼ା, ରାୟଗଡ଼ା, ଗଜପତି, ଗଞ୍ଜାମ ଇତ୍ୟାଦି ୧୭ ଟି ଜିଲ୍ଲାରୁ ପ୍ରାୟ ୫୦୦ ଜନସାଥୀ ଯୋଗ ଦେବେବୋଲି ଜଣାଯାଇଛି । ପ୍ରଥମ ବର୍ଷ ଏହି ସମ୍ମିଳନୀ କୋରାପୁଟରେ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ବର୍ଷ କନ୍ଧମାଳ ଓ ତୃତୀୟବର୍ଷ ବଲାଙ୍ଗିରରେ ହୋଇଥିଲା । କରୋନା ପାଇଁ ଲଗାତର ଦୁଇ ବର୍ଷ ସମ୍ମିଳନୀ ବନ୍ଦ ରହିଥିଲା ବେଳେ ଚଳିତ ବର୍ଷ ଅର୍ଥାତ ଚତୁର୍ଥ ବର୍ଷ ମୟୂରଭଞ୍ଜର ଉଦଳା ଠାରେ ଅନୁଷ୍ଠିତ ହେବ ବୋଲି ଜଣା ଯାଇଛି । ତେବେ ମୟୂରଭଞ୍ଜର ଜନଜାଗୃତି ମଞ୍ଚ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏହାର ଆୟାଜନର ଦାୟିତ୍ୱ ନେଇଥିବାରୁ ମଞ୍ଚର ସମସ୍ତ ସଦସ୍ୟ ଆଜିଠାରୁ ପ୍ରସ୍ତୁତିରେ ଲାଗିଛନ୍ତି । କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଥିବାର ଜନଜାଗୃତି ମଞ୍ଚ ତରଫରୁ କୁହାଯାଇଛି । ମାର୍ଚ୍ଚ ୮ ତାରିଖ ସମ୍ମିଳନୀ ଉଦ୍‌ଘାଟନୀ ଉତ୍ସବ ଦିନ ଆନ୍ତର୍ଜାତିକ ମହିଳା ଦିବସ ପଡୁଥିବାରୁ ଉକ୍ତ ଦିବସ ମଧ ଏହି ମଞ୍ଚରେ ପାଳିତ ହେବ । ଆନ୍ତର୍ଜାତିକ ମହିଳା ଦିବସ ପାଳନ ପାଇଁ ଜନସାଥୀ ଆରତୀ, ଭାରତୀ, ନିରୁପମା ଓ ସୁମତୀଙ୍କୁ ଦାୟିତ୍ୱ ଦିଆଯାଇଥିବାର ଜଣାଯାଇଛି । ଦୂରରୁ ଆସୁଥିବା ଭାଇ ଭଉଣୀ ମାନେ ଉଦଳାରେ ପହଞ୍ଚିବା ପରେ ଉତ୍ସବ ସ୍ଥଳକୁ ଯିବା ପାଇଁ ହେଲେ ମୋବାଇଲ ନଂ- ୯୯୩୭୭୬୭୭୮୪ କିମ୍ବା ୯୮୬୧୮୨୪୩୨୨ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି । ସମ୍ମିଳନୀ ପରିଚାଳନା ଦାୟିତ୍ୱରେ ଜନଜାଗୃତି ମଞ୍ଚର ସଦସ୍ୟ ହରିପ୍ରୀୟା ଦାସ, ଲାଲ ମୋହନ ବିନ୍ଧାଣୀ, ରୂପାଇ ବାସ୍କେ, ରାମଚନ୍ଦ୍ର ସିଂ, ଗାୟତ୍ରୀ ସିଂ, ଗୌତମ ମହାପାତ୍ର, ରବିନ୍ଦ୍ର ଖଣ୍ଡେଇ ପ୍ରମୁଖ ଅଛନ୍ତି ।

# ୟୁକ୍ରେନରୁ ଭାରତୀୟ ଛାତ୍ରଛାତ୍ରୀଙ୍କୁ ତୁରନ୍ତ ଉଦ୍ଧାର ଦାବିରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୦୨/୦୩ (ନି.ପ୍ର): ୟୁକ୍ରେନରେ ଫସିରହିଥିବା ଭାରତୀୟ ଛାତ୍ର ଛାତ୍ରୀଙ୍କୁ ତୁରନ୍ତ ଫେରାଇ ଆଣିବାକୁ ବୁଧବାର ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ମାଷ୍ଟର କ୍ୟାଂଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ର୍‌ୟାଲି କଂଗ୍ରେସ ଭବନରୁ ବାହାରି ମାଷ୍ଟର କ୍ୟାଂଟିନ ଛକ ଦେଇ କନଭେଂଟ ଛକ ଦେଇ ପୁଣି ମାଷ୍ଟର କ୍ୟାଂଟିନ ଛକ ପର୍ଯ୍ୟନ୍ତ ଯାଇଥିଲେ । ଶ୍ରୀୟା ଛକରେ ୟୁକ୍ରେନରେ ଥିବା ଭାରତୀୟ ଛାତ୍ରଛାତ୍ରୀଙ୍କ ପ୍ରତି ଅବିଚାର କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତଳିକା ଦାହ କରିଥିଲେ । ଏହି ପ୍ରସଙ୍ଗରେ ଶ୍ରୀ ନୱାଜ କହିଥିଲେ ଯେ ୟୁକ୍ରେନରୁ ବହୁପୂର୍ବରୁ ସମସ୍ତ ଦେଶ ସେମାନଙ୍କର ଛାତ୍ରଛାତ୍ରୀ ମାନଙ୍କ ନେଇଆସିଥିବା ବେଳେ ମୋଦିଙ୍କ ଅପାରଗତା ପାଇଁ ଭାରତୀୟ ଛାତ୍ର ରଷ-ୟୁକ୍ରେନ୍ ଯୁଦ୍ଧର ଭୟାନକ ପରିସ୍ଥିତିରେ କାଳ କାଟୁଛନ୍ତି । ଭାରତରେ ପ୍ରଧାନମନ୍ତ୍ରୀ ମୋଦି ଓ ବିଜେପି ଛାତ୍ର ଛାତ୍ରୀଙ୍କୁ ଫେରାଇ ଆଣିବାପାଇଁ କେବଳ ମିଡିଆରେ ବୟାନବାଜି କରୁଛନ୍ତି । ଏଠାରେ ପ୍ରଶ୍ନ ଉଠେ ଏଭଳି ପରିସ୍ଥିତିରେ ସୂଚନା ପାଇଁ ମୋଦି ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ଆଣିଲେନି କାହିଁକି ? ସେଠାରେ ଭାରତୀୟ ଛାତ୍ର ମୃତ୍ୟୁବରଣ କଲେଣି । ବଙ୍କର ଭିତରେ ଭୋକ ଉପାସରେ ପଡ଼ିଛନ୍ତି । ଭାରତୀୟ ପତାକା ଧରି ଜୀବନ ବିକଳରେ ଦଉଡୁଛନ୍ତି । ଏବେ ବିଶ୍ୱ ଦେଖୁଛି ମୋଦି କେତେ ଦୁର୍ବଳ ଓ ଅପାରଗ ପ୍ରଧାନମନ୍ତ୍ରୀ । ଯୁଦ୍ଧ ପରିସ୍ଥିତି ଆସିଲେ ମୋଦି କିପରି ଅକର୍ମା ହୋଇପଡ଼ିଛନ୍ତି ତାହାର ପ୍ରମାଣ ଏଠାରେ ମିଳୁଛି । ସେହିପରି ବିଶ୍ୱରେ କରୋନା ପରିସ୍ଥିତି ଭୟାବହ ଥିବାବେଳେ ମୋଦି ଭାରତବାସୀଙ୍କୁ ସଚେତନ କରେଇ ପାରିଲେନି । ସୁତରାଂ ମୋଦି ତୁରନ୍ତ ସମସ୍ତ ଭାରତୀୟ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟାବର୍ତନ କରେଇ ଆଣିବାକୁ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo